# ଧରିତ୍ରୀ
DHARITRI

ବ୍ରହ୍ମପୁର, ମଙ୍ଗଳବାର, ଏପ୍ରିଲ ୨୭/୨୦୨୧ (୧୨ ପୃଷ୍ଠା) | Berhampur, Tuesday, April 27/2021 | ★★★

୧୭ଶ ଭାଗ ୮୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## କୁମିନ୍ସ ଦେଲେ ୫୦ ହଜାର ଡଲାର

କୋଭିଡ୍ ବିରୋଧରେ ଲଢେଇ ପାଇଁ ପିଏମ୍ କେୟାର୍ସ ପାଣ୍ଠିକୁ ୫୦ ହଜାର ଡଲାର ଦାନ କରିଛନ୍ତି ଅଷ୍ଟ୍ରେଲୀୟ ପେସ୍ ବୋଲର ପ୍ୟାଟ୍ କୁମିନ୍ସ।

୧୨

୧୦

## ଯୋଦ୍ଧାଙ୍କୁ ଖାଦ୍ୟ ପଠାଇଲେ ସଲମାନ

ଅଭିନେତା ସଲମାନ ଖାନ ମହାମାରୀବେଳେ ମୁମ୍ବାଇର କରୋନା ଯୋଦ୍ଧାଙ୍କୁ ଜଳଖିଆ ପ୍ୟାକେଟ ବାଣ୍ଟିଛନ୍ତି।



# ରେମ୍‌ଡେସିଭିର୍ ଅଭାବ

ଭୁବନେଶ୍ୱର, ୨୬।୪(ବ୍ୟୁରୋ)

■ ଚିନ୍ତା ପ୍ରକଟ କଲେ ସ୍ୱାସ୍ଥ୍ୟ ବିଶେଷଜ୍ଞ
■ କଳାବଜାର, ବେଆଇନ ଗଚ୍ଛିତ ହେଉଛି




କରୋନା ଆକ୍ରାନ୍ତଙ୍କ ଚିକିତ୍ସାରେ ଏବେ ଦୁଇଟି ଔଷଧ ବ୍ୟବହାର କରାଯାଉଛି। ଗୋଟିଏ ହେଉଛି ଫାବିପିରାଭିର୍ ୨୦୦ଏମ୍‌ଜି ଟାବ୍‌ଲେଟ୍ ଓ ଅନ୍ୟଟି ହେଉଛି ରେମ୍‌ଡେସିଭିର୍ ୧୦୦ଏମ୍‌ଜି ଇଞ୍ଜେକ୍ସନ। ତେବେ ରାଜ୍ୟରେ ଏବେ ରେମ୍‌ଡେସିଭିର୍‌ର ଅଭାବ ଦେଖାଦେଇଛି। ମଧ୍ୟମରୁ ଗୁରୁତର ରୋଗୀଙ୍କ ପାଇଁ ଏହାକୁ ବ୍ୟବହାର କରାଯାଇଥାଏ। ଯେତେବେଳେ ରୋଗୀଙ୍କ ଅକ୍ସିଜେନ ସାଚୁରେଶନ ଖସିଥାଏ, ସେତେବେଳେ ରେମ୍‌ଡେସିଭିର୍ ଫଳପ୍ରଦ ହୋଇଥାଏ। ବର୍ତ୍ତମାନ ସାରା ଦେଶରେ ଆକ୍ରାନ୍ତ ଓ ମୃତ୍ୟୁ ସଂଖ୍ୟା ହୁ ହୁ ହୋଇ ବଢ଼ୁଛି। କରୋନାର ଦ୍ୱିତୀୟ ଲହରରେ ଆସିଥିବା ନୂଆ ଷ୍ଟ୍ରେନ୍ ରୋଗୀଙ୍କ ଶରୀରରେ ଅକ୍ସିଜେନ ସ୍ତରକୁ ଖସାଇ ଦେଉଥିବାରୁ ରେମ୍‌ଡେସିଭିର୍‌ର ଆବଶ୍ୟକତା ବଢ଼ି ଯାଇଛି। ଏପରିସ୍ଥିତିରେ କେତେକ ଘରୋଇ ହସ୍ପିଟାଲ ଓ ଷ୍ଟକିଷ୍ଟ ପଏଣ୍ଟରେ ଏହି ଇଞ୍ଜେକ୍ସନ ମିଳୁ ନ ଥିବାରୁ ରୋଗୀ ଚିକିତ୍ସା ଗୁରୁତର ପ୍ରଭାବିତ ହେଉଛି। ତେବେ ଷ୍ଟକିଷ୍ଟମାନେ ଅଧିକ ଦାମ୍‌ରେ ବାହାର ରାଜ୍ୟର ଘରୋଇ ହସ୍ପିଟାଲକୁ ବିକ୍ରି କରିବା ସହ ବେଆଇନ ମହଜୁଦ ରଖିଥିବା ମଧ୍ୟ ଅଭିଯୋଗ ଉଠୁଛି।

ଭୁବନେଶ୍ୱର ଏମ୍ସର ପୂର୍ବତନ ନିର୍ଦ୍ଦେଶକ ଡା. ଅଶୋକ ମହାପାତ୍ର କହିଛନ୍ତି, ଓଡ଼ିଶାରେ ଏହାର ଅଭାବ କେବେଠାରୁ ଦେଖାଦେଇସାରିଲାଣି। ସବୁ ଜାଗାରେ ରେମ୍‌ଡେସିଭିର୍ ଉପଲବ୍ଧ ନାହିଁ। ରାତି ଅଧରେ ବି ମୋତେ ଲୋକେ ଫୋନ୍ କରି କେଉଁଠି ମିଳୁଛି ବୋଲି ପଚାରୁଛନ୍ତି। ତେବେ ସମସ୍ତେ ଏହି ଔଷଧ ବ୍ୟବହାର କରିବା ଅନୁଚିତ। ଯେଉଁମାନଙ୍କର ଅନ୍ୟ କିଛି ରୋଗ ନ ଥିବ କିମ୍ବା ଯେଉଁମାନଙ୍କର ସ୍ୱାସ୍ଥ୍ୟ ପୂରା ଗୁରୁତର ଥିବ ସେମାନଙ୍କୁ ଏହି ଇଞ୍ଜେକ୍ସନ ଦେବାର ଆବଶ୍ୟକତା ନାହିଁ ବୋଲି ମହାପାତ୍ର କହିଛନ୍ତି।

ଅନ୍ୟପକ୍ଷରେ କଳାବଜାର ପାଇଁ ଏପରି ଅଭାବ ଦେଖାଦେଇଥିବା ସ୍ୱାସ୍ଥ୍ୟ ବିଶେଷଜ୍ଞ କହିଛନ୍ତି। କଟକ ଏସ୍‌ସିବି ମେଡିକାଲର ଭେଷଜ ବିଭାଗ ଡା. ଜୟନ୍ତ ପଣ୍ଡା କୁହନ୍ତି, ଓଡ଼ିଶାରେ କଳାବଜାର ହେଉଛି ଏବଂ ଓଡ଼ିଶାରୁ ବାହାରକୁ ମଧ୍ୟ ଔଷଧ ପଠାଯାଉଛି। ଯାହାର ଦାମ୍ ୨ହଜାର ଟଙ୍କା, ତାକୁ ୨୪/୨୫ହଜାର ଟଙ୍କାରେ ବିକ୍ରି କରୁଛନ୍ତି। ଆଗକୁ କାଳେ ରେମ୍‌ଡେସିଭିର୍ ସରିଯିବ, ତେଣୁ ବହୁତ ଲୋକ ଏବେଠାରୁ କିଣିକି ଘରେ ଗଚ୍ଛିତ ରଖୁଛନ୍ତି। ଔଷଧ ପାଇଁ ଲୋକେ ରାସ୍ତାରେ ଦୌଡ଼ିଲେ କଳାବଜାର ନିଶ୍ଚିତ ହେବ। କଳାବଜାରକାରୀମାନେ ନିଜ ଲାଭ ପାଇଁ କୃତ୍ରିମ ଅଭାବ ସୃଷ୍ଟି ☞ପୃଷ୍ଠା-୪

# ଇସି କରିଛି ହତ୍ୟା

ଚେନ୍ନାଇ,୨୬।୪



## ମାଡ୍ରାସ ହାଇକୋର୍ଟଙ୍କ ଭର୍ତ୍ସନା

■ କୋଭିଡ୍ ପ୍ରୋଟୋକଲ କାର୍ଯ୍ୟକାରୀ କରିବାରେ ଇସି ବିଫଳ
■ ସଂକ୍ରମଣ ବୃଦ୍ଧି ପାଇଁ କମିଶନ ଦାୟୀ
■ ନିର୍ବାଚନୀ ସଭା ବେଳେ ଇସି ଅନ୍ୟ ଗ୍ରହରେ ଥିଲେ କି
■ ୩୦ରେ ପରବର୍ତ୍ତୀ ଶୁଣାଣି

ଭାରତର ନିର୍ବାଚନ ଆୟୋଗ (ଇସିଆଇ) କୋଭିଡ୍-୧୯ ସଂକ୍ରମଣ ବିସ୍ତାର କରିଛନ୍ତି। ତେଣୁ ଦାୟିତ୍ୱହୀନତା ପାଇଁ ନିର୍ବାଚନ କମିଶନଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରାଯିବା ଉଚିତ ବୋଲି ସୋମବାର ମାଡ୍ରାସ୍ ହାଇକୋର୍ଟ ଭର୍ତ୍ସନା କରି କହିଛନ୍ତି। ଆସନ୍ତା ମେ' ୨ରେ ହେବାକୁ ଥିବା ଭୋଟ ଗଣତି ପୂର୍ବରୁ ଆୟୋଗ ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରନ୍ତୁ। ନଚେତ୍ ଗଣତିକୁ ବନ୍ଦ କରିଦିଆଯିବ ବୋଲି ହାଇକୋର୍ଟ କଡ଼ା ଚେତାବନୀ ଦେଇଛନ୍ତି।

ଦେଶରେ କରୋନା ଭୂତାଣୁର ଦ୍ୱିତୀୟ ଲହରକୁ ରୋକାଯାଇ ପାରି ନ ଥିବାରୁ ସ୍ୱାସ୍ଥ୍ୟ ଜରୁରୀ ପରିସ୍ଥିତି ସୃଷ୍ଟି ହୋଇଛି। ଲୋକେ ସଂକ୍ରମିତ ହୋଇ ମରୁଥିବାବେଳେ ଇସିଆଇ ନିର୍ବାଚନ ପରିଚାଳନା କରିବାରେ ସମ୍ପୂର୍ଣ୍ଣ ରୂପେ ବିଫଳ ହୋଇଛନ୍ତି। କୋଭିଡ୍-୧୯ ଗାଇଡ୍‌ଲାଇନ୍‌କୁ କମିଶନ କାର୍ଯ୍ୟକାରୀ କରାଇପାରି ନାହାନ୍ତି ବୋଲି କାଲକାଟା ହାଇକୋର୍ଟ ଭର୍ତ୍ସନା କରିବାର ୪ ଦିନ ପରେ ଅନୁରୂପ ଭାବେ କଡ଼ା ଆଭିମୁଖ୍ୟ ପ୍ରଦର୍ଶନ କରିଛନ୍ତି ମାଡ୍ରାସ୍ ହାଇକୋର୍ଟ। ତାମିଲନାଡୁ ପରିବହନ ମନ୍ତ୍ରୀ ଏମ୍.ଆର୍. ବିଜୟଭାସ୍କର ନିକଟରେ ମାଡ୍ରାସ୍ ହାଇକୋର୍ଟରେ ଏକ ପିଟିଶନ ଦାଏର କରିଥିଲେ। ତାଙ୍କ ନିର୍ବାଚନମଣ୍ଡଳୀ କରୁରରୁ ମୋଟ ୭୭ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିବାରୁ ମେ' ୨ ଭୋଟ ଗଣତି ଦିନ କୋଭିଡ୍ ନିୟମକୁ କଡ଼ାକଡ଼ି ପାଳନ କରିବା ପାଇଁ ଇସିଙ୍କୁ ନିର୍ଦ୍ଦେଶ ଦେବା ଲାଗି ସେ ଆବେଦନ କରିଥିଲେ। ମୁଖ୍ୟ ବିଚାରପତି ସଞ୍ଜୀବ ବାନାର୍ଜୀ ଓ ଜଷ୍ଟିସ୍ ସେନ୍ଥିଲକୁମାର ରାମାମୂର୍ତ୍ତିଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ପିଟିଶନର ଶୁଣାଣି କରି କହିଛନ୍ତି, କୋଭିଡ୍ ପ୍ରୋଟୋକଲ ଉଲ୍ଲଂଘନ କରିଥିବା ରାଜନୈତିକ ଦଳଗୁଡ଼ିକୁ ☞ପୃଷ୍ଠା-୪

## ସ୍ୱାଗତ କଲେ ମମତା



**କୋଲକାତା,୨୬।୪:** ସୋମବାର ମାଡ୍ରାସ୍ ହାଇକୋର୍ଟ ଦେଇଥିବା ରାୟକୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସ୍ୱାଗତ କରିଛନ୍ତି। ଏହାସହ କୋଭିଡ୍ ସଂକ୍ରମିତ କେନ୍ଦ୍ରୀୟ ବଳ ଯବାନମାନଙ୍କୁ ପଶ୍ଚିମବଙ୍ଗର ପରବର୍ତ୍ତୀ ପର୍ଯ୍ୟାୟ ମତଦାନବେଳେ ହଟାଯାଉ ବୋଲି ଦାବି କରିଛନ୍ତି। ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ନିର୍ବାଚନ କମିଶନ ଦାୟୀ। ଇସି ନିଜ ଦାୟିତ୍ୱରୁ ଖସିପାରିବେ ନାହିଁ ବୋଲି ଏକ ସଭାକୁ ସମ୍ବୋଧିତ କରି ତୃଣମୂଳ କଂଗ୍ରେସ ସୁପ୍ରିମୋ ସମାଲୋଚନା କରିଛନ୍ତି।

## ପୂର୍ବତନ ଏମ୍‌ପି ସୁଗ୍ରୀବ ସିଂଙ୍କ ପରଲୋକ

### ମୁଖ୍ୟମନ୍ତ୍ରୀଙ୍କ ଶୋକ



ଭୁବନେଶ୍ୱର, (ବ୍ୟୁରୋ)/ ଫୁଲବାଣୀ ଅଫିସ, ୨୬।୪: ପୂର୍ବତନ ଏମ୍‌ପି ସୁଗ୍ରୀବ ସିଂଙ୍କର ସୋମବାର ଅପରାହ୍ନରେ ପରଲୋକ ହୋଇଛି। ସେ କୋଭିଡ୍-୧୯ରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୫୮ ବର୍ଷ ହୋଇଥିଲା। ସୁଗ୍ରୀବ ୨୦୦୪ରେ ଫୁଲବାଣୀ ଲୋକ ସଭା ଆସନରୁ ବିଜେଡି ଟିକେଟରେ ବିଜୟୀ ହୋଇଥିଲେ। ସେ ୧୯୬୩ ଅଗଷ୍ଟ ପହିଲାରେ କନ୍ଧମାଳ ଜିଲା ଦାରିଙ୍ଗବାଡିରେ ଜନ୍ମଗ୍ରହଣ କରିଥିଲେ। ରାଜନୈତିକ ଜୀବନ ଆରମ୍ଭ କରିବା ପୂର୍ବରୁ ସେ କିଛିବର୍ଷ 'ଧରିତ୍ରୀ'ର ସରକାରୀ ସ୍ୱୀକୃତିପ୍ରାପ୍ତ ଜିଲା ଖବରଦାତା ଭାବେ କାର୍ଯ୍ୟ କରିଥିଲେ। ପରେ ରାଜନୀତିରେ ଯୋଗଦେଇ ଫୁଲବାଣୀ ଏନ୍‌ଏସିରେ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କର ଏହି ଅକାଳ ☞ପୃଷ୍ଠା-୪

# ଆଜିଠୁ ସରକାରୀ ସ୍କୁଲରେ ନାମଲେଖା

ଭୁବନେଶ୍ୱର,୨୬।୪(ବ୍ୟୁରୋ)

### ମେ' ୩୧ ସୁଦ୍ଧା ସାରିବାକୁ ନିର୍ଦ୍ଦେଶ

୨୦୨୧-୨୨ ଶିକ୍ଷାବର୍ଷ ପାଇଁ ରାଜ୍ୟର ପ୍ରାଥମିକ ଓ ମାଧ୍ୟମିକ ସ୍କୁଲରେ ମଙ୍ଗଳବାରଠାରୁ ନାମଲେଖା ଆରମ୍ଭ ହେବ। ମେ' ୩୧ ସୁଦ୍ଧା ସମସ୍ତ ସ୍କୁଲରେ ନାମଲେଖା କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ସୋମବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ ରଘୁରାମ ଆର୍ ଆୟର ସମସ୍ତ ଜିଲା ଶିକ୍ଷାଧିକାରୀ, ଜିଲା ପ୍ରକଳ୍ପ ସଂଯୋଜକ ଓ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ଚିଠି ଲେଖିଛନ୍ତି। ପ୍ରତ୍ୟେକ କାର୍ଯ୍ୟ ଦିବସରେ ସକାଳ ୭ଟାରୁ ୯ଟା ୩୦ ପର୍ଯ୍ୟନ୍ତ ନାମଲେଖା ଚାଲିବ। ଏକ ସମୟରେ ୫ ଜଣରୁ ଅଧିକ ଅଭିଭାବକଙ୍କୁ ସ୍କୁଲରେ ପ୍ରବେଶ କରିବାକୁ ମନା କରାଯାଇଛି। ନାମଲେଖା ସଂକ୍ରାନ୍ତରେ ଶିକ୍ଷା ସଂଯୋଗ ହ୍ୱାଟ୍ସ ଆପ୍ ଜରିଆରେ ଅଭିଭାବକଙ୍କୁ ଜଣାଇବାକୁ କୁହାଯାଇଛି। କୋଭିଡ୍ ଗାଇଡ୍‌ଲାଇନ୍ ମାନି ନାମଲେଖା ପ୍ରକ୍ରିୟା ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ, କରୋନା ମହାମାରୀ ଯୋଗୁ ଗତ ଶିକ୍ଷାବର୍ଷରୁ ପ୍ରାଥମିକ ଓ ☞ପୃଷ୍ଠା-୪

# ଏବେ ବ୍ୟାଙ୍କ ସେବା ୧୦ରୁ ୨

ଭୁବନେଶ୍ୱର,୨୬।୪(ବ୍ୟୁରୋ)


କୋଭିଡ୍-୧୯ମହାମାରୀ ସଂକ୍ରମଣ ରାଜ୍ୟରେ ଦ୍ରୁତ ବେଗରେ ମାଡି ଚାଲିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ରାଜ୍ୟରେ ବ୍ୟାଙ୍କ ସେବା ସମୟକୁ ହ୍ରାସ କରିଛନ୍ତି। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଗ୍ରାହକଙ୍କ ଲାଗି ସକାଳ ୧୦ଟାରୁ ଦିନ ୨ଟା ଯାଏ ବ୍ୟାଙ୍କ ଖୋଲା ରହିବ। ତେବେ ବ୍ୟାଙ୍କ ସେବା ସକାଳ ୧୦ଟାରୁ ୪ଟା ଯାଏ ଜାରି ରହିବ। ଏହି ନୂତନ କାର୍ଯ୍ୟସୂଚୀ ଏପ୍ରିଲ ୨୬ରୁ ମେ' ୧୫ ଯାଏ କାର୍ଯ୍ୟକାରୀ ହେବ। ଏ ନେଇ ସୋମବାର ରାଜ୍ୟ ଅର୍ଥ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି (ଏସ୍‌ଏଲ୍‌ବିସି)କୁ ଜଣାଇ ଦିଆଯାଇଛି। ଏହି ସମୟରେ ଉଭୟ ଗ୍ରାହକ ଓ କର୍ମଚାରୀମାନେ ସରକାରଙ୍କ କୋଭିଡ୍-୧୯ ଗାଇଡ୍‌ଲାଇନକୁ ପାଳନ ସହ ସାମାଜିକ ଦୂରତା ଓ ମାସ୍କ ବ୍ୟବହାରକୁ ଗୁରୁତ୍ୱ ଦେବାକୁ ବ୍ୟାଙ୍କଗୁଡ଼ିକୁ କୁହାଯାଇଛି।

ଅର୍ଥ ବିଭାଗର ଉକ୍ତ ଚିଠିରେ କୁହାଯାଇଛି ଯେ, ପ୍ରଶାସନିକ କାର୍ଯ୍ୟାଳୟ ଏବଂ ବ୍ୟାଙ୍କର ଶାଖାଗୁଡ଼ିକ ରୋଟେଶନ୍ ଭିତ୍ତିରେ ୫୦% କର୍ମଚାରୀଙ୍କୁ ନେଇ କାର୍ଯ୍ୟ କରିବେ। କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସମସ୍ତ ସହରାଞ୍ଚଳରେ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଶନିବାର ସହରାଞ୍ଚଳଗୁଡ଼ିକରେ ଶଟ୍‌ଡାଉନ୍ ଲାଗୁ ହୋଇଥିବାରୁ ବ୍ୟାଙ୍କର ସମସ୍ତ ସହରାଞ୍ଚଳ ଶାଖା ଏବଂ କାର୍ଯ୍ୟାଳୟଗୁଡ଼ିକ ବନ୍ଦ ରଖିବାକୁ ପରାମର୍ଶ ଦିଆଯାଇଛି। ଆସନ୍ତା ମେ' ୧୫ ତାରିଖ ପର୍ଯ୍ୟନ୍ତ ଏହା ଲାଗୁ ରହିବ। ପରବର୍ତ୍ତୀ ସମୟରେ ପରିସ୍ଥିତିକୁ ଦେଖି ନିଷ୍ପତ୍ତି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ହତ୍ୟାକାରୀ ନିର୍ବାଚନ ଆୟୋଗ

# ବାଜିମାରିଲା 'ନୋମାଡଲାଣ୍ଡ୍'




## ୯୩ତମ ଓସ୍କାର ସମାରୋହ

ଲସ୍ ଏଞ୍ଜେଲ୍ସ, ୨୬।୪

■ ଫିଚର ଫିଲ୍ମ 'ମାଇ ଅକ୍ଟୋପସ୍ ଟିଚର'କୁ ଓସ୍କାର
■ କ୍ଲୋଇ ଚାଓ ଶ୍ରେଷ୍ଠ ନିର୍ଦ୍ଦେଶକ
■ ଶ୍ରେଷ୍ଠ ଅଭିନେତ୍ରୀ ମାକ୍‌ଡରମାଣ୍ଡ

କରୋନା ମହାମାରୀ ମଧ୍ୟରେ ଆମେରିକାର ଲସ୍ ଏଞ୍ଜେଲ୍ସଠାରେ ଅନୁଷ୍ଠିତ ହୋଇଯାଇଛି ୯୩ ତମ ଏକାଡେମୀ ପୁରସ୍କାର ବା ଓସ୍କାର ଆୱାର୍ଡ ସମାରୋହ। ରବିବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏଥର ଏକାଧିକ ଓସ୍କାର ହାତେଇ ବାଜିମାରିଛି ଫିଲ୍ମ 'ନୋମାଡଲାଣ୍ଡ'। ସର୍ବଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ 'ନୋମାଡଲାଣ୍ଡ'କୁ ଓସ୍କାର ମିଳିଛି। ଏହାର ନିର୍ଦ୍ଦେଶନା ଦେଇଥିବା କ୍ଲୋଇ ଚାଓ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ଓସ୍କାର ହାସଲ କରିଛନ୍ତି। ୨୦୧୦ରେ କାଥରିନ୍ ବିଗେଲୋଙ୍କ ପରେ ଚାଇନାରୁ ଆମେରିକା ଆସିଥିବା କ୍ଲୋଇ ଚାଓ ଜଣେ ମହିଳାଭାବେ ଏହି ପୁରସ୍କାର ବିଜୟିନୀ ହେବାରେ ଦ୍ୱିତୀୟ। ଫିଲ୍ମରେ ପ୍ରମୁଖ ଭୂମିକାରେ ଥିବା ଫ୍ରାନ୍ସେସ୍ ମାକ୍‌ଡରମାଣ୍ଡ ସର୍ବଶ୍ରେଷ୍ଠ ଅଭିନେତ୍ରୀ ଭାବେ ଓସ୍କାର ହାତେଇଛନ୍ତି।

ବର୍ଷୀୟାନ କଳାକାର ଆନ୍ଥୋନି ହପ୍‌କିନ୍ସ ରିଲେଶନଶିପ୍ ଡ୍ରାମା ଫିଲ୍ମ 'ଦି ଫାଦର' ପାଇଁ ଶ୍ରେଷ୍ଠ ☞ପୃଷ୍ଠା-୪




## ସଂକ୍ଷେପରେ

### ସିଜେଆଇଙ୍କ ନାମରେ ଜାଲ୍ ଟୁଇଟର ଆକାଉଣ୍ଟ



**ନୂଆଦିଲ୍ଲୀ, ୨୬।୪:** ଭାରତର ୪୮ତମ ପ୍ରଧାନ ବିଚାରପତି (ସିଜେଆଇ) ଭାବେ ଶନିବାର ଶପଥ ଗ୍ରହଣ କରିଥିବା ଜଷ୍ଟିସ୍ ଏନ୍.ଭି. ରମାନାଙ୍କର ଟୁଇଟର କିମ୍ବା ଅନ୍ୟ କୌଣସି ସୋସିଆଲ ମିଡିଆରେ ଆକାଉଣ୍ଟ ନାହିଁ। କେହି ଜଣେ ତାଙ୍କ ନାମରେ ଜାଲ୍ ଟୁଇଟର ଆକାଉଣ୍ଟ ଖୋଲି ଭୁଲ୍ ବାର୍ତ୍ତା ଛାଡ଼ିଥିଲେ। ଏହା ବିରୋଧରେ ସିଜେଆଇ ସୋମବାର ପୋଲିସରେ ଅଭିଯୋଗ କରିଛନ୍ତି। ଉକ୍ତ ଜାଲ୍ ଆକାଉଣ୍ଟରେ ଲେଖାଥିଲା, ଅଜିତ ଡୋଭାଲଙ୍କ କୂଟନୀତି ଯୋଗୁ ଆମେରିକା ଭାରତକୁ ଟିକା ପ୍ରସ୍ତୁତି ନିମନ୍ତେ କଞ୍ଚାମାଲ ଯୋଗାଇବାକୁ ନିଷ୍ପତ୍ତି ନେଲା। କିଛି ସମୟ ପରେ ଉକ୍ତ ବାର୍ତ୍ତାକୁ ଲିଭାଇ ଦିଆଯିବା ସହ ଆକାଉଣ୍ଟକୁ ବନ୍ଦ କରିଦିଆଯାଇଥିଲା।

### ସୁପ୍ରିମକୋର୍ଟରେ ଆଗୁଆ ଗ୍ରୀଷ୍ମଛୁଟି

ନୂଆଦିଲ୍ଲୀ, ୨୬।୪(ପି.ଟି.)
କରୋନା ସଂକ୍ରମଣ ବଢ଼ୁଥିବାରୁ ସର୍ବୋଚ୍ଚ ଅଦାଲତ ଆଗୁଆ ଗ୍ରୀଷ୍ମଛୁଟି କରିବାକୁ ସୋମବାର ନିଷ୍ପତ୍ତି ନେଇଛନ୍ତି। ମେ' ୮ରୁ ସୁପ୍ରିମକୋର୍ଟରେ ଗ୍ରୀଷ୍ମାବକାଶ ଆରମ୍ଭ ହେବ। ପ୍ରଧାନ ବିଚାରପତି ଏନ୍.ଭି. ରମାନାଙ୍କ ପ୍ରଥମ କାର୍ଯ୍ୟଦିବସରେ ସୁପ୍ରିମକୋର୍ଟ ବାର୍ ଆସୋସିଏଶନ, ଆଡଭୋକେଟ ଅନ୍ ରେକର୍ଡ ଆସୋସିଏଶନ ଏବଂ ବାର୍ କାଉନସିଲ ଅଫ୍ ଇଣ୍ଡିଆ ସହ ଜରୁରୀ ବୈଠକ କରିଥିଲେ। ବୈଠକରେ କୋଭିଡ୍ ସ୍ଥିତି ସମ୍ପର୍କରେ ଆଲୋଚନା ହେବା ପହ ମେ' ୧୪ ପରିବର୍ତ୍ତେ ୮ରୁ ଜୁନ୍ ୨୭ ପର୍ଯ୍ୟନ୍ତ ଗ୍ରୀଷ୍ମାବକାଶ ପାଇଁ ନିଷ୍ପତ୍ତି ହୋଇଥିଲା ବୋଲି ବରିଷ୍ଠ ଆଇନଜୀବୀ ତଥା ଏସ୍‌ସିବିଏ ଅଧକ୍ଷ ବିକାଶ ସିଂ କହିଛନ୍ତି। ସୁପ୍ରିମକୋର୍ଟ ବିଲ୍ଡିଂର ନୂଆ ଚାମ୍ବରରେ କୋଭିଡ୍ କେୟାର ସେଣ୍ଟର ଖୋଲିବା ପାଇଁ ସିଜେଆଇ ନୀତିଗତ ଅନୁମୋଦନ ଦେଇଥିବା ସେ କହିଛନ୍ତି।

### ପଶ୍ଚିମବଙ୍ଗ ପ୍ରଚାର ଥମିଲା
### ୩୪ ଆସନରେ ୭୫.୬% ମତଦାନ


**କୋଲକାତା, ୨୬।୪:** ସର୍ବାଧିକ ୮ ପର୍ଯ୍ୟାୟ ବିଶିଷ୍ଟ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପାଇଁ ସୋମବାର ପ୍ରଚାର ଶେଷ ହୋଇଛି। ଏହାସହ ସପ୍ତମ ପର୍ଯ୍ୟାୟରେ ୫ ଜିଲାର ୩୪ ଆସନରେ ଶାନ୍ତିପୂର୍ଣ୍ଣ ଭାବେ ଭୋଟ ଗ୍ରହଣ କରାଯାଇଛି। ସକାଳ ୭ଟାରୁ ସନ୍ଧ୍ୟା ୫ଟା ମଧ୍ୟରେ ୧୨,୦୬୮ ପୋଲିଂ ବୁଥ୍‌ରେ ୭୫.୦୬% ମତଦାନ ହୋଇଥିବା ନିର୍ବାଚନ କମିଶନଙ୍କ ସୂତ୍ରରୁ ପ୍ରକାଶ। ଏପ୍ରିଲ ୨୯ରେ ଚୂଡ଼ାନ୍ତ ପର୍ଯ୍ୟାୟ ମତଦାନ ହେବ। ଏହି ଦିନ ୩୫ ଆସନ ପାଇଁ ୮୪,୭୭,୭୨୮ ମତଦାତା ଭୋଟ ଦେଇ ୨୮୩ ପ୍ରାର୍ଥୀଙ୍କ ଭାଗ୍ୟ ସ୍ଥିର କରିବେ।

### ଦୀପ୍ ସିଦ୍ଧୁଙ୍କୁ ଜାମିନ



**ନୂଆଦିଲ୍ଲୀ, ୨୬।୪(ପି.ଟି.):** ନୂଆଦିଲ୍ଲୀର ଲାଲ୍‌କିଲାରେ ସାଧାରଣତନ୍ତ୍ର ଦିବସ ହିଂସାକାଣ୍ଡରେ ସମ୍ପୃକ୍ତି ଅଭିଯୋଗରେ ଗିରଫ ହୋଇଥିବା ଅଭିନେତା ତଥା କାର୍ଯ୍ୟକର୍ତ୍ତା ଦୀପ୍ ସିଦ୍ଧୁଙ୍କୁ ଦିଲ୍ଲୀର ଏକ ଅଦାଲତ ସୋମବାର ଜାମିନ ମଞ୍ଜୁର କରିଛନ୍ତି। ହିଂସାକାଣ୍ଡରେ ଲାଲକିଲାର କିଛି ଅଂଶ କ୍ଷତିଗ୍ରସ୍ତ ହୋଇଥିବାରୁ ଭାରତର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍‌ଆଇ) ଅଭିଯୋଗ କ୍ରମେ ତାଙ୍କୁ ଗିରଫ କରାଯାଇଥିଲା। ୨୫,୦୦୦ ଟଙ୍କା ବ୍ୟକ୍ତିଗତ ମୁଚାଲିକା ଏବଂ ସମ ପରିମାଣର ସିଓରିଟି ବଣ୍ଡ୍ ଦାଖଲ କରି ଜାମିନରେ ଯିବାକୁ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ ସାହିଲ ଗୁପ୍ତା କହିଥିଲେ। ତଦନ୍ତ ପାଇଁ ଯେତେବେଳେ ଡକାଯିବ ହାଜର ହେବା ଲାଗି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

## ଛୁଆକୁ ହରାଇ କାନ୍ଦିଲା ପେଙ୍ଗୁଇନ୍



ଛୁଆର ମୃତ୍ୟୁ ପରେ ପେଙ୍ଗୁଇନ୍ କାନ୍ଦିବାର ଏକ ଭିଡିଓ ସୋସିଆଲ ମିଡିଆରେ ସମସ୍ତଙ୍କୁ ଭାବୁକ କରିଛି। ଭାରତୀୟ ବନ୍ୟ ସେବା ପକ୍ଷରୁ ସୁଶାନ୍ତ ନନ୍ଦ ସୋମବାର ଏହାର ଏକ ଭିଡିଓ କ୍ଲିପ୍ ଟୁଇଟ୍ କରିଛନ୍ତି। ୨୫ ସେକେଣ୍ଡର ଏହି କ୍ଲିପ୍‌ରେ ଦୁଇଟି ପେଙ୍ଗୁଇନ୍ ମୃତ ଛୁଆ ନିକଟରେ ଛିଡ଼ା ହୋଇଛନ୍ତି। ମା' ପେଙ୍ଗୁଇନ୍ ବାରମ୍ବାର ଛୁଆଟିକୁ ହଲାଇବା ସହ ଥଣ୍ଟରେ ଉଠାଉଛି। ଛୁଆ ନ ଉଠିବାକୁ ସେ ସେଠାରେ ତଳକୁ ବେକ ଓହଳାଇ ଛିଡ଼ା ହୋଇଛି। ପରେ ସେଠାରେ ଥିବା ଆଉ ଏକ ପେଙ୍ଗୁଇନ୍ ତାକୁ ସାନ୍ତ୍ୱନା ଦେବା ଭଳି ଦୃଶ୍ୟ ଭିଡିଓରେ ରହିଛି। ଦୁଇଟି ପେଙ୍ଗୁଇନ୍ ସେମାନଙ୍କ ଶାବକର ମୃତ୍ୟୁରେ ଶୋକ କରୁଛନ୍ତି ବୋଲି ସୁଶାନ୍ତ ଟୁଇଟ୍‌ରେ ଲେଖିଛନ୍ତି।

## ଜରିମାନା ଦେଲେ ପ୍ରଧାନମନ୍ତ୍ରୀ



କରୋନା ସଂକ୍ରମଣରୁ ବର୍ତ୍ତିବା ପାଇଁ ମାସ୍କ ଅପରିହାର୍ଯ୍ୟ ହୋଇଥିବାବେଳେ ଏହି ନିୟମ ଉଲ୍ଲଂଘନ କରିଛନ୍ତି ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ପ୍ରୟୁତ୍ ଚାନ୍-ଓ-ଚା। ଏଥିପାଇଁ ଦଣ୍ଡ ସ୍ୱରୂପ ତାଙ୍କୁ ୬ ହଜାର ବହଟ୍ ବା ପ୍ରାୟ ୧୪ ହଜାର ଟଙ୍କା ଜରିମାନା ହୋଇଛି। ପ୍ରୟୁତ ବିନା ମାସ୍କରେ ଏକ ବୈଠକରେ ଯୋଗ ଦେଇଥିଲେ। ଏହାର ଫଟୋ ସୋମବାର ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ବ୍ୟାଙ୍କକକ୍ ଗର୍ଭନର ଅଶ୍ୱିନ କ୍ୱାନମୋଙ୍ଗ୍ ଘଟଣା ଜାଣିବା ପରେ ପ୍ରଧାନମନ୍ତ୍ରୀଙ୍କ ନାମରେ ମାମଲା କରିବା ସହ ଜରିମାନା ଭରିବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ପ୍ରୟୁତ୍ ଜରିମାନା ଦେବାକୁ ରାଜି ହୋଇଥିବା ଗଭର୍ନର ତାଙ୍କ ଫେସ୍‌ବୁକ ପୋଷ୍ଟରେ ଜଣାଇଛନ୍ତି।

# ବଢ଼ିବ କଣ୍ଟେନମେଣ୍ଟ ଜୋନ୍
## ଦିନକରେ ୩.୫୨ ଲକ୍ଷ ସଂକ୍ରମିତ, ୨,୮୧୨ ମୃତ

ନୂଆଦିଲ୍ଲୀ, ୨୬।୪




ଦେଶରେ କରୋନା ସଂକ୍ରମଣ ଦ୍ରୁତ ବେଗରେ ମାଡ଼ିଚାଲିଥିବାବେଳେ ଏହାକୁ ରୋକିବା ପାଇଁ କେନ୍ଦ୍ର ସରକାର ସୋମବାର ରାଜ୍ୟଗୁଡ଼ିକ ପାଇଁ ସବିଶେଷ କଣ୍ଟେନମେଣ୍ଟ ଯୋଜନା ଜାରି କରିଛନ୍ତି।

ଭାରତରେ ଗୋଟିଏ ଦିନରେ ସର୍ବାଧିକ ୩,୫୨,୯୯୧ ଜଣ କରୋନା ପଜିଟିଭ୍ ଚିହ୍ନଟ ହେବା ସହ ୨,୮୧୨ ଜଣଙ୍କ ଜୀବନ ଯାଇଛି। ଏହାକୁ ମିଶାଇ ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧,୭୩,୧୩,୧୬୩ରେ ପହଞ୍ଚିଥିବାବେଳେ ସକ୍ରିୟ ମାମଲା ସଂଖ୍ୟା ୨୮ ଲକ୍ଷ ଅତିକ୍ରମ କରିଛି। ସେହିପରି ସୋମବାର ସକାଳ ସୁଦ୍ଧା ଦେଶରେ କୋଭିଡ୍-୧୯ ଜନିତ ମୃତ୍ୟୁସଂଖ୍ୟା ୧,୯୫,୧୨୩ରେ ପହଞ୍ଚିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। କ୍ରମାଗତ ଭାବେ ୫ ଦିନ ହେଲା ଦୈନିକ ସଂକ୍ରମଣ ୩ ଲକ୍ଷରୁ ଅଧିକ ରହିଛି। ଫଳରେ ସକ୍ରିୟ ମାମଲା ସଂଖ୍ୟା ୨୮,୧୩,୬୫୮କୁ ବୃଦ୍ଧି ପାଇଛି। ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ସ୍ୱରାଷ୍ଟ୍ର ସଚିବ ଅଜୟ ଭାଲ୍ଲା ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ପତ୍ର ଲେଖିଛନ୍ତି। କୋଭିଡ୍ ପରିଚାଳନାକୁ କଡ଼ାକଡ଼ି କରିବା ସହ ଅଧିକ ପ୍ରଭାବିତ ଅଞ୍ଚଳରେ ସଂକ୍ରମଣକୁ ନିୟନ୍ତ୍ରଣ ମଧ୍ୟକୁ ଆଣିବା ଲାଗି କଣ୍ଟେନମେଣ୍ଟ ଉପରେ ଗୁରୁତ୍ୱ ଦେବାକୁ ସେ କହିଛନ୍ତି। କେନ୍ଦ୍ର ଗାଇଡ୍‌ଲାଇନ ଅନୁଯାୟୀ ଯେଉଁଠି ଅତ୍ୟଧିକ ସଂକ୍ରମଣ ହେଉଛି, ସେଠାରେ ଆକ୍ରାନ୍ତ କିମ୍ବା ତାଙ୍କ ପରିବାରକୁ କ୍ୱାରାଣ୍ଟାଇନରେ ରଖିଦେଲେ ଚଳିବ ନାହିଁ। ଉକ୍ତ ଅଞ୍ଚଳକୁ ସ୍ପଷ୍ଟ ବାଉଣ୍ଡାରି ସହ କଣ୍ଟେନମେଣ୍ଟ ଜୋନ୍ କରିବାକୁ ହେବ। ସଂକ୍ରମଣ ଯେପରି ଉକ୍ତ ଅଞ୍ଚଳ ବାହାରକୁ ନ ଯାଏ ସେଥିପାଇଁ କଡ଼ା ନିୟନ୍ତ୍ରଣ ବ୍ୟବସ୍ଥା ଗ୍ରହଣ କରିବାକୁ ପଡ଼ିବ। ସଂକ୍ରମଣ ସ୍ଥିତିକୁ ଦେଖି ସହର, ଜିଲା ଭଳି ବୃହତ ଅଞ୍ଚଳକୁ ଆବଦ୍ଧାଞ୍ଚଳ କରାଯାଇପାରିବ। ସପ୍ତାହେ ମଧ୍ୟରେ ଗୋଟିଏ ଅଞ୍ଚଳରେ ପଜିଟିଭ୍ ହାର ୧୦ ପ୍ରତିଶତ କିମ୍ବା ଏହାଠାରୁ ଅଧିକ ଥିଲେ ଏବଂ ହସ୍ପିଟାଲ ବେଡ୍‌ର ୬୦%ରୁ ଅଧିକ ପୂରଣ ହୋଇଥିଲେ ସେଠାରେ ଏଭଳି କଟକଣା ଲଗାଯାଇପାରିବ। ଆବଦ୍ଧାଞ୍ଚଳରେ ସ୍ଥାନୀୟ ପ୍ରଶାସନ ରାତ୍ର କର୍ଫ୍ୟୁ ଲଗାଇବା ସହ ଅଧିକ ଲୋକ ଏକାଠି ନ ହେବା ପାଇଁ ସାମାଜିକ ଓ ଜନସମାଗମକୁ ନିଷେଧ କରାଯିବ। ଉକ୍ତ ଅଞ୍ଚଳର ସମସ୍ତ ଶପିଂ କମ୍ପ୍ଲେକ୍ସ, ସିନେମା ହଲ୍, ରେଷ୍ଟୁରାଣ୍ଟ ଓ ବାର୍, ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ଜିମ୍, ସ୍ପା, ସୁଇମିଂ ପୁଲ୍, ଧର୍ମସ୍ଥାନ ଆଦିକୁ ବନ୍ଦ ରଖିବା ଲାଗି କୁହାଯାଇଛି। ସେହିପରି ଅଳ୍ପ କର୍ମଚାରୀରେ ଅଫିସ ଚଳାଇବା ସହ ବିବାହ ଓ ଅନ୍ତ୍ୟେଷ୍ଟି କ୍ରିୟାରେ ସୀମିତ ଲୋକଙ୍କୁ ଅନୁମତି ଦେବାକୁ କୁହାଯାଇଛି। କଟକଣା ଅନ୍ୟୂନ ୧୪ ଦିନ ଲାଗୁ ହେବା ଆବଶ୍ୟକ। କଣ୍ଟେନମେଣ୍ଟ ଘୋଷଣା କରିବା ପୂର୍ବରୁ ସର୍ବସାଧାରଣରେ ଏ ସମ୍ପର୍କରେ ଘୋଷଣା କରିବାକୁ ହେବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

### ୩ ପ୍ରକାର ଆବଦ୍ଧାଞ୍ଚଳ

ସଂକ୍ରମଣର ଶୃଙ୍ଖଳକୁ ଭାଙ୍ଗିବାକୁ ହେଲେ ନିର୍ଦ୍ଦିଷ୍ଟ ଜିଲା ଓ ଅଞ୍ଚଳ ପାଇଁ ଇଣ୍ଟେନସିଭ୍, ଲୋକାଲ ଏବଂ ଫୋକସ୍‌ଡ କଣ୍ଟେନମେଣ୍ଟ ବ୍ୟବସ୍ଥା କରିବା ଜରୁରୀବୋଲି ରାଜ୍ୟଗୁଡ଼ିକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।



ଗାଜିଆବାଦର ଏକ ଶ୍ମଶାନରେ ସୋମବାର ଗଣ ଶବଦାହ ବେଳର ଦୃଶ୍ୟ।

### କର୍ଣ୍ଣାଟକରେ ୨ ସପ୍ତାହ ଲକ୍‌ଡାଉନ

ବେଙ୍ଗାଲୁରୁ, ୨୬।୪

କର୍ଣ୍ଣାଟକରେ ମଙ୍ଗଳବାରଠାରୁ ଦୁଇସପ୍ତାହ ଲକ୍‌ଡାଉନ ଘୋଷଣା କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ୩୪,୦୦୦ରୁ ଊର୍ଦ୍ଧ୍ୱ ନୂଆ ପଜିଟିଭ୍ ଚିହ୍ନଟ ହେବା ପରେ କର୍ଣ୍ଣାଟକ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ମଙ୍ଗଳବାର ରାତି ୯ରୁ ୧୪ ଦିନ ଲକ୍‌ଡାଉନ ଜାରି ରହିବ। ଅତ୍ୟାବଶ୍ୟକ ସାମଗ୍ରୀ ଓ ସେବା ସକାଳ ୬ରୁ ୧୦ଟା ମଧ୍ୟରେ ଉପଲବ୍ଧ ହେବ। ଏହା ପରେ ଦୋକାନଗୁଡ଼ିକୁ ବନ୍ଦ କରିଦିଆଯିବ। ସାଧାରଣ ପରିବହନକୁ ଅନୁମତି ମିଳିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା କହିଛନ୍ତି।



## ବୁର୍ଜ ଖଲିଫାରେ ତ୍ରିରଙ୍ଗା

ଭାରତରେ କରୋନା ସଂକ୍ରମିତଙ୍କ ପ୍ରତି ସମବେଦନା ଜଣାଇଛି ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)। ଦୁବାଇରେ ଥିବା ସବୁଠାରୁ ଉଚ୍ଚତମ ବିଲ୍ଡିଂ ବୁର୍ଜ ଖଲିଫାକୁ ରବିବାର ଭାରତର ଜାତୀୟ ପତାକା ତ୍ରିରଙ୍ଗା ରଙ୍ଗରେ ଉଜ୍ଜ୍ୱଳିତ କରାଯାଇଥିଲା। ୟୁଏଇ ପକ୍ଷରୁ ଟୁଇଟରରେ ଏହାର ଏକ ଭିଡିଓ ପୋଷ୍ଟ କରାଯାଇଛି। ଭାରତ ସହ ବନ୍ଧୁ ରାଷ୍ଟ୍ରଭାବେ ୟୁଏଇ ସର୍ବଦା ରହିଛି। କରୋନା ସହ ଲଢୁଥିବା ଯୁଦ୍ଧରେ ଭାରତ ଶୀଘ୍ର ବିଜୟ ହାସଲ କରୁବୋଲି ଭିଡିଓର କ୍ୟାପ୍‌ସନରେ ଉଲ୍ଲେଖ କରାଯାଇଛି।

## ଘରେ ବି ମାସ୍କ ପିନ୍ଧିବାକୁ ହେବ

ନୂଆଦିଲ୍ଲୀ, ୨୬।୪(ପି.ଟି.)



କରୋନା ସଂକ୍ରମଣ ଦ୍ୱିତୀୟ ଲହର ଭୟଙ୍କର ଭାବେ ମାଡ଼ିଚାଲିଥିବାବେଳେ ଏବେ ଘରେ ମାସ୍କ ପିନ୍ଧିବାର ସମୟ ଆସିଛି ବୋଲି କେନ୍ଦ୍ର ସରକାର ସୋମବାର କହିଛନ୍ତି। କୌଣସି ଅତିଥିଙ୍କୁ ଘରକୁ ନ ଡାକିବା ଏବଂ ଜରୁରୀ ନ ଥିଲେ ଘରୁ ନ ବାହାରିବା ପାଇଁ ସରକାର ପରାମର୍ଶ ଦେଇଛନ୍ତି। ଘରେ ଯଦି କରୋନା ସଂକ୍ରମିତ ବ୍ୟକ୍ତି ଅଛନ୍ତି, ତେବେ ପରିବାରର ଅନ୍ୟମାନଙ୍କୁ ସଂକ୍ରମଣ ନ ହେବା ପାଇଁ ସେ ମାସ୍କ ପିନ୍ଧିବା ଜରୁରୀ ବୋଲି ଏକ ଖବରଦାତା ସମ୍ମିଳନୀରେ ନୀତି ଆୟୋଗ ସଦସ୍ୟ (ସ୍ୱାସ୍ଥ୍ୟ) ଡ. ଭି.କେ. ପଲ୍ କହିଛନ୍ତି। ଏବେ ସମୟ ଏଭଳି ହୋଇଛି, ଘରେ ମଧ ମାସ୍କ ପିନ୍ଧିବାକୁ ହେବ। ସଂକ୍ରମିତ ବ୍ୟକ୍ତିଙ୍କୁ ଅଲଗା ପ୍ରକୋଷ୍ଠରେ ରଖିବା ଆବଶ୍ୟକ ବୋଲି ଡ. ପଲ୍ ପରାମର୍ଶ ଦେଇଛନ୍ତି।

ସାର୍ସ-କୋଭ୍-୨ ଭୂତାଣୁ ବାୟୁରେ ବ୍ୟାପୁଥିବାର ପ୍ରମାଣ ମିଳିଛି ବୋଲି ଲାନ୍‌ସେଟ ପତ୍ରିକାରେ ପ୍ରକାଶ ପାଇବା ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏଭଳି ପରାମର୍ଶ ଦିଆଯାଇଛି। ଘରେ ଆଇସୋଲେଶନରେ ରହିବା ପାଇଁ ସୁବିଧା ନ ଥିଲେ ସଂକ୍ରମିତଙ୍କୁ ଆଇସୋଲେଶନ ସେଣ୍ଟର ବା କରୋନା କେୟାର ସେଣ୍ଟରରେ ରଖିବା ଲାଗି ନୀତି ଆୟୋଗ ସଦସ୍ୟ ପରାମର୍ଶ ଦେଇଛନ୍ତି। ତେବେ ହସ୍ପିଟାଲରେ ଭର୍ତ୍ତି ହେବା ଏକମାତ୍ର ବିକଳ୍ପ ନୁହେଁ। ଜରୁରୀ ଚିକିତ୍ସା ଆବଶ୍ୟକ କରୁଥିବା କରୋନା ରୋଗୀଙ୍କ ପାଇଁ ହସ୍ପିଟାଲ ବେଡ୍ ବ୍ୟବହାର କରାଯାଉଛି। ସଂକ୍ରମଣ ଦ୍ରୁତ ବୃଦ୍ଧି ପାଉଥିବାରୁ ଟିକାଦାନ ବଢ଼ାଇବାକୁ ହେବ। ସେଥିପାଇଁ କେନ୍ଦ୍ର ସରକାର ଟିକା ନୀତିରେ ପରିବର୍ତ୍ତନ ଆଣିଛନ୍ତି।

# ୪୮ ଲକ୍ଷ ଛୁଇଁପାରେ ସକ୍ରିୟ ମାମଲା

ନୂଆଦିଲ୍ଲୀ, ୨୬।୪(ପି.ଟି.)

ଭାରତରେ ଦ୍ୱିତୀୟ ଲହର ସଂକ୍ରମଣ ଯେଉଁ ହାରରେ ବଢ଼ିଚାଲିଛି, ମେ' ୧୪ରୁ ୧୮ ମଧ୍ୟରେ ଏହା ସର୍ବାଧିକ ୩୮ରୁ ୪୮ ଲକ୍ଷରେ ପହଞ୍ଚିପାରେ ବୋଲି ଆଇଆଇଟିର ବୈଜ୍ଞାନିକମାନେ ଆକଳନ କରିଛନ୍ତି। ମେ' ୪ରୁ ୮ ମଧ୍ୟରେ ଦୈନିକ ସଂକ୍ରମଣ ସର୍ବାଧିକ ୪.୪ ଲକ୍ଷରେ ପହଞ୍ଚିବ ବୋଲି ସେମାନେ ପୂର୍ବାନୁମାନ କରିଛନ୍ତି। ଭାରତରେ ସୋମବାର ୩,୫୨,୯୯୧ ନୂଆ ସଂକ୍ରମିତଙ୍କୁ ମିଶାଇ ସକ୍ରିୟ ମାମଲା ସଂଖ୍ୟା ୨୮.୧୩ ଲକ୍ଷରେ ପହଞ୍ଚିଛି। କାନପୁର ଏବଂ ହାଇଦ୍ରାବାଦ ଆଇଆଇଟି ବୈଜ୍ଞାନିକ ସଂକ୍ରମଣର ଶୀର୍ଷ ସ୍ଥିତି ଆକଳନ କରିବା ପାଇଁ ସୂତ୍ର (ସସେପ୍ଟିବଲ, ଅନ୍‌ଡିଟେକ୍ଟେଡ, ଟେଷ୍ଟେଡ ଏବଂ ରିମୁଭ୍‌ଡ ଆପ୍ରୋଚ୍) ମଡେଲର ସହାୟତା ନେଇଥିଲେ। ମେ' ମଧ୍ୟଭାଗ ବେଳକୁ ସକ୍ରିୟ ମାମଲା ଆଉ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ବୃଦ୍ଧି ପାଇବ ବୋଲି ସେମାନେ କହିଛନ୍ତି।

ମେ' ୧୧ରୁ ୧୫ ମଧ୍ୟରେ ସକ୍ରିୟ ମାମଲା ସଂଖ୍ୟା ୩୩ରୁ ୩୫ ଲକ୍ଷ ମଧ୍ୟରେ ରହିବ ବୋଲି ଗତ ସପ୍ତାହରେ କେତେଜଣ ଗବେଷକ ପୂର୍ବାନୁମାନ କରିଥିଲେ।

## ଅବ୍ୟବସ୍ଥାରୁ ହୀନସ୍ତା

ନୂଆଦିଲ୍ଲୀ, ୨୬।୪

ନୋଭେଲ କରୋନା ଭାଇରସ୍‌ର ପ୍ରଚଣ୍ଡ ପ୍ରହାର ଓ ଏହାର ମୁକାବିଲାରେ ବିଫଳତା ଭାରତୀୟ ଅର୍ଥନୀତିକୁ ଉଜାଡ଼ିଦେଇଛି। ଅର୍ଥ ବ୍ୟବସ୍ଥା ଅଣ୍ଟା ସଳଖି ଛିଡ଼ା ନ ହେଉଣୁ ସ୍ଥିତି ସୁଧୁରିଯାଇଛି ବୋଲି ତରବରିଆ ଭାବେ ପ୍ରଚାର କରିଦିଆଯିବାରୁ ଘାତକ ଭୂତାଣୁ ପୁଣି ମୁଣ୍ଡ ଟେକି ଚୋଟ ମାରିବାକୁ ସୁଯୋଗ ପାଇଛି। ଆସନ୍ନ ବିପଦ ପ୍ରତି ଶାସକ ବର୍ଗ ଆଖି ବୁଜିଦେବାରୁ ସାରା ଦେଶ କୁପରିଣାମ ଭୋଗୁଛି। କରୋନା ଉପରେ ବିଜୟ ଲାଭର ମିଥ୍ୟା ଆସ୍ଫାଳନ ଦେଶରେ ଅଭୂତପୂର୍ବ ଜରୁରୀ ପରିସ୍ଥିତିକୁ ଜନ୍ମ ଦେଇଛି। ଅକ୍ସିଜେନ ସଙ୍କଟ ଯୋଗୁ ରୋଗୀ ଅଣନିଃଶ୍ୱାସୀ ହୋଇ ମରୁଥିବାବେଳେ ହସ୍ପିଟାଲଗୁଡ଼ିକରେ ଘଟୁଥିବା ଅଗ୍ନିକାଣ୍ଡ ଅନେକ ଚିକିତ୍ସାଧୀନ ସଂକ୍ରମିତଙ୍କ ଜୀବନ ନେଉଛି। ସରକାରୀ ଅପାରଗତା ଯୋଗୁ ଏହାକୁ ରୋକାଯାଇପାରୁ ନାହିଁ। ଫଳରେ ସ୍ୱାସ୍ଥ୍ୟ ସେବା ଓ ଜୀବନ ଧାରଣ ଭଳି ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାର ସୁନିଶ୍ଚିତ କରିବା ପାଇଁ ନ୍ୟାୟପାଳିକାକୁ ହସ୍ତକ୍ଷେପ କରିବାକୁ ପଡ଼ିଛି। ୫ ଟ୍ରିଲିୟନ୍ ଡଲାର ଅର୍ଥନୀତିର ସ୍ୱପ୍ନ ଦେଖୁଥିବା ଦେଶର ଏହି ବିକଳ ଚିତ୍ର ବୟାନ କରୁଛି ସ୍ଥିତି କେତେ ସାଂଘାତିକ।

ଜାତୀୟ ରାଜଧାନୀ ଦିଲ୍ଲୀ ଓ ଆର୍ଥିକ ରାଜଧାନୀ ମୁମ୍ବାଇ ସମେତ ଅନେକ ରାଜ୍ୟର ହସ୍ପିଟାଲଗୁଡ଼ିକ ସାମ୍ନାରେ ଧାଡ଼ି ଧାଡ଼ି ହୋଇ ଆମ୍ବୁଲାନ୍ସ ଛିଡ଼ାହୋଇଛି। ଯଦି କେଉଁଠି ଶଯ୍ୟା ଖାଲି ହେଉଛି, ପୂର୍ବରୁ ଜଗିଥିବା ରୋଗୀ ପ୍ରାଣ ବିକଳରେ ମାଡ଼ିବସୁଛନ୍ତି। ଦିଲ୍ଲୀର ହସ୍ପିଟାଲଗୁଡ଼ିକରେ ରୋଗୀ ଚିକିତ୍ସା ପାଇଁ ଅକ୍ଷମତା ପ୍ରକାଶ କରି ଡାକ୍ତର କାନ୍ଦିପକାଉଛନ୍ତି। କେତେକ ଡାକ୍ତରଖାନା ସାମ୍ନାରେ ବ୍ୟାନର ଝୁଲାଇ ଘୋଷଣା କରାଯାଇଛି 'ଦୟାକରି ଆମ ପାଖକୁ ଆସନ୍ତୁ ନାହିଁ, ଏଠାରେ ଅକ୍ସିଜେନ ଉପଲବ୍ଧ ନୁହେଁ।' ଏଥିରୁ ବୁଝାପଡୁଛି ଯେ ବ୍ୟବସ୍ଥା ଭୁଶୁଡ଼ିପଡ଼ିଛି। ବିଦେଶକୁ ଭାକ୍ସିନ ରପ୍ତାନି ହେଉ କି ଦେଶରେ ବିଶାଳ ସମାଗମର ଆୟୋଜନ, ସବୁକିଛି ସାବାସି ନେବା ଉପଲକ୍ଷେ ଥିଲା ଗୋଟେ ଗୋଟେ ବିଜ୍ଞାପନ, ପ୍ରଦର୍ଶନ ନଚେତ୍ ପ୍ରହସନ। ଭାରତ ବିଶ୍ୱର ନୂଆ ହଟ୍‌ସ୍ପଟ୍ ପାଲଟିଥିବାବେଳେ ସାମ୍ପ୍ରତିକ ଜନସ୍ୱାସ୍ଥ୍ୟ ଜରୁରୀ ପରିସ୍ଥିତିକୁ ଦେଖି ପାକିସ୍ତାନ ଓ ଚାଇନା ମଧ୍ୟ ନୂଆଦିଲ୍ଲୀକୁ ସହଯୋଗ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି, ଯାହାଙ୍କୁ ଶତ୍ରୁରାଷ୍ଟ୍ର ବୋଲି ମନେକରାଯାଇଥାଏ।




## ଅକ୍ସିଜେନ ଅଭାବ: ୫ ରୋଗୀଙ୍କ ମୃତ୍ୟୁ

**ହିସାର, ୨୬।୪(ପି.ଟି.):** ହରିୟାଣାର ହିସାର ଜିଲାରେ ଥିବା ଏକ ଘରୋଇ ହସ୍ପିଟାଲରେ ସୋମବାର ୫ କରୋନା ରୋଗୀଙ୍କ ମୃତ୍ୟୁ ଘଟିଛି। ଅକ୍ସିଜେନ ଅଭାବରୁ ସେମାନଙ୍କର ମୃତ୍ୟୁ ହୋଇଥିବା ମୃତକଙ୍କ ସମ୍ପର୍କୀୟମାନେ ଅଭିଯୋଗ କରିବା ସହ ହସ୍ପିଟାଲ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଘଟଣାର ତଦନ୍ତ କରାଯାଉଥିବା ପୋଲିସ କହିଛି। ଉତ୍ତେଜନା ଲାଗି ରହିଥିବାରୁ ହସ୍ପିଟାଲ ପରିସରରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି।

## ଭେଣ୍ଟିଲେଟର ନ ପାଇ ଡାକ୍ତରଙ୍କ ମୃତ୍ୟୁ

**ଲକ୍ଷ୍ନୌ, ୨୬।୪:** ପ୍ରୟାଗରାଜର ୮୫ ବର୍ଷୀୟ ଡାକ୍ତର ଜେ.କେ. ମିଶ୍ରାଙ୍କର କରୋନାରେ ମୃତ୍ୟୁ ଘଟିଛି। ସେ ସ୍ୱରୂପରାଣୀ ନେହେରୁ (ଏସ୍‌ଆର୍‌ଏନ୍) ହସ୍ପିଟାଲରେ ଦୀର୍ଘ ୫୦ ବର୍ଷ ରୋଗୀ ଚିକିତ୍ସା କରିଥିଲେ। ଉକ୍ତ ହସ୍ପିଟାଲ ଭେଣ୍ଟିଲେଟର ଯୋଗାଇବାରେ ସମର୍ଥ ନ ହେବାରୁ ସେଠାରେ ଡା. ମିଶ୍ରାଙ୍କର ମୃତ୍ୟୁ ଘଟିଲା ବୋଲି କୁହାଯାଉଛି। ଉତ୍ତରପ୍ରଦେଶରେ କରୋନା ସଂକ୍ରମଣ ହୁହୁ ହୋଇ ବଢ଼ିଚାଲିଥିବାବେଳେ ଭେଣ୍ଟିଲେଟର ଚାହିଦା ଅତ୍ୟଧିକ ବୃଦ୍ଧି ପାଇଛି। ଫଳରେ ପ୍ରତ୍ୟେକ ଗୁରୁତର ରୋଗୀଙ୍କ ପାଇଁ ଭେଣ୍ଟିଲେଟର ସହ ବେଡ୍ ଯୋଗାଡ଼ କରିବାକୁ ଏକପ୍ରକାର ସଂଘର୍ଷ କରିବାକୁ ପଡୁଛି। ହସ୍ପିଟାଲ ଡାକ୍ତର ମଧ୍ୟ ଏଥିରୁ ବାଦ୍ ପଡୁନାହାନ୍ତି।

**କରୋନା ସଂକ୍ରମଣ ସ୍ଥିତି**



| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୪,୮୧,୪୫,୦୫୬ | ୩୧,୨୨,୦୯୫ | ୧୨,୫୭,୦୩,୨୩୯ |
| ଭାରତ | ୧,୭୫,୧୯,୩୬୯ | ୧,୯୭,୬୦୯ | ୧,୪୪,୬୮,୯୪୬ |
| ଓଡ଼ିଶା | ୪,୧୪,୦୫୬ | ୧୯୯୭(+୫୩) | ୩,୬୭,୧୧୧ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଶୋଇବା ଘରେ ୧୪ ଫୁଟ୍‌ର ଅହିରାଜ



**ବାଙ୍ଗିରିପୋଷି,୨୬।୪(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବନାଞ୍ଚଳ ଅନ୍ତର୍ଗତ ନିଶ୍ଚିନ୍ତା ଗ୍ରାମର ଅଧାପକ ଅଶୋକ କୁମାର ମହାପାତ୍ରଙ୍କ ଶୋଇବା ଘରୁ ୧୪ ଫୁଟ ଲମ୍ବ ଏକ ଅହିରାଜ ସାପ ଉଦ୍ଧାର ହୋଇଛି। ସ୍ନେକ୍ ହେଲ୍ପ ଲାଇନ୍ ଟିମ୍ ସଦସ୍ୟଙ୍କ ସହଯୋଗରେ ବନ କର୍ମଚାରୀମାନେ ଏହାକୁ ଉଦ୍ଧାର କରି ଶିମିଳିପାଳର ବିଦୁଭଣ୍ଡାର ଜଙ୍ଗଲରେ ଛାଡ଼ି ଦେଇଛନ୍ତି। ଅଧାପକ ମହାପାତ୍ରଙ୍କ ମା’ ସୋମବାର ଭୋର ସମୟରେ ବାଡ଼ିପଟ କବାଟ ଖୋଲିବା ସମୟରେ ହଠାତ ସାପଟି ତାଙ୍କ ଶୋଇବା ଘର ଭିତରକୁ ପଶି ଯାଇଥିଲା। ଖବରପାଇ ସ୍ଥାନୀୟ ରେଞ୍ଜର ଅଜୟ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ବନ କର୍ମଚାରୀ ରଜତ କୁମାର ମହାନ୍ତ,ବିକାଶ ନାଏକ ଓ ସ୍ନେକ୍ ହେଲ୍ପ ଲାଇନ୍ ସଦସ୍ୟ କୃଷ୍ଣଚନ୍ଦ୍ର ଗୋଛାୟତ ଏବଂ ତାଙ୍କ ସାଥି ସେଠାରେ ପହଞ୍ଚି କୌଶଳକ୍ରମେ ଅହିରାଜକୁ ଧରିଥିଲେ। ଖାଦ୍ୟ ଅନ୍ୱେଷଣରେ ସାପଟି ପାଖ ଜଙ୍ଗଲରୁ ବାହାରି ଆସିଥିବା ରେଞ୍ଜର ଦାସ ସୂଚନା ଦେଇଛନ୍ତି।

### ପ୍ରମାଣ ଅଭାବରୁ ତତ୍କାଳୀନ ତହସିଲଦାର ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ,୨୬।୪:** ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ସୁବ୍ରତ ମହାନ୍ତି ସୋମବାର ଏକ ଲାଞ୍ଚ ଗ୍ରହଣ ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ

**୧୦ ହଜାର ଲାଞ୍ଚ ମାମଲା**

ଆସିକାର ତତ୍କାଳୀନ ତହସିଲଦାର ତଥା ବର୍ତ୍ତମାନ ମୟୂରଭଞ୍ଜ ଜିଲା ଶ୍ୟାମାଖୁଣ୍ଟା ବିଡିଓ ଜୟକୃଷ୍ଣ ପାତ୍ରଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଘଟଣାର ୧୨ ବର୍ଷ ପରେ ସେ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଛନ୍ତି। ପ୍ରକାଶ ଯେ, ପାଟପୁର ଥାନା ଅଙ୍କରଡ଼ା ଗ୍ରାମର ସୀମାଞ୍ଚଳ ପଣ୍ଡା ଧରାକୋଟ ଅଞ୍ଚଳରେ ଏକ ପଥର କ୍ୱାରୀ ଲିଜ୍ ନେବା ପାଇଁ ତତ୍କାଳୀନ ଆସିକା ତହସିଲଦାରଙ୍କ ନିକଟରେ ଆବେଦନ କରିଥିଲେ। ପଥର କ୍ୱାରୀ ଲିଜ୍ କରାଇଦେବା ପାଇଁ ତତ୍କାଳୀନ ତହସିଲଦାର ଜୟକୃଷ୍ଣ ଆବେଦନକାରୀଙ୍କୁ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଆବେଦନକାରୀ ଏନେଇ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ୨୦୦୯ ଜୁନ ୧୬ରେ ଆବେଦନକାରୀ ସୀମାଞ୍ଚଳ ତହସିଲଦାର ଜୟକୃଷ୍ଣଙ୍କ ବାସଭବନକୁ ଯାଇ ୧୦ ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ସେଠାରେ ଛକିଥିବା ଭିଜିଲାନ୍ସ ଟିମ୍ ଚଢ଼ାଉ କରି ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରିଥିଲା। ମାମଲା ନମ୍ବର ୧୯/୦୯ ରେ ଗିରଫ କରି କୋର୍ଟଚାଲାଣ କରିଥିଲା। ପରେ ଜୟକୃଷ୍ଣ ଜାମିନରେ ଆସିଥିଲେ। ଶ୍ୟାମାଖୁଣ୍ଟା ବ୍ଲକରେ ବିଡିଓ ଥିବା ଜୟକୃଷ୍ଣ ସୋମବାର ବ୍ରହ୍ମପୁର କୋର୍ଟରେ ହାଜର ହୋଇଥିଲେ। ୯ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ନ ମିଳିବାରୁ ବିଚାରପତି ଜୟକୃଷ୍ଣଙ୍କୁ ନିର୍ଦ୍ଦୋଷ ବୋଲି ରାୟ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ପ୍ରଦୀପ କୁମାର ଦୋରା ଓ ମୁଦାଲାଙ୍କ ତରଫରୁ ଆଇନଜୀବୀ ପ୍ରସାଦ କୁମାର ପଟ୍ଟନାୟକ ଓ ପ୍ରଦୀପ କୁମାର ପାଣିଗ୍ରାହୀ ମକଦ୍ଦମା ପରିଚାଳନା କରିଥିଲେ।

# ପହିଲାରୁ ତୃତୀୟ ପର୍ଯ୍ୟାୟ ଟିକାକରଣ

## ଏଣିକି ସ୍ଲଟ୍ ବୁକିଂ, ୨୮ରୁ ପଞ୍ଜୀକରଣ



- ଟିକାନେଲେଣି ୫୬ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ
- ପ୍ରଥମେ ଘରୋଇ ହସ୍ପିଟାଲରୁ ନେଇଥିଲେ ବି ଦ୍ୱିତୀୟ ଡୋଜ୍ ସରକାରୀ ହସ୍ପିଟାଲରୁ ନେଇପାରିବେ

**ଭୁବନେଶ୍ୱର, ୨୬।୪(ବ୍ୟୁରୋ)**

ମେ’ ପହିଲାରୁ ରାଜ୍ୟରେ ତୃତୀୟ ପର୍ଯ୍ୟାୟ ଟିକାକରଣ ଆରମ୍ଭ ହେବ। ଏଥିପାଇଁ ଆସନ୍ତା ୨୮ ତାରିଖରୁ ନାମ ପଞ୍ଜୀକରଣ ହେବ। ଟିକାକରଣ ନିମନ୍ତେ କୋୱିନ ପୋର୍ଟାଲ ଓ ଆରୋଗ୍ୟ ସେତୁ ଆପ୍‌ରେ ପଞ୍ଜୀକରଣର ବ୍ୟବସ୍ଥା ରହିଛି। ପ୍ରଥମେ ପଞ୍ଜୀକରଣ କରିବାକୁ ହେବ। ଏହାପରେ ଟିକାର ଉପଲବ୍ଧତାକୁ ନେଇ ଆପଏଣ୍ଟମେଣ୍ଟ ପ୍ରକ୍ରିୟା ଦେଇ ସମ୍ପୃକ୍ତ ବ୍ୟକ୍ତିଙ୍କୁ ନିର୍ଦ୍ଦିଷ୍ଟ କେନ୍ଦ୍ରକୁ ଆସିବାକୁ କୁହାଯିବ। ଏଥିନିମନ୍ତେ ସ୍ଲଟ୍ ବୁକିଂ କରାଯିବ। କିଏ, କେଉଁଠି, କେତେବେଳେ ଟିକା ନେବେ ସେନେଇ ମେସେଜ ଦିଆଯିବ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ କହିଛନ୍ତି। ସେ କହିଛନ୍ତି ଯେ, ରାଜ୍ୟରେ ଏଯାବତ୍ ୫୬ ଲକ୍ଷରୁ ଊର୍ଦ୍ଧ୍ୱଙ୍କୁ ଟିକାକରଣ ସରିଲାଣି। ତୃତୀୟ ପର୍ଯ୍ୟାୟ ପାଇଁ ଆବଶ୍ୟକ ଟିକା ଯୋଗାଇ ଦେବାକୁ ସିରମ ଇନ୍‌ଷ୍ଟିଚ୍ୟୁଟ ଓ ଭାରତ ବାୟୋଟେକ୍‌କୁ ଚିଠି ଲେଖାଯାଇଛି। କିନ୍ତୁ କିଛି ପ୍ରତିଉତ୍ତର ଆସି ନାହିଁ। ଟିକା ଆସି ପହଞ୍ଚିବା ପରେ ତୃତୀୟ ପର୍ଯ୍ୟାୟ ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଯିବ। ପ୍ରତିଦିନ ପ୍ରାୟ ୯୦ରୁ ୧୦୦ ପ୍ରାଇଭେଟ ହସ୍ପିଟାଲରେ ଟିକାକରଣ ହେଉଛି। ଅବଶିଷ୍ଟ ସରକାରୀ କେନ୍ଦ୍ରରେ ଟିକାକରଣ ଚାଲିଥିବା ଡା. ପାଣିଗ୍ରାହୀ କହିଛନ୍ତି।

ପରିବାର କଲ୍ୟାଣ ନିର୍ଦ୍ଦେଶକ କହିଛନ୍ତି ଯେ, କରୋନା ଟିକାର ପ୍ରଥମ ଡୋଜ୍ ଘରୋଇ ହସ୍ପିଟାଲରୁ ନେଇଥିବା ବ୍ୟକ୍ତି ଚାହିଁଲେ ଦ୍ୱିତୀୟ ଡୋଜ୍ ସରକାରୀ ହସ୍ପିଟାଲରୁ ନେଇପାରିବେ। ଦ୍ୱିତୀୟ ଡୋଜ୍ ଘରୋଇ ହସ୍ପିଟାଲରୁ ନେଲେ ନୂତନ ଭାବେ ନିର୍ଦ୍ଧାରିତ ହୋଇଥିବା ଦର ଦେବାକୁ ପଡ଼ିବ। କିନ୍ତୁ ସରକାରୀ ଟିକାକରଣ କେନ୍ଦ୍ରରେ ଏହି ଟିକା ସମ୍ପୂର୍ଣ୍ଣ ମାଗଣାରେ ନେଇପାରିବେ ବୋଲି ସେ କହିଛନ୍ତି। ଘରୋଇ ହସ୍ପିଟାଲଗୁଡ଼ିକ ସେମାନଙ୍କ ପାଖରେ କେଉଁ ଟିକା ଅଛି, ଷ୍ଟକ୍ କେତେ ଅଛି, କେତେ ରେଟ୍ ଅଛି ତାହା ଅନଲାଇନ୍‌ରେ ଜଣାଇବେ। ଏହାଦେଖି ଜଣେ ବ୍ୟକ୍ତି କେଉଁଠିକୁ ଯିବେ, କେଉଁ ଟିକା ନେବେ ନିଜେ ନିଷ୍ପତ୍ତି ନେଇପାରିବେ। ଏସବୁ କୋୱିନ ପୋର୍ଟାଲରେ ପଞ୍ଜୀକୃତ ହୋଇ କେନ୍ଦ୍ର ସରକାରଙ୍କ ଅଧୀନରେ ରହିବ। ସେହିପରି ପ୍ରଥମ ଡୋଜ୍ ନେବା ପରେ ଯଦି କେହି ସଂକ୍ରମିତ ହୁଅନ୍ତି ତେବେ ସୁସ୍ଥ ହେବାର ୪ ସପ୍ତାହ ପରେ ଦ୍ୱିତୀୟ ଡୋଜ୍ ନେଇପାରିବେ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ କହିଛନ୍ତି।

# ଉପରମୁହାଁ ପାରଦ

**ଭୁବନେଶ୍ୱର,୨୬।୪(ବ୍ୟୁରୋ)**

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରିରହିଛି। ପ୍ରଚଣ୍ଡ ଗ୍ରୀଷ୍ମ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। କିଛିଦିନ ହେବ ପ୍ରବଳ ଖରା ଯୋଗୁ ରାଜ୍ୟରେ ଉତ୍ତପ୍ତ ପରିବେଶ ସୃଷ୍ଟି ହୋଇଛି। ପାରଦ ଉପରମୁହାଁ ହୋଇ ୪୩ ଡିଗ୍ରୀ ସେଲ୍‌ସିୟସକୁ ଛୁଇଁଛି। ସୋମବାର ୧୭ଟି ସହରରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବୌଦ୍ଧରେ ସର୍ବାଧିକ ୪୩ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଭୁବନେଶ୍ୱର ୪୨.୫, ବଲାଙ୍ଗୀର ୪୨.୨, ଅନୁଗୋଳ ୪୨.୧, ଟିଟିଲାଗଡ଼ ୪୨, ନୟାଗଡ଼ ୪୨, ବାଲେଶ୍ୱର ୪୦.୧, କଟକ ୪୦.୨, ବାରିପଦା ୪୧.୨, ଝାରସୁଗୁଡ଼ା ୪୧.୪, ସମ୍ବଲପୁର ୪୧.୨, ସୁନ୍ଦରଗଡ଼ ୪୧.୫, ହୀରାକୁଦ ୪୦.୯, ତାଳଚେର ୪୧.୬, ଭବାନୀପାଟଣା ୪୧, ଫୁଲବାଣୀ ୪୦, ସୋନପୁର ୪୧ ଏବଂ ଚାନ୍ଦବାଲିରେ ସର୍ବୋଚ୍ଚ ତାପମାତ୍ରା ୩୯.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଉତ୍ତର ପଶ୍ଚିମ ଦିଗରୁ ବାୟୁ ପ୍ରବାହ ହେଉଥିବାରୁ ରାଜ୍ୟରେ ତାତି ବୃଦ୍ଧି ପାଇଛି। ସେହିପରି ବାୟୁମଣ୍ଡଳରେ ଆର୍ଦ୍ରତା

**୪୦ ଡିଗ୍ରୀ ଉପରେ ୧୭ ସହର**

ପରିମାଣ ୫୦ ପ୍ରତିଶତରୁ ୮୦ ପ୍ରତିଶତ ମଧ୍ୟରେ ରହୁଥିବାରୁ ଉପକୂଳ ଓଡ଼ିଶାରେ ତାତି ସାଙ୍ଗକୁ ଗୁଳୁଗୁଳି ମଧ୍ୟ ବଢି ଯାଇଛି।

ଆସନ୍ତା ୨୯ ତାରିଖ ଯାଏ ଗ୍ରୀଷ୍ମର ପ୍ରକୋପ ଜାରି ରହିବ। ଖୋର୍ଦ୍ଧା, କଟକ, ଢେଙ୍କାନାଳ, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲାରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ଏହି ସମୟରେ ବାହାରକୁ ଯିବା ବେଳେ ସତର୍କ ରହିବାକୁ କୁହାଯାଇଛି। ୨୯ରୁ ପାଗରେ ପରିବର୍ତ୍ତନ ହେବ। ୨୯ରେ ଦେବଗଡ, କେନ୍ଦୁଝର, ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ଝଡ଼ବର୍ଷା ହୋଇପାରେ। ସେହିପରି ୩୦ ତାରିଖରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଗଜପତି, ବୌଦ୍ଧ, ଅନୁଗୋଳ, କନ୍ଧମାଳ, କେନ୍ଦୁଝର, ମୟୂରଭଞ୍ଜ ଏବଂ ଢେଙ୍କାନାଳ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ଚୌମୁଖ ବେଳାଭୂମିରେ ଅଲିଭ୍ ରିଡ୍‌ଲେ ଶାବକ

## ପ୍ରଜନନ ଅଞ୍ଚଳ ଘୋଷଣା ଦାବି



ଅଲିଭ୍ ରିଡ୍‌ଲେ ଶାବକଙ୍କୁ ସମୁଦ୍ରରେ ଛଡ଼ାଯାଉଛି।

**ବାଲେଶ୍ୱର ଅଫିସ, ୨୬।୪**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଚୌମୁଖ ସାମୁଦ୍ରିକ ବେଳାଭୂମିରେ ୯୪ ଅଲିଭ୍ ରିଡ୍‌ଲେ ଶାବକ ଅଣ୍ଡାରୁ ବାହରିଛନ୍ତି। ବନବିଭାଗ ଏବଂ ସ୍ଥାନୀୟ ସରପଞ୍ଚଙ୍କ ତତ୍ତ୍ୱାବଧାନରେ ସୋମବାର ସେମାନଙ୍କୁ ସମୁଦ୍ର ଭିତରେ ଛାଡ଼ି ଦିଆଯାଇଛି।

ତାପମାତ୍ରା, ଜଳବାୟୁର ପରିବର୍ତ୍ତନ ସାଙ୍ଗକୁ ଦୂଷିତ ପାଣି ଓ ପରିବେଶ ଲାଗି ସାମୁଦ୍ରିକ ପ୍ରାଣୀ ଓ ବିଭିନ୍ନ ପ୍ରଜାତିର କଇଁଛ ବିଲୁପ୍ତ ହେବାକୁ ବସିଛନ୍ତି। ସରକାର ଓ ସମ୍ପୃକ୍ତ ବିଭାଗ ବାର୍ଷିକ କୋଟି କୋଟି ଟଙ୍କା ଖର୍ଚ୍ଚ କରି ମଧ୍ୟ ଉପକୃତ ହୋଇପାରୁ ନାହାନ୍ତି। ବାଲେଶ୍ୱର ବନଖଣ୍ଡ ଅଧୀନ ଚାନ୍ଦିପୁର ବନାଞ୍ଚଳର ଲଙ୍ଗଳେଶ୍ୱର ବନପାଳ ଚୌମୁଖ ବନ୍ୟ ବିଚ୍‌ହାଉସ ନିକଟରେ ଥିବା ସାମୁଦ୍ରିକ ବେଳାଭୂମିରେ ମାର୍ଚ୍ଚ ୫ ତାରିଖରେ ଅଲିଭ୍ ରିଡ୍‌ଲେ ପ୍ରଜାତିର କଇଁଛର ଅଣ୍ଡା ଠାବ କରିବା ପରେ ବନବିଭାଗ ଉକ୍ତ ଅଞ୍ଚଳକୁ ଘେରି, ବେଆଇନ ପ୍ରବେଶ ଉପରେ କଟକଣା ଲଗାଇଥିଲା। ଦୀର୍ଘ ୫୨ଦିନ ପରେ ୯୪ ଅଲିଭ୍ ରିଡ୍‌ଲେ ପ୍ରଜାତିର କଇଁଛ ଶାବକ ଉକ୍ତ ଅଣ୍ଡାରୁ ବାହରିଛନ୍ତି। ସ୍ଥାନୀୟ ସରପଞ୍ଚ ନାରାୟଣ ଖଟୁଆ ଉକ୍ତ ଅଞ୍ଚଳକୁ କଇଁଛ ପ୍ରଜନନ ଅଞ୍ଚଳ ଭାବେ ଘୋଷଣା କରିବାକୁ ଦାବି କରିବା ସହିତ ଅଧିକ ବନକର୍ମଚାରୀ ନିଯୁକ୍ତି ଦେଇ ପାଟ୍ରୋଲିଂ କଡ଼ାକଡ଼ି ଓ ବନ୍ଦର କାର୍ଯ୍ୟକୁ ବନ୍ଦ କରିବା ପାଇଁ ସରକାର, ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ, ଜିଲା ପ୍ରଶାସନ ସହିତ ବନ୍ଦର କର୍ତ୍ତୃପକ୍ଷଙ୍କୁ ନିବେଦନ କରିଛନ୍ତି। ଉଦ୍ଧାର କାର୍ଯ୍ୟରେ ବନବିଭାଗ ପକ୍ଷରୁ ପ୍ରକାଶ କୁମାର ମହାନ୍ତି, ହୃଷିକେଶ ପ୍ରଧାନ, ଉତ୍ତମ କୁମାର ଖଟୁଆ, ଦୁଜୟ କରଣ ପ୍ରମୁଖ ସହଯୋଗ କରିଥିଲେ।

# ପୁରୀରେ ପହଞ୍ଚିଲା ତୃତୀୟ ପର୍ଯ୍ୟାୟ ରଥକାଠ

**ପୁରୀ ଅଫିସ, ୨୬।୪:** ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଚଳିତବର୍ଷ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ପୂର୍ବରୁ ନୟାଗଡ଼ରୁ ୨ଟି ପର୍ଯ୍ୟାୟରେ ରଥ କାଠ ପୁରୀରେ ପହଞ୍ଚିଥିବା ବେଳେ ସୋମବାର ତୃତୀୟ ପର୍ଯ୍ୟାୟରେ ଗୋଟିଏ ରଥକାଠ ବୋଝେଇ ଟ୍ରକ ପୁରୀରେ ପହଞ୍ଚିଛି। ଏଥିରେ ସମୁଦାୟ ୧୭ଖଣ୍ଡ ଅସନ ଓ ଧଉରା କାଠ ରହିଛି। ୧୭ ଖଣ୍ଡ କାଠ ମଧ୍ୟରେ ୨୦ଫୁଟିଆ ଅସନ ୧୦ଟି, ୨୦ଫୁଟିଆ ଧଉରା ୬ଟି ଏବଂ ୧୨ ଫୁଟିଆ ଧଉରା କାଠ ଗୋଟିଏ ରହିଛି। ଚଳିତବର୍ଷ ରଥଯାତ୍ରା ପାଇଁ ମୋଟ ୮୬୫ ଖଣ୍ଡ କାଠ ଆବଶ୍ୟକ ଥିବାବେଳେ ପୂର୍ବ ବର୍ଷରୁ ୬୯ ଖଣ୍ଡ କାଠ ବଳକା ରହିଛି। ତେଣୁ ଚଳିତ ରଥଯାତ୍ରା ପାଇଁ ୭୯୬ ଖଣ୍ଡ କାଠର ଆବଶ୍ୟକ। ତେବେ ୭୯୬ ଖଣ୍ଡରୁ ଏ ପର୍ଯ୍ୟନ୍ତ ୭୯ଖଣ୍ଡ କାଠ ପହଞ୍ଚିଥିବା ବେଳେ ବଳକା ୭୧୭ଖଣ୍ଡ କାଠ ପର୍ଯ୍ୟାୟକ୍ରମେ ଆସି ପହଞ୍ଚିବ ବୋଲି ଭୋଇ ସର୍ଦ୍ଦାର ରବି ଭୋଇ ସୂଚନା ଦେଇଛନ୍ତି। ରଥ ସଂହିତା ଅନୁଯାୟୀ ପରମ୍ପରା ଅନୁଯାୟୀ ଶ୍ରୀପଞ୍ଚମୀ ତିଥିରେ ରଥକାଠ ପୂଜା ଅନୁକୂଳ ହୋଇଥିଲା। ସେହିପରି ରାମ ନବମୀଠାରୁ କଟକସ୍ଥିତ ସ’ ମିଲିରେ ରଥ କାଠ ଚିରଟ କାର୍ଯ୍ୟ ଆରମ୍ଭ ହୋଇଛି। ଅକ୍ଷୟତୃତୀୟା ତିଥିରେ ରଥ କାର୍ଯ୍ୟ ଅନୁକୂଳ ହେବ। ଏଥିପାଇଁ ରଥ ନିର୍ମାଣରେ ନିୟୋଜିତ ଥିବା ସେବାୟତଙ୍କୁ କରୋନା ଟିକା ପ୍ରଦାନ କରାଯାଉଛି।

# ଟଙ୍କା, ସୁନା, ବାଇକ ଛାଡ଼ି ପଳାଇଲେ ଲୁଟେରା

**ଟିଟିଲାଗଡ଼, ୨୬।୪(ଡି.ଏନ.ଏ)**

**ଲୁଟିବା ବେଳେ ପହଞ୍ଚିଗଲା ପୋଲିସ**

**ଡିଏସ୍‌ପିଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଟଙ୍କା, ସୁନା ଫେରି ପାଇଲେ**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ସହରରେ ଲୁଟ୍‌ପାଟ୍ ବଢି ଚାଲିଛି। ସୋମବାର ଟଙ୍କା, ସୁନା ଲୁଟିବାବେଳେ ଲୁଟେରା ପାଟ୍ରୋଲିଂ ପୋଲିସ ସହ ମୁହାଁମୁହିଁ ହେବା ପରେ ଲୁଟ୍ ସାମଗ୍ରୀ ଛାଡି ପଳାଇଛନ୍ତି। ଏପରି କି ଲୁଟେରାଙ୍କ ନମ୍ବର ବିହୀନ କଳା ଆପାଚି ବାଇକ ଜବତହେବା ଚର୍ଚ୍ଚାର ବିଷୟ ହୋଇଛି।

ଟିଟିଲାଗଡ଼ ଥାନା ଅମୁର୍ଲା ଗ୍ରାମର ଟଙ୍କଧର ବାଗ ଆସନ୍ତା ୫ ତାରିଖରେ ହେବାକୁ ଥିବା ଝିଅର ବାହାଘର ପାଇଁ ସ୍ଥାନୀୟ ଏସ୍‌ବିଆଇ ମୁଖ୍ୟ ଶାଖାରୁ ଟଙ୍କା ଉଠାଇଥିଲେ। ଟଙ୍କା ଉଠାଇ ଟଙ୍କଧର ଝିଅ ଏବଂ ଶାଳକଙ୍କ ସହ ୫୦ହଜାର ଟଙ୍କାର ଏକ ସୁନାହାର କିଣିଥିଲେ। ସୁନାହାର ଓ ନଗଦ ୪୯ହଜାର ଟଙ୍କା ବାଇକ ଡିକିରେ ରଖି ଶାଢି କିଣିବାକୁ ଧର୍ମଶାଳା ରୋଡକୁ ଆସିଥିଲେ। ଗାଡି ପାଖରେ ଶାଳକଙ୍କୁ ଛାଡି ଝିଅ ସହ ସେ ଧର୍ମଶାଳା ନିକଟରେ ଥିବା ଏକ ଶାଢି ଦୋକାନକୁ ଯାଇଥିଲେ। ଏହି ସମୟରେ ସେମାନଙ୍କୁ ବ୍ୟାଙ୍କ ନିକଟରୁ ଅନୁସରଣ କରୁଥିବା ଲୁଟେରା ଗ୍ୟାଙ୍ଗର ଜଣେ କୌଶଳକ୍ରମେ ଡିକି ଖୋଲି ବ୍ୟାଗରେ ଥିବା ସୁନା ଓ ଟଙ୍କା ନେଇ ଯାଇଥିଲେ। ଏହି ସମୟରେ ପାଟ୍ରୋଲିଂ କରୁଥିବା ଡିଏସ୍‌ପି ସୁରେନ୍ଦ୍ର ଶତପଥୀ ରାସ୍ତାକଡ଼ ଦୋକାନ ସାମନାରେ ଥିବା ବାଇକ ଡିକି ଭାଙ୍ଗୁଥିବା ଦେଖି ଗାଡ଼ି ଅଟକାଇଥିଲେ। ଡ୍ରାଇଭର ଦିଲୀପ ମହାରଣା ତୁରନ୍ତ ଗାଡ଼ିରୁ ଓହ୍ଲାଇ ଲୁଟେରାଙ୍କୁ କାବୁ କରିବାକୁ ଚେଷ୍ଟା କଲା ବେଳେ ସେ ତାଙ୍କୁ ଧକ୍କା ଦେଇ ଖସି ପଳାଇଥିଲେ। ଘଟଣାସ୍ଥଳର କିଛି ଦୂରରେ ଏକ ଆପାଚି ବାଇକ ସହ ଠିଆ ହୋଇଥିବା ଗ୍ୟାଙ୍ଗର ଅନ୍ୟ ଜଣେ ଲୁଟେରା ତାଙ୍କୁ ନେଇ ପଳାଉଥିବା ବେଳେ ଅନ୍ୟପଟରୁ ଡିଏସ୍‌ପି ଶତପଥୀ ଚାଲି ଆସିଥିଲେ। କୌଣସିମତେ ସେ ଲୁଟେରା ଧରିଥିବା ବ୍ୟାଗକୁ ଛଡାଇ ଆଣିଥିଲେ। ଏହି ସମୟରେ ନମ୍ବର ବିହୀନ କଳା ଆପାଚି ବାଇକ ଛାଡ଼ି ଉଭୟ ଲୁଟେରା ଆଖି ପିଛୁଳାକେ ସେଠାରୁ ଦୌଡ଼ି ପଳାଇଥିଲେ। ଡିଏସ୍‌ପି ଶତପଥୀ ଟଙ୍କଧରଙ୍କୁ ଥାନାକୁ ଡାକି ତାଙ୍କ ଲୁଟ୍ ସାମଗ୍ରୀ ଫେରାଇବା ବେଳେ ଉଭୟ ବାପା, ଝିଅ କାନ୍ଦି ପକାଇଥିଲେ। ଡିଏସ୍‌ପି ଏବଂ ତାଙ୍କ ଡ୍ରାଇଭରଙ୍କ ଉପସ୍ଥିତି ନେଇ ଜଣେ ଗରିବ ଚାଷୀ ପରିବାରର ଝିଅ ବାହାଘର ଖୁସି ମଉଳିବାରୁ ରକ୍ଷା ପାଇଯାଇଥିବା ଘଟଣା ସହରରେ ଆଲୋଚନାର ବିଷୟ ହୋଇଛି। ଟିଟିଲାଗଡ଼ ଥାନାରେ ଏକ ମାମଲା(ନଂ. ୧୬୭/୨୧) ରୁଜୁ କରି ପୋଲିସ ତନାଘନା ଚଳାଇଛି। ପ୍ରକାଶ ଯେ, ଚଳିତ ମାସ ୭ ତାରିଖରେ ଲୁଟେରା ଏଭଳି ଷ୍ଟେଟ ବ୍ୟାଙ୍କରୁ ପିଛା କରି ଜଣଙ୍କ ୧ ଲକ୍ଷ ୪୯ ହଜାର ୫ ଶହ ଟଙ୍କା ଲୁଟି ନେଇଥିଲେ।



ଲୁଟେରାଙ୍କଠାରୁ ପୋଲିସ ଜବତ କରିଥିବା ଟଙ୍କା ଓ ସୁନାହାର।


# ପ୍ଲାଟ୍ୟୁ ସ୍ଥିତିରେ ସଂକ୍ରମଣ

## ଆଉ ୬,୫୯୯ ପଜିଟିଭ୍, ୯ ମୃତ

**ଭୁବନେଶ୍ୱର, ୨୬।୪(ବ୍ୟୁରୋ)**

ରାଜ୍ୟରେ ଗତ ୫ ଦିନ ହେବ ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ଗୋଟିଏ ସ୍ତରରେ ରହୁଛି। ଏହା ୬ ହଜାରରୁ ସାଢ଼େ ୬ ହଜାର ମଧ୍ୟରେ ରହୁଛି। ଗତ ୨୪ ଘଣ୍ଟାରେ ମଧ୍ୟ ରାଜ୍ୟରେ ୬,୫୯୯ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ତେଣୁ ରାଜ୍ୟରେ ଏବେ ସଂକ୍ରମଣର ପ୍ଲାଟ୍ୟୁ ସ୍ଥିତି ଚାଲିଥିବା କହିଛନ୍ତି ଡିଏମ୍‌ଇଟି ସିବିକେ ମହାନ୍ତି। ସେ କହିଛନ୍ତି, ପାଖାପାଖି ସପ୍ତାହେ ହେଲାଣି ୬ ହଜାର ଟ୍ରେଣ୍ଡ ରହିଛି। ଦ୍ରୁତ ସଂକ୍ରମଣ ହେଉନାହିଁ। ଏହା ହେଉଛି ପ୍ଲାଟ୍ୟୁ ଷ୍ଟେଜ୍। ସବୁ ମହାମାରୀର ଏକ ପିକ୍ ଷ୍ଟେଜ୍ ଥାଏ। ଏହାପରେ ଧୀରେ ଧୀରେ ଖସିଥାଏ। ଓଡ଼ିଶାରେ ଏହି ଷ୍ଟେଜ୍ ପରେ କରୋନା କମିବା ଆଶା କରାଯାଉଛି ବୋଲି ଡିଏମ୍‌ଇଟି କହିଛନ୍ତି।

ସେପଟେ ଖୋର୍ଦ୍ଧା ଜିଲାର ସ୍ଥିତି କିନ୍ତୁ ବିଗିଡିବାରେ ଲାଗିଛି। ଜିଲାର ଦୈନିକ ସଂକ୍ରମଣ ୧ହଜାର ଛୁଇଁଲାଣି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରୁ ୯୫୮ଜଣ ଥିବାବେଳେ ନୂଆପଡ଼ା ୫୫୧, କଳାହାଣ୍ଡି ୫୧୮, କଟକ ୪୮୮, ଝାରସୁଗୁଡ଼ା ୪୩୬, ସୁନ୍ଦରଗଡ଼ ୪୩୪, ଗଞ୍ଜାମ ୩୨୩, ଯାଜପୁର ୨୩୭, ସମ୍ବଲପୁର ୨୨୬, ନବରଙ୍ଗପୁର ୨୨୧, ବରଗଡ଼ ୨୦୩, ଅନୁଗୋଳ ୧୮୭, ମୟୂରଭଞ୍ଜ ୧୮୦, କେନ୍ଦୁଝର ୧୬୬, ପୁରୀ ୧୪୫, ବାଲେଶ୍ୱର ୧୩୭, ସୋନପୁର ୧୨୯, ରାୟଗଡ଼ା ୧୧୭ଜଣ ଚିହ୍ନଟ ହୋଇଛନ୍ତି। ଅନ୍ୟ ସବୁ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ଶହେ ତଳକୁ ରହିଥିବାବେଳେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪,୧୪,୦୫୬ରେ ପହଞ୍ଚିଛି। ସେହିପରି ମୃତ୍ୟୁ ସଂଖ୍ୟାରେ ମଧ୍ୟ ଖୋର୍ଦ୍ଧା ଶୀର୍ଷରେ ରହିଛି। ରାଜ୍ୟରେ କରୋନା ଆଉ ୯ଜଣଙ୍କ ଜୀବନ ନେଇଥିବାବେଳେ କେବଳ ଖୋର୍ଦ୍ଧାରୁ ୩ଜଣ ରହିଛନ୍ତି। ବାକି ୬ ମୃତକଙ୍କ ମଧ୍ୟରୁ କେନ୍ଦୁଝରରୁ ୨, ଭଦ୍ରକ, କଟକ, ଗଞ୍ଜାମ ଓ ସୁନ୍ଦରଗଡ଼ରେ ଜଣେ ଲେଖାଏ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୧,୯୯୭କୁ ବୃଦ୍ଧି ପାଇଛି।



ଅନ୍ୟପକ୍ଷରେ ରାଜ୍ୟରେ କରୋନା ରୋଗୀଙ୍କ ପାଇଁ ଆବଶ୍ୟକ ବେଡ୍, ଅକ୍ସିଜେନ୍ ଏବଂ ଆନୁଷଙ୍ଗିକ ଔଷଧ ଯୋଗାଇ ଦେବାକୁ ସବୁ ବନ୍ଦୋବସ୍ତ ହୋଇଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଯେଉଁ ହସ୍ପିଟାଲରେ ବେଡ୍ ଫୁଲ୍ ରହିଛି ସେଠୁ ଅନ୍ୟ ଜିଲାଙ୍କୁ କରୋନା ଆକ୍ରାନ୍ତଙ୍କୁ ପଠାଯାଉଛି। ରାଜ୍ୟରେ ଏବେ ବି ପ୍ରାୟ ୭୦ ପ୍ରତିଶତ ବେଡ୍ ଖାଲି ରହିଛି। ଏଥିସହ ରାଜ୍ୟରେ ୨୫ରୁ ୩୦ ପ୍ରତିଶତ ଅକ୍ସିଜେନ୍ ମଧ୍ୟ ମହଜୁଦ ରହିଛି। ଅକ୍ସିଜେନ୍ ଆବଶ୍ୟକ କରୁଥିବା ବିଭିନ୍ନ ହସ୍ପିଟାଲକୁ କିପରି ସିଲିଣ୍ଡର ପଠାଯିବ, ପ୍ରତିଦିନ କିପରି ଏହାର ମାତ୍ରାକୁ ଯାଞ୍ଚ ହେବ ସେ ନେଇ ବ୍ୟବସ୍ଥା ହୋଇଛି। ଏଥିପାଇଁ ପ୍ରତି ଜିଲାରେ ନୋଡାଲ ଅଫିସର ନିଯୁକ୍ତ ହୋଇଥିବାବେଳେ ଏକ ଡେଡିକେଟେଡ୍ ଗାଡ଼ି ମଧ୍ୟ ରହିଛି। ସବୁଦିନ ସବୁ ଅକ୍ସିଜେନ୍ ସିଲିଣ୍ଡର ରିଫିଲ୍ ପାଇଁ ବ୍ୟବସ୍ଥା କରାଯାଇଛି। ବଡ଼ ବଡ଼ ହସ୍ପିଟାଲରେ ଗୋଟିଏ ବି ଅକ୍ସିଜେନ୍ ସିଲିଣ୍ଡର ଖାଲି ରହିବ ନାହିଁ। ସେହିଭଳି ପ୍ରତି ବ୍ଲକରେ ହୋମ୍ ଆଇସୋଲେଶନରେ ଥିବା ଲୋକଙ୍କୁ ରାପିଡ୍ ରେସ୍‌ପନ୍ସ ଟିମ୍ ନିୟମିତ ଯାଞ୍ଚ କରିବା ସହ ଅଧିକ ଚିକିତ୍ସା ଆବଶ୍ୟକ କରୁଥିବା ଆକ୍ରାନ୍ତଙ୍କୁ ଡେଡିକେଟେଡ୍ କୋଭିଡ ହସ୍ପିଟାଲକୁ ସିଫ୍ଟ କରିବାକୁ କୁହାଯାଇଛି। ଏଥିପାଇଁ ପ୍ରତି ଜିଲାରେ କଣ୍ଟ୍ରୋଲ ରୁମ୍ ଖୋଲାଯାଇଥିବାବେଳେ ଘରୋଇ ହସ୍ପିଟାଲଗୁଡ଼ିକୁ ମଧ୍ୟ ନିଜର ଏକ କଲ୍ ସେଣ୍ଟର ଖୋଲିବାକୁ କୁହାଯାଇଥିବା ଡା. ମିଶ୍ର କହିଛନ୍ତି।



**ଆଜିର ମନ୍ତବ୍ୟ**

"କରୋନା ପ୍ରଭାବିତ ରାଜ୍ୟରୁ ଆସିଥିବା କେନ୍ଦ୍ରୀୟ ଫୋର୍ସକୁ ପଶ୍ଚିମବଙ୍ଗରୁ ତୁରନ୍ତ ପ୍ରତ୍ୟାହାର କରାଯାଉ। ସେମାନଙ୍କ ମଧ୍ୟରୁ ଅଧିକାଂଶ ସଂକ୍ରମିତ ହୋଇଥାଇପାରନ୍ତି।

– ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ




## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


**ପ୍ରଥମ ପୃଷ୍ଠାରୁ...**

## ଇସି କରିଛି...

ଇସିଆଇ ରୋକି ନ ଥିଲେ। ଆଜି ଯେଉଁ ସ୍ଥିତି ସୃଷ୍ଟି ହୋଇଛି ସେଥିପାଇଁ ନିର୍ବାଚନ ଆୟୋଗ ଏକମାତ୍ର ସଂସ୍ଥା ଭାବେ ଦାୟୀ। ଏଭଳି ଦାୟିତ୍ୱହୀନତା ପାଇଁ ଇସିଆଇଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରାଯିବା ଉଚିତ। ଜନସ୍ୱାସ୍ଥ୍ୟ ସର୍ବୋଚ୍ଚ ପ୍ରାଥମିକତା ହୋଇଥିବାବେଳେ ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ ଏନେଇ ସ୍ମରଣ କରାଇବାକୁ ପଡୁଛି। ରାଜନୈତିକ ଦଳଗୁଡ଼ିକ ବିଶାଳ ନିର୍ବାଚନୀ ସଭା ଆୟୋଜନ କରୁଥିବାବେଳେ ନିର୍ବାଚନ କମିଶନ ଅନ୍ୟ ଗ୍ରହରେ ଥିଲେ କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଭୋଟ ଗଣତିର ୨ ଦିନ ପୂର୍ବରୁ ଅର୍ଥାତ୍ ଏପ୍ରିଲ ୩୦ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। ଇସିଆଇ ଏହା ପୂର୍ବରୁ ସମ୍ପୂର୍ଣ୍ଣ ପ୍ରକ୍ରିୟାର ବ୍ଲୁପ୍ରିଣ୍ଟ ନେଇ ଆସନ୍ତୁ। ନଚେତ୍ ଭୋଟ ଗଣତିକୁ ବନ୍ଦ କରିଦିଆଯିବ ବୋଲି ଖଣ୍ଡପୀଠ ଚେତାବନୀ ଦେଇଛନ୍ତି।

## ୧, ୨ରେ ସମ୍ପୂର୍ଣ୍ଣ ଲକ୍‌ଡାଉନ୍ କର

ମେ' ୧ ଓ ୨ ତାରିଖରେ ତାମିଲନାଡୁ ଏବଂ ପୁଡୁଚେରୀରେ ସମ୍ପୂର୍ଣ୍ଣ ଲକ୍‌ଡାଉନ୍ ଜାରି କରିବାକୁ ମାଡ୍ରାସ୍ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୨ ତାରିଖ ରବିବାର ବିଧାନସଭା ନିର୍ବାଚନର ଭୋଟ ଗଣତି ହେବାକୁ ଥିବାବେଳେ କେବଳ ଏହି କାର୍ଯ୍ୟ ପାଇଁ ଯାନବାହନ ଚଳାଚଳ ଓ ଜରୁରୀ ସେବାକୁ ଅନୁମତି ଦିଆଯିବା ଉଚିତ। ଏପ୍ରିଲ ୨୮ରେ ଏନେଇ ତାମିଲନାଡୁ ଓ ପୁଡୁଚେରୀ ସରକାର ଘୋଷଣା କଲେ ସାଧାରଣ ନାଗରିକମାନେ ଶୁକ୍ରବାର ସୁଦ୍ଧା କିଣାକିଣି କରିପାରିବେ ଏବଂ କଟକଣାକୁ ମାନିପାରିବେ ବୋଲି ମୁଖ୍ୟ ବିଚାରପତି ସଞ୍ଜୀବ ବାନାର୍ଜୀ କହିଛନ୍ତି।

## ସଂକ୍ରମଣ ବୃଦ୍ଧି ପାଇଁ ଦାୟୀ କରିଥିଲେ କାଲକାଟା ହାଇକୋର୍ଟ

**କୋଲକାତା,୨୬।୪:** ଫେବୃୟାରୀ ୨୬ରେ ନିର୍ବାଚନ କମିଶନ ତାମିଲନାଡୁ, ପଶ୍ଚିମବଙ୍ଗ, କେରଳ, ଆସାମ ଓ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀ ପାଇଁ ନିର୍ବାଚନ ତାରିଖ ଘୋଷଣା କରିଥିଲେ। ପଶ୍ଚିମବଙ୍ଗରେ ୮ ପର୍ଯ୍ୟାୟରେ ମତଦାନ କରାଯାଉଥିବାରୁ ଏପ୍ରିଲ ୨୨ରେ କାଲକାଟା ହାଇକୋର୍ଟ ନିର୍ବାଚନ କମିଶନଙ୍କ ଉପରେ ବର୍ଷିଥିଲେ। କୋଭିଡ୍-୧୯ ପ୍ରୋଟୋକଲକୁ କାର୍ଯ୍ୟକାରୀ କରାଇବାରେ ଇସିଆଇ ସମ୍ପୂର୍ଣ୍ଣ ରୂପେ ବିଫଳ ହୋଇଥିବାରୁ କରୋନା ଭାଇରସ୍ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି ବୋଲି ମୁଖ୍ୟ ବିଚାରପତି ଟିବିଏନ୍ ରାଧାକ୍ରିଷ୍ଣନ୍ ଭର୍ତ୍ସନା କରିଥିଲେ। ପଶ୍ଚିମବଙ୍ଗରେ ପ୍ରତିଦିନ ବିଶାଳ ରାଲି କରାଯାଉଛି, ଯେଉଁଥିରେ ଲକ୍ଷ ଲକ୍ଷ ଲୋକ ସାମିଲ ହେଉଛନ୍ତି। ଏହି ନିର୍ବାଚନୀ ସଭାଗୁଡ଼ିକ ସୁପର ସ୍ପ୍ରେଡର ପାଲଟିଥିବା ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଥିଲେ। ପୂର୍ବତନ ନିର୍ବାଚନ କମିଶନର ଟି.ଏନ୍. ଶେଷାନଙ୍କ ଉଦାହରଣ ଦେଇ କହିଥିଲେ, ଶେଷାନ ଯାହା କରିଥିଲେ ବର୍ତ୍ତମାନର ଇସି ତା'ର ୧୦ ଭାଗରୁ ଭାଗେ ମଧ୍ୟ କାର୍ଯ୍ୟ କରୁନାହାନ୍ତି। ହାଇକୋର୍ଟଙ୍କ ତାଗିଦ ପରେ ନିର୍ବାଚନ କମିଶନ ବାଧ୍ୟହୋଇ ପ୍ରଚାର ଅବଧି କମ୍ ପରି ମତଦାନର ୭୨ ଘଣ୍ଟା ପୂର୍ବରୁ ପ୍ରଚାର ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ରେମ୍‌ଡେସିଭିର୍...

କରୁଛନ୍ତି। ଲୋକେ ବୁଝୁନାହାନ୍ତି ଯେ, ରେମ୍‌ଡେସିଭିର୍ ଘରେ ନେଇ ରଖିବାର ଇଞ୍ଜେକ୍ସନ ନୁହେଁ। ଏପରିକି ଅକ୍ସିଜେନ୍ ସିଲିଣ୍ଡର ବି ନେଇ ଘରେ ରଖୁଛନ୍ତି। ଅନେକ ରୋଗୀ ମଧ୍ୟ ମୋତେ ପଚାରୁଛନ୍ତି କେଉଁ କମ୍ପାନୀର ଅକ୍ସିଜେନ୍ କିଣିବୁ। ଓଡ଼ିଶାକୁ ବର୍ତ୍ତମାନ ୩ଟି କମ୍ପାନୀ ରେମ୍‌ଡେସିଭିର୍ ଇଞ୍ଜେକ୍ସନ ଯୋଗାଉଛନ୍ତି। ଏହା କେବଳ ହସ୍ପିଟାଲ ସପ୍ଲାଏ ପାଇଁ ଉଦ୍ଦିଷ୍ଟ। ରିଟେଲ୍‌ରେ ଏହା ମିଳେ ନାହିଁ। ତେବେ ରୋଗୀ ପଜିଟିଭ୍ ଚିହ୍ନଟ ହେବା ପରେ ହସ୍ପିଟାଲରୁ ଡାକ୍ତରଙ୍କ ପରାମର୍ଶକ୍ରମେ ଷ୍ଟକିଷ୍ଟ ପାଖରୁ ନେଇପାରିବେ। ତେଣୁ ଲୋକେ ଷ୍ଟକିଷ୍ଟ ପଏଣ୍ଟରୁ ନେଇ ବ୍ୟବହାର କରୁଛନ୍ତି। ହେଲେ ଅନେକ ସମୟରେ ଏହି ଇଞ୍ଜେକ୍ସନ ଉପଲବ୍ଧ ହେଉ ନ ଥିବା ଜଣାପଡିଛି।

ଏ ସମ୍ପର୍କରେ ଡ୍ରଗ୍ସ କଣ୍ଟ୍ରୋଲର ଅନନ୍ଦା ଦାସ କହିଛନ୍ତି, ଷ୍ଟକ୍ ଏବେ କେତେ ଅଛି ଜଣାପଡ଼ିବନି। କିନ୍ତୁ ଆମର କେବେ ଅଭାବ ଦେଖାଦେଇନି। ପ୍ରତି ଦୁଇ ତିନିଦିନରେ ଥରେ ଆସୁଛି ବୋଲି ସେ କହିଛନ୍ତି। ଏନେଇ କେତେଜଣ ଷ୍ଟକିଷ୍ଟଙ୍କ ସହ ଯୋଗାଯୋଗ କରାଯାଇଥିଲା। ସେମାନେ କହିଛନ୍ତି ଯେ, ପୂର୍ବରୁ ଆମେ ବହୁତ ପରିମାଣରେ ଗଚ୍ଛିତ ରଖୁଥିଲୁ। ଏବେ ଯୋଗାଣ ଠିକ୍ ଭାବେ ହେଇପାରୁ ନ ଥିବାରୁ ଅଭାବ ପରିଲକ୍ଷିତ ହେଉଛି।

ଅପରପକ୍ଷରେ ଏଡିଜି (ଆଇନଶୃଙ୍ଖଳା) ଯଶୱନ୍ତ ଜେଠୱା କହିଛନ୍ତି, ରାଜ୍ୟରେ କୋଭିଡ୍ ପାଇଁ ବ୍ୟବହୃତ ଔଷଧ କଳାବଜାର ରୋକିବାକୁ ୨୨ ଫ୍ଲାଇଂ ସ୍କ୍ୱାଡ୍ କାର୍ଯ୍ୟ କରୁଛି। ଔଷଧ ନିର୍ମାତାଙ୍କଠାରୁ ଔଷଧ ଆସିବା ଓ ବ୍ୟବହାର ପର୍ଯ୍ୟନ୍ତ ଟିକ୍‌ନିକ୍ ହିସାବ ରଖାଯାଉଛି। ୨୦ ହସ୍ପିଟାଲ, ସିଆଣ୍ଡଏଫ୍, ବିତରକଙ୍କୁ ସ୍କ୍ୱାଡ୍ ପକ୍ଷରୁ ଚେତାବନୀ ଦିଆଯାଇଛି। ରାଜ୍ୟରେ ଉପଲବ୍ଧ କରୋନା ଔଷଧ ଯେପରି ରାଜ୍ୟ ବାହାରକୁ ନ ଯାଏ, ସେଥିପ୍ରତି ଏହି ସ୍କ୍ୱାଡ୍ ତୀକ୍ଷ୍ଣ ନଜର ରଖିଛି। ଖିଲାପ ହେଉଥିବା ନଜରକୁ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜେଠୱା ସୂଚନା ଦେଇଛନ୍ତି।

### ଘରୋଇ ହସ୍ପିଟାଲରେ ଆକ୍ରାନ୍ତଙ୍କୁ ମିଳିଲାନି ଔଷଧ

ବ୍ରହ୍ମପୁରର ସବିତା ପ୍ରଧାନ(୫୬) କରୋନାରେ ଆକ୍ରାନ୍ତ ହୋଇ ଗତ ୨୩ରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ରବିବାର ସବିତାଙ୍କ ଅକ୍ସିଜେନ ସାଚୁରେଶନ କମିଯିବା ପରେ ରେମ୍‌ଡେସିଭିର୍ ଇଞ୍ଜେକ୍ସନ ଆବଶ୍ୟକ ପଡ଼ିଥିଲା। କିନ୍ତୁ ସେତେବେଳେ ଉକ୍ତ ହସ୍ପିଟାଲରେ ଇଞ୍ଜେକ୍ସନ ନ ଥିଲା। ଡାକ୍ତର ରୋଗୀଙ୍କ ଘର ଲୋକଙ୍କୁ ଏକ ଲେଖା ଧରାଇ ଅନ୍ୟ କେଉଁଠୁ ଆଣିବା ପାଇଁ ପରାମର୍ଶ ଦେଇଥିଲେ। ଏହାପରେ ଇଞ୍ଜେକ୍ସନ କେଉଁଠି ମିଳିବ, କେମିତି ତୁରନ୍ତ ଯୋଗାଡ଼ କରିବେ ତାହାକୁ ନେଇ ଚିନ୍ତାରେ ପଡ଼ିଯାଇଥିଲେ ସବିତାଙ୍କ ପୁଅ ଅମରେଶ। ସେ କୁହନ୍ତି, ରବିବାର ଶଟ୍‌ଡାଉନ୍ ଥିବା ଜାଣି ମଧ୍ୟ ଆମକୁ ଅନ୍ୟତ୍ର ମେଡିସିନ ଆଣିବା ପାଇଁ ହସ୍ପିଟାଲ କର୍ତ୍ତୃପକ୍ଷ ପଠାଇଥିଲେ। ଆମେ ତାଙ୍କୁ ଶଟ୍‌ଡାଉନ୍ ସମସ୍ୟା କହିବାରୁ ଉତ୍ତର ମିଳିଥିଲା, ତୁମର ଯଦି ଏତେ ପ୍ରଶ୍ନ ଅଛି ତେବେ ତୁମେ ମେଡିସିନ ବଦଳାଇ ନେଇଯାଅ। ଏପରି ସ୍ଥିତିରେ ବହୁତ ଡରିଯାଇଥିଲି। ବହୁତ ଖୋଜାଖୋଜି କରିଥିଲେ ମଧ୍ୟ କେଉଁଠି ଉକ୍ତ ଇଞ୍ଜେକ୍ସନ ମିଳି ନ ଥିଲା। ହେଲେ ଭାଗ୍ୟ ମୋର ସାଥ୍ ଦେଇଥିଲା। ଏମ୍ସରେ ମୋର ଜଣେ ସାଙ୍ଗ ଥିବାରୁ ରୋଗୀଙ୍କୁ ରାତାରାତି ସେଠାକୁ ସ୍ଥାନାନ୍ତର କରିଦେଇଥିଲୁ। ଏମ୍ସରେ ସେହି ଇଞ୍ଜେକ୍ସନ ମହଜୁଦ ଥିଲା। ଏବେ ମା'ଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଅଛି। ତେବେ ଔଷଧ ଅଭାବ ଓ ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଏପରି ମନୋଭାବ ଠିକ୍ ନୁହେଁ ବୋଲି ଅମରେଶ କହିଛନ୍ତି।

## ଏବେ ବ୍ୟାଙ୍କ ସେବା...

ନିଆଯିବ ବୋଲି ଅର୍ଥ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସମୟ ମଧ୍ୟରେ ବ୍ୟାଙ୍କଗୁଡିକରେ ଟଙ୍କା ଜମା ଏବଂ ଉଠାଣ ପୂର୍ବ ଭଳି ଜାରି ରହିବ। ଏଟିଏମ୍‌ଗୁଡିକରେ ଆବଶ୍ୟକ ପରିମାଣର ଅର୍ଥ ମହଜୁଦ ରଖିବାକୁ ଉକ୍ତ ବିଜ୍ଞପ୍ତିରେ କୁହାଯାଇଛି। ଏହି ନିଷ୍ପତ୍ତିକୁ ସମଗ୍ର ରାଜ୍ୟରେ କାର୍ଯ୍ୟକାରୀ କରିବାକୁ ସରକାରଙ୍କ ଅର୍ଥ ବିଭାଗ ପକ୍ଷରୁ ଏସ୍‌ଏଲ୍‌ବିସିକୁ ଏକ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଜିଲାସ୍ତରରେ କିମ୍ବା ସ୍ଥାନୀୟ ଅଞ୍ଚଳର ପରିସ୍ଥିତିକୁ ନଜରରେ ରଖି ପୋଲିସ ଏବଂ ସ୍ଥାନୀୟ ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେଇ ପାରିବେ ବୋଲି କୁହାଯାଇଛି।

ଦେଶରେ ସଂକ୍ରମଣ ଦ୍ରୁତ ଗତିରେ ବ୍ୟାପୁଥିବାରୁ ବ୍ୟାଙ୍କ ଶାଖାଗୁଡିକର କାରବାର ସମୟ ହ୍ରାସ ସହିତ ୫୦% କର୍ମଚାରୀରେ କାର୍ଯ୍ୟ କରିବା ପାଇଁ ଗତ ବୁଧବାର ଭାରତୀୟ ବ୍ୟାଙ୍କର୍ସ ଆସୋସିଏଶନ (ଆଇବିଏ) ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଏ ସମ୍ପର୍କରେ ଦେଶର ସମସ୍ତ ବ୍ୟାଙ୍କ ଓ ଏହା ସହ ଜଡିତ ସଂଘଗୁଡିକୁ ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିୟୋର (ଏସ୍‌ଓପି) ମଧ୍ୟ ପଠାଯାଇଥିଲା। ଏହି ସମୟ ମଧ୍ୟରେ ବ୍ୟାଙ୍କଗୁଡିକ ୪ଟି ପ୍ରମୁଖ ସେବା ଡିପୋଜିଟ ଗ୍ରହଣ, ଟଙ୍କା ଉଠାଣ, ସରକାରୀ କାରବାର ଏବଂ ବାହାରକୁ ଟଙ୍କା ପଠାଇବା ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ଠିକ୍ ଭାବେ କରିବାକୁ କୁହାଯାଇଛି। ଏହି ମର୍ମରେ ଏକ ପ୍ରସ୍ତାବ ଆସୋସିଏଶନ ପକ୍ଷରୁ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି (ଏସ୍‌ଏଲ୍‌ବିସି) ନିକଟକୁ ପଠାଯାଇଥିଲା। ଉକ୍ତ ପ୍ରସ୍ତାବକୁ ଏସ୍‌ଏଲ୍‌ବିସି ଗୁରୁତ୍ୱର ସହ ଗ୍ରହଣ କରି ବ୍ୟାଙ୍କ ସମୟ ପରିବର୍ତ୍ତନ କରିବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲା। ଏସ୍‌ଏଲ୍‌ବିସି ପ୍ରସ୍ତାବ ପରେ ରାଜ୍ୟ ସରକାର ଉକ୍ତ ନିଷ୍ପତ୍ତି ନେଇଛନ୍ତି।

## ବାଜିମାରିଲା...

ଅଭିନେତା ବର୍ଗରେ ଓସ୍କାର ବିଜେତା ହୋଇଛନ୍ତି। ଶ୍ରେଷ୍ଠ ସହକଳାକାର ଭାବେ ଚଳଚ୍ଚିତ୍ର 'ଜୁଡାସ୍ ଆଣ୍ଡ ଦ ବ୍ଲାକ୍ ମେସିହା' ପାଇଁ ଡାନିଏଲ କଲୁୟା ଏହି ଶ୍ରେଷ୍ଠ ପୁରସ୍କାର ହାସଲ କରିଛନ୍ତି। ଦକ୍ଷିଣ କୋରିଆ ଫିଲ୍ମ 'ମିନାରି' ପାଇଁ ୭୩ ବର୍ଷୀୟା ୟୁ-ଜଙ୍ଗ୍ ୟୋନ ଶ୍ରେଷ୍ଠ ସହଅଭିନେତ୍ରୀ ଭାବେ ଓସ୍କାର ଜିତିଛନ୍ତି। ସେହିପରି ଅରିଜିନାଲ ସ୍କ୍ରିନପ୍ଲେ ବର୍ଗରେ ଫିଲ୍ମ 'ପ୍ରମିଜିଂ ୟଙ୍ଗ ଓମ୍ୟାନ', ବେଷ୍ଟ ଆଡପ୍ଟେଡ୍ ସ୍କ୍ରିନପ୍ଲେରେ 'ଦି ଫାଦର', ବେଷ୍ଟ ଆନିମେଟଡ୍ ଫିଚର ଫିଲ୍ମ ପାଇଁ 'ସୋଲ୍', ଶ୍ରେଷ୍ଠ ଡକ୍ୟୁମେଣ୍ଟାରି ଫିଚର ଫିଲ୍ମ 'ମାଇ ଅକ୍ଟୋପସ୍ ଟିଚର' ଓସ୍କାର ହାସଲ କରିଛି। ଶ୍ରେଷ୍ଠ ଅନ୍ତର୍ଜାତୀୟ ଫିଚର ଫିଲ୍ମ ଡେନମାର୍କର 'ଆନାଦର ରାଉଣ୍ଡ', ଶ୍ରେଷ୍ଠ ସଙ୍ଗୀତ ଭାବେ 'ଜୁଡାସ୍ ଆଣ୍ଡ ଦି ବ୍ଲାକ୍ ମେସିହା'ର 'ଫାଇଟ୍ ଫର୍ ୟୁ' ଏହି ଏକାଡେମୀ ଆୱାର୍ଡ ବିଜେତା ହୋଇଛି। ସିନେମାଟୋଗ୍ରାଫିରେ ଫିଲ୍ମ 'ମଙ୍କ୍', ବେଷ୍ଟ ଭିଜୁଆଲ ଇଫେକ୍ଟ ପାଇଁ 'ଟିନେଟ', ବେଷ୍ଟ ଫିଲ୍ମ ଏଡିଟିଂରେ 'ସାଉଣ୍ଡ ଅଫ୍ ମେଟାଲ' ଓସ୍କାର ହାସଲ କରିଛି। ପ୍ରଡକ୍ସନ ଡିଜାଇନ୍ ପାଇଁ 'ମଙ୍କ୍'କୁ ଓସ୍କାର ମିଳିଛି। ମେକ୍‌ଅପ୍ ଏବଂ ହେୟାରଷ୍ଟାଇଲିଷ୍ଟ ମିଆ ନିଲ୍ ଏବଂ ଜାମିକା ୱିଲସନ୍ ପ୍ରଥମ କୃଷ୍ଣକାୟ ମହିଳା ଭାବେ ଫିଲ୍ମ 'ମା ରେନିସ୍ ବ୍ଲାକ୍ ବଟମ୍' ପାଇଁ ଓସ୍କାର ଜିତିଛନ୍ତି। ଏହି ଚଳଚ୍ଚିତ୍ର ପାଇଁ କଷ୍ଟ୍ୟୁମ୍ ଡିଜାଇନରେ ଆନ୍ ରୋଥ୍(୮୯) ସବୁଠାରୁ ବୟସ୍କ ଓସ୍କାର ବିଜେତା ହୋଇଛନ୍ତି। କ୍ଷୁଦ୍ର ଆନିମେଟଡ ଫିଲ୍ମ ବର୍ଗରେ 'ଇଫ୍ ଏନିଥିଙ୍ଗ୍ ହାପେନ୍ସ ଆଇ ଲଭ୍ ୟୁ' ଏବଂ କ୍ଷୁଦ୍ର ଡକ୍ୟୁମେଣ୍ଟାରି ଚଳଚ୍ଚିତ୍ର 'କୋଲେଟ' ଶ୍ରେଷ୍ଠ ବିବେଚିତ ହୋଇଛି।

## ଆଜିଠୁ ସରକାରୀ...

ମାଧ୍ୟମିକ ସ୍କୁଲରେ ତାଲା ପଡ଼ିଛି। କରୋନାର ପରିସ୍ଥିତି ଦେଖି ରାଜ୍ୟ ସରକାର ନବମ ଓ ଦଶମ ପରୀକ୍ଷା ବାତିଲ କରିଥିବାବେଳେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିନା ପରୀକ୍ଷାରେ ଉନ୍ନୀତ କରିଛନ୍ତି। ଆଜି ପର୍ଯ୍ୟନ୍ତ ପିଲାମାନେ ସ୍କୁଲ ନ ଆସି ଘରେ ରହିଛନ୍ତି। ପିଲାମାନଙ୍କୁ ମଧ୍ୟାହ୍ନଭୋଜନ ବାବଦକୁ ମିଳୁଥିବା ଟଙ୍କା ସେମାନଙ୍କ ଆକାଉଣ୍ଟରେ ଜମା କରାଯାଉଛି। ତେବେ ଚଳିତ ବର୍ଷ କରୋନାର ଦ୍ୱିତୀୟ ଲହର ଥମିବା ପରେ ପିଲାମାନେ ସ୍କୁଲ ଆସିବେ ଓ ପୁଣି ପାଠପଢ଼ା ସ୍ୱାଭାବିକ ହେବ ବୋଲି ଆଶା କରାଯାଉଛି।

## ପୂର୍ବତନ ଏମ୍‌ପି...

ବିୟୋଗରେ ରାଜନୈତିକ ମହଲରେ ଶୋକର ଛାୟା ଖେଳିଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକବ୍ୟକ୍ତ କରିଛନ୍ତି। ସେ ଟୁଇଟ୍ କରି କହିଛନ୍ତି, ପୂର୍ବତନ ଏମ୍‌ପି ସୁଗ୍ରୀବ ସିଂଙ୍କ ଦେହାନ୍ତ ବିଷୟ ଜାଣି ମୁଁ ଦୁଃଖିତ। ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମୋର ସମବେଦନା ଓ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାପାଇଁ ବାଧ୍ୟ ହେବେ। ସାମାଜିକ ସ୍ତରରେ ବିଜ୍ଞ ବ୍ୟକ୍ତିମାନେ ଆପଣଙ୍କର ନିଃସ୍ୱାର୍ଥପର କାର୍ଯ୍ୟାବଳୀର ଭୂୟସୀ ପ୍ରଶଂସା କରିବେ। କୌଣସି ପ୍ରକାରର ପ୍ରତିବନ୍ଧକ ନ ଥାଇ ମାଙ୍ଗଳିକକାମ ସୁରୁଖୁରୁରେ ହେବ। ଆଜି ଆବଶ୍ୟକ ଅନୁସାରେ ଅର୍ଥର ଅଭାବ ରହିବ ନାହିଁ।

**ବୃଷ** ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ମାନସିକ ସ୍ଥିରତା କେତେକାଂଶରେ ବ୍ୟାହତ ହେବାର ସୂଚନା ରହିଛି। ପରିବାରର ଖର୍ଚ୍ଚପରିମାଣ ବିଶେଷ ବୃଦ୍ଧି ପାଇବା ହେତୁ ଦୁଶ୍ଚିନ୍ତା ବୃଦ୍ଧି ପାଇପାରେ। ପ୍ରକାଶନ ତଥା ପ୍ରଶାସନିକ କ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ। ଆର୍ଥିକ ଅନଟନକୁ ସୁଧାରି ନେବା ସକାଶେ ବିଭିନ୍ନ ପ୍ରକାରର ଚେଷ୍ଟା କରିବେ।

**ମିଥୁନ** ସକାଳୁ ସକାଳୁ କୌଣସି କାମ ଆରମ୍ଭ କରିବାକୁ ମନସ୍ଥ କରି ବନ୍ଧୁମାନଙ୍କ ପରାମର୍ଶ ନେଇପାରନ୍ତି। ପ୍ରତୀକ୍ଷା କରିଥିବା ବନ୍ଧୁଟିକୁ ନିର୍ଦ୍ଦିଷ୍ଟ ସମୟରେ ଖୋଜି ନ ପାଇବାରୁ ବ୍ୟସ୍ତ ହୋଇପଡିବେ। ସାଧାରଣ କଥାରେ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। ପାରିବାରିକ ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ।

**କର୍କଟ** ଆଜି ଯେଉଁ କାମ କରନ୍ତୁନା କାହିଁକି, କୌଣସି କ୍ଷେତ୍ରରେ ଅସୁବିଧା ରହିବ ନାହିଁ। ଅଭାବ ନ ଥିଲେ ମଧ୍ୟ ଜରୁରୀ ଆବଶ୍ୟକତାକୁ ପୂରଣ କରିବାକୁ ଯାଇ ଋଣ କରିବାକୁ ପଡିପାରେ। ଆଲୋଚନା, ପରିବହନ, ଲୋକସମ୍ପର୍କ, ସଭାସମିତି କ୍ଷେତ୍ରରେ କିଛିଟା ସମସ୍ୟା ଆସିବ। ଆନୁଷ୍ଠାନିକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ।

**ସିଂହ** ସାଧାରଣ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଦିନଟି ପ୍ରାୟତଃ ଖୁସିରେ ଅତିବାହିତ ହେବ। ସ୍ୱାସ୍ଥ୍ୟ ଭଲ ରହିବ ଏବଂ ପାରିବାରିକ କ୍ଷେତ୍ରରେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ। ଅନ୍ୟମନସ୍କ କିମ୍ବା ଅସାବଧାନତା ବଶତଃ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ। ଦୀର୍ଘଦିନର ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ।

**କନ୍ୟା** ଆଜି ସଭାସମିତିରେ ସମ୍ମାନିତ ହେବେ,ସମ୍ମାନ ଓ ପ୍ରତିଷ୍ଠା ପାଇବେ। ପରକଥାରେ ମନ ଦେଇ ନିଜ କାମକୁ ଅବହେଳା କରି ପାରନ୍ତି, ଫଳତଃ ଘରେ ଉଚ୍ଚବାଚ ଘଟିପାରେ। ନିର୍ମାଣ, ପ୍ରଶାସନ, ମାଲିମକଦ୍ଦମା ଓ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରୁ ସୁଫଳ ପାଇବେ। ଆନୁଷ୍ଠାନିକ କାମରେ ଯୋଗ ଦେଲେ ସମ୍ମାନିତ ହେବେ।

**ତୁଳା** କର୍ମକ୍ଷେତ୍ର ଓ ପାରିବାରିକ ଜୀବନ ପୂର୍ଣ୍ଣ ଶାନ୍ତିପ୍ରଦ ରହିବ। ସଭାସମିତି, ଲେଖାପଢା, ଆଲୋଚନା, ଲୋକସମ୍ପର୍କ, ଆନୁଷ୍ଠାନିକ କାମ, ଯୋଗାଯୋଗରେ ଉନ୍ନତ ମାନର ଫଳ ପାଇବେ। କଚେରି ମାମଲା ମନ୍ଥର ହୋଇପାରେ, ଯାହା କି ସାମୟିକ ଦୁଶ୍ଚିନ୍ତା ବୃଦ୍ଧି କରିବ। ଶାରୀରିକ ଅସୁସ୍ଥତା ଅନୁଭବ କଲେ ମଧ୍ୟ ଘରକାମ କରିବାକୁ ବାଧ୍ୟ ହେବେ।

**ବିଛା** ବିଶେଷ କିଛି ଅସୁବିଧା ନ ଥିଲେ ମଧ୍ୟ ମନ ଭାରାକ୍ରାନ୍ତ ରହିବ। ସହକର୍ମୀ କିମ୍ବା ପଡ଼ା,ପଡ଼ୋଶୀଙ୍କ ସହ ବହୁଦିନର ମନାନ୍ତର ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ସମାଧାନ ହୋଇଯିବ। ପାରିବାରିକ ଜୀବନରେ ଉଚିତ୍ ବୁଝାମଣା ହେତୁ କୌଣସି ମତାନ୍ତର କିମ୍ବା ମନାନ୍ତର ହେବନାହିଁ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି।

**ଧନୁ** ପରିସ୍ଥିତି ଯାହା ଥାଉନା କାହିଁକି, ନିଜେ ଭଲ ତ ଦୁନିଆ ଭଲ ନୀତିରେ ଦିନଟିକୁ କଟାଇବେ। ବର୍ତ୍ତମାନ ସମୟ ସକାଶେ ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ ଭାବେ କମିଯାଇପାରେ, କିନ୍ତୁ ଆଶଙ୍କା ଲାଗି ରହିବ। ବ୍ୟବସାୟରେ ଲାଭ ମିଳିବ କିନ୍ତୁ ଟେନ୍ସନ ପୂର୍ଣ୍ଣମାତ୍ରାରେ ଛାଡ଼ିବ ନାହିଁ। ପରିବହନରେ କେତେକ ଆଧୁନିକୀକରଣ କରି ପାରନ୍ତି।

**ମକର** କାମରେ ଅସ୍ଥିରତା ସୃଷ୍ଟି ହେଲେ ସୁଦ୍ଧା ଅନ୍ୟାନ୍ୟ କେତେକ ଦୃଷ୍ଟି କୋଣରୁ ମନ୍ଦ ହେବନି। ଅସମର୍ଥିତ ସୂତ୍ରରୁ ଆକସ୍ମିକ ଭାବରେ ଅଶୁଭ ଖବର ପାଇ ବିଚଳିତ ହୋଇପାରନ୍ତି। ପରିବାର ମଧ୍ୟରେ ନିଜର ମନର ଭାବକୁ ହଠାତ୍ ପ୍ରକାଶ କରନ୍ତୁ ନାହିଁ। ନିର୍ମାଣାଧୀନ ଗୃହ, ଯାନ ବାହାନକୁ ଶେଷ ସ୍ପର୍ଶ ଦେବେ ଏବଂ ଏକ ପ୍ରକାର ଖୁସି ରହିବେ।

**କୁମ୍ଭ** ପରିବାରରେ ଅଶାନ୍ତି ପୂର୍ବପରି ଲାଗିରହୁଥିବା ହେତୁ କାମଗୁଡିକ ଠିକ ରହିବ ନାହିଁ। ସ୍ୱାସ୍ଥ୍ୟାବସ୍ଥା କ୍ରମଶଃ ଭଲ ଦିଗକୁ ଗତି କରିବାରୁ ଆଶ୍ୱସ୍ତି ଲାଭ କରିବେ। ଗୃହ, ଭୂମି, କଚେରି ମାମଲା କିମ୍ବା ଗାଡ଼ିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ଆସିଲେ ବି ବିଶେଷ ଅସୁବିଧା ହେବ ନାହିଁ। ଜିଦ୍ ତ୍ୟାଗ ନ କଲେ କଳହ ଭିତରକୁ ଟାଣି ହୋଇଯିବେ।

**ମୀନ** ପରିବାରରୁ ଆଶାନୁରୂପ ସ୍ନେହ, ସହାନୁଭୂତି ପାଇବା କମି ଯାଇପାରେ। ଦେହରେ କୌଣସି ବଡ ଧରଣର ରୋଗ ନ ଥାଇ ମଧ୍ୟ ଦୁର୍ବଳତା ଅନୁଭବ କରିବେ। ବନ୍ଧୁମାନଙ୍କ ନିମନ୍ତ୍ରଣ କ୍ରମେ ସତ୍‌ସଙ୍ଗ ଓ ଧର୍ମ, ସାହିତ୍ୟ ଚର୍ଚ୍ଚା ଦିଗକୁ ମନ ବଳାଇବେ। ପାରିବାରିକ ଜୀବନରେ ନିଜେ ଜଳି ଅନ୍ୟମାନଙ୍କ ହିତ ସାଧନରେ ନିଜକୁ ସାମିଲ କରିପାରନ୍ତି।

ଆଜି ଚୈତ୍ରମାସର ମଙ୍ଗଳପୂର୍ଣ୍ଣିମା, ଦିବା ଘ.୦୯.୦୦ମି. ପରେ, ବୈଶାଖ କୃଷ୍ଣ ପ୍ରତିପଦା, ଚୈତ୍ର ମଙ୍ଗଳବାର ଓଷା ଶେଷପାଳି, ଶ୍ରୀମନ୍ଦିରରେ ଲଙ୍କାପୋଡ଼ି। ବୈଶାଖ ବ୍ରତାରମ୍ଭ, ଏପ୍ରିଲ ୨୭ ତାରିଖ, କବିବର ରାଧାନାଥଙ୍କ ତିରୋଧାନ ଦିବସ, ରାଶିନକ୍ଷତ୍ର-ସ୍ୱାତୀ/ତୁଳା, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମକର ରାଶିର ଘାତବାର। ଦିବା ଘ.୦୭.୫୬ମି. ଗତେ ଘ.୧୦.୨୮ମି. ମଧ୍ୟେ, ଘ.୦୧.୦୦ମି. ଗତେ ଘ.୦୨.୪୮ମି. ମଧ୍ୟେ ଅମୃତ ବେଳା। ଅପରାହ୍ନ ଘ.୦୨.୫୪ମି. ଗତେ ଘ.୦୪.୨୯ମି. ମଧ୍ୟେ ରାହୁକାଳ।


# classifieds Everyday

0674-2580101, 2549302




**SALE**

Plot available in Shreekhetra Vihar (highly developed plotting project) near Mangalpur Bhubaneswar- Puri NH side project features:- gated community 30ft road, gharabari Plot, Park, Temple, Society room. Contact- 9777302825. D-70847

Residential plot at- Heart Complex, Brahmanjharilo, Cuttack, 12K.M. from Bhubaneswar, 18K.M. from Cuttack @500/- per sft. (Few plots available), (Nearest to School, Coleges/ Hospital). 7809525452, 8249851363. D-70449

Sum Hospital 4K.M. ଦୂରତାରେ R.I. Training Centre Frontରେ Plot Sqft. 850/- ମିଳୁଛି। 9090963952. D-70830

Bhubaneswar ସୁନ୍ଦରପଦାରୁ ଓଇସି ରୋଡ୍‌ରେ ଘରବାରି ପ୍ଲଟ୍ sqft. 1500/-, 950/-, 380/- କାଟେଗୋରିରେ 630/- ଦିଆଯାଉଛି। Sonali- 9938016295. D-70845

ଭୁବନେଶ୍ୱର-ପୁରୀ ରାସ୍ତାର ପିପିଲି NH side Gated Community Plotting Project 30' ରାସ୍ତା, electricity boundary, park, Temple, Entrancegate (Bank finance available) sqft.-670/-, 7327092999. D-70846

ଭୁବନେଶ୍ୱର Hot location ପାହାଳ NH ଜଗନ୍ନାଥମନ୍ଦିର ପାଖରେ yellow zone plot sqft. 1850/-, ବାଲିଅନ୍ତାରେ ଘରବାରି boundary sqft. 1200/-, 7978230118, 8249477254. D-70826

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ପିତାପଲ୍ଲୀ bypass ପାଖରେ 4,80,000/- (outright). 9348232008, 9776974912. D-70842

2/3BHK flat at Bhubaneswar booking open, Discount offer, limited period upto 5,00,000/-. 9040744989. D-70836

ଭୁବନେଶ୍ୱର ଜଟଣୀଗେଟ୍ Jupiter College ଲାଗି sqft.-399/-, 230/-, ନଖରା ତ୍ରିନାଥ ବଜାର ପାଖରେ ଘରବାରି ପ୍ଲଟ୍ sqft.- 460/- ବିକ୍ରିହେବ। 9658891108, 7894433357. D-70835

Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession ଅଗ୍ରିମ boundarywall, electricity with 30ft. road sqft.650/-ରେ ମିଳୁଛି। Contact: 7008045582, 7749800648. D-20490

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ 1km. sqft.- 220/-, Niser ପାଖରେ sqft.-500/-, ତ୍ରିଶୂଳିଆ ଛକ ପାଖରେ 450/- plot ବିକ୍ରି ଚାଲୁଅଛି। 9178004547, 9348020724. D-70843

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




INDEPENDENT Double Storied Building in BDA-Colony, Palaspalli, Bhubaneswar with 2BR, two toilets, Kitchen, Drawing cum Dining Hall, Terrace, Compound front and back for rent. Contact: 9437007956. D-20601

ଭୁବନେଶ୍ୱର ପାଖରେ Paver Block/ Fly ash bricks/ ସିମେଣ୍ଟ ଇଟା/ hollow bricks/ cement nanda/ chowkatha etc. ପାଇଁ ୧୦ବର୍ଷ ଭଡ଼ା ସୂତ୍ରରେ ଜାଗା ଦିଆଯିବ। ଯୋଗାଯୋଗ: ୬୩୭୦୩୧୯୮୬୧, ୬୩୭୨୭୪୭୦୭୭. D-20515




Ayurvedic full body massage by experienced (M/F) therapist. 8018656899, 7008773793. D-59989

Newly open Spa offer @599/-, positively health benefits, Jaydevbihar. 7846814019. D-59988

Swarna SPA newly open positively health benefits with expert therapist. 9556978408. D-70588

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Refreshing your mind your body with the best therapy at Lotus Spa. 9801811949. D-70448

Monalisa massage club : All types body massage with hiprofile smart lady rooms service available 9708545108. D-20591

Zen SPA positively health benefits with experts therapeutic genuinely massage. 7205084157. D-70589

Refreshing your mind body with best expert therapist. 8144219731, 7749040472. D-70590

New opening Saikrupa Panchakarma and Spa jointpain, fullbody massage, 8984068077. D-65915




କ'ଣ ଆପଣ ଅସୁବିଧାରେ ଅଛନ୍ତି କି? ୨ଘଣ୍ଟାରେ ସମାଧାନ Myastron ଦ୍ୱାରା। କାମ ନହେଲେ ଟଙ୍କା ଫେରସ୍ତ। ବ୍ୟବସାୟରେ, ପ୍ରେମରେ, ବିବାହରେ, ଚାକିରି ସମାଧାନ Mobile/ Whatsapp No.- 07381297749, 09739501234. D-20592

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

By the virtue of an affidavit before the Court of Executive Magistrate, Bhubaneswar. I Abhishek, S/o- Raj kumar Singh, At- Chandrasekharpur, Gajapatinagar, Bhubaneswar have changed my name from Abhishek to Abhishek Singh according to my parent's surname for all purposes. D-20598

**LEGAL NOTICE**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଉଅଛୁ ଯେ, ଆମ୍ଭେ ସୌମ୍ୟରଞ୍ଜନ ପାଢୀ, ବୟସ-୪୪ବର୍ଷ, ପିତା- ଶରତ ଚନ୍ଦ୍ର ପାଢୀ, ସା- କୁମ୍ଭାରସାହି, ମିନାବଜାର, ଥାନା- ଟାଉନ୍, ଜିଲ୍ଲା- ଢେଙ୍କାନାଳ। ଆମ୍ଭର ଢେଙ୍କାନାଳ ସଦର ତହସିଲ ଅଧୀନସ୍ଥ ନଡିଆଳୀ ମୌଜାର ଖାତା ନଂ.- ୩୫୨/୩୪୭ର ମୋଟ୍ ଏ୩.୬୪୩ ଡେସିମିଲ୍ ଜମିର ସମୁଦାୟ ୧୨ଗୋଟି ପ୍ଲଟ୍ ରକ୍ଷଣାବେକ୍ଷଣ ତଥା ବିକ୍ରୟ କରିବାକୁ ଶ୍ରୀଯୁକ୍ତ ସତ୍ୟାନନ୍ଦ ରାଉଳ, ପିତା- ବସନ୍ତ କୁମାର ରାଉଳ, ସା- କୁମ୍ଭାରସାହି, ମିନାବଜାର, ଥାନା- ଟାଉନ୍, ଜିଲ୍ଲା- ଢେଙ୍କାନାଳଙ୍କ ସପକ୍ଷେ ଲିଖିତ କ୍ଷମତାପତ୍ର ଦଲିଲ୍ ଢେଙ୍କାନାଳ ଜିଲ୍ଲା ସବ୍‌ରେଜିଷ୍ଟ୍ରାରଙ୍କ ଇଜିଲାସରେ ରେଜିଷ୍ଟ୍ରି ଦଲିଲ୍ ନଂ.-୧୦୫୦୨୦୦୦୮୪୭, ତା।୧୭।୦୩।୨୦୨୦ରିଖ ମୁତାବକ ସଂପାଦନ କରିଥିଲୁ। ମାତ୍ର ଶ୍ରୀ ସତ୍ୟାନନ୍ଦ ରାଉଳଙ୍କ ତତ୍ ସଂପର୍କିତ କାର୍ଯ୍ୟକଳାପରେ ସନ୍ତୋଷଜନକ ନ ହେବାରୁ ଉପରୋକ୍ତ ରେଜିଷ୍ଟ୍ରି ଦଲିଲ୍ ମୁତାବକ ଆମ୍ଭେ ତାହାଙ୍କୁ ପ୍ରଦାନ କରିଥିବା କ୍ଷମତା ପ୍ରତ୍ୟାହାର ପାଇଁ ଘୋଷଣା କଲୁ। ଏଠାରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଉଅଛୁ କି ଯଦି କେହି ଶ୍ରୀ ସତ୍ୟାନନ୍ଦ ରାଉଳଙ୍କ ସହ ଉକ୍ତ ଜମିର ଖରିଦ୍ ବିକ୍ରି କରନ୍ତି ସେଥିପାଇଁ ଆମ୍ଭେ ଉତ୍ତରଦାୟୀ ରହିବୁ ନାହିଁ।

ସ୍ୱା/.- ସୌମ୍ୟରଞ୍ଜନ ପାଢୀ

ଧ-୭୦୩୨୪

## ଦିନ ମଜୁରିଆଙ୍କ ସମ୍ପତ୍ତି ଜଳିଗଲା

**କବିସୂର୍ଯ୍ୟନଗର:** କବିସୂର୍ଯ୍ୟନଗର ସହର ବକ୍ସିଜଗବନ୍ଧୁ ରୋଡ଼ ୭ ନଂ.ୱାର୍ଡରେ ଭଡାରେ ରହୁଥିବା ଏ.ଶ୍ୟାମବାବୁ ଆଚାରୀଙ୍କ ଘରେ ନିଆଁ ଲାଗି ସମସ୍ତ ଆସବାବପତ୍ର, ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ, ପେଡି, ଖଟ ଆଦି ଭସ୍ମୀଭୂତ ହୋଇଯାଇଛି। ସୋମବାର ସକାଳେ କାଉ ଏକ ଦୀପ ସଳିତା ଆଣି ଶ୍ୟାମବାବୁଙ୍କ ଖୋଲା ଟିଣ ଘରେ ପକାଇ ଦେବାରୁ ନିଆଁ ଲାଗି ଯାଇଥିଲା। ଅଗ୍ନିଶମ ବାହିନୀ ଓ ସାହି ଲୋକଙ୍କ ଯୋଗୁ ନିଆଁ ଅନ୍ୟଆଡ଼େ ବ୍ୟାପି ପାରି ନ ଥିଲା। ଶ୍ୟମବାବୁ ୧୨ ବର୍ଷହେଲା ବେଲଗୁଣ୍ଠାରୁ ଆସି ଏଠି ମୂଲ ଲାଗି ପରିବାର ପ୍ରତିପୋଷଣ କରୁଥିଲେ। ସହାୟତା ଲାଗି ସ୍ଥାନୀୟ ତହସିଲଦାରଙ୍କୁ ତାଙ୍କ ପରିବାର ଭେଟିଛନ୍ତି।



## ସଂକ୍ଷେପରେ

### ୩ ପଥର ବୋଝେଇ ଟ୍ରାକ୍ଟର ଜବତ, ଚାଳକ ଫେରାର

**ବୁଗୁଡା,୨୬।୪(ଡି.ଏନ.ଏ.):** ବୁଗୁଡା ତହସିଲ ପକ୍ଷରୁ ସୋମବାର ଚଢାଉ କରାଯାଇ ୩ ବେଆଇନ୍ ପଥର ବୋଝେଇ ଟ୍ରାକ୍ଟର ଜବତ କରାଯାଇଥିବା ବେଳେ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ବୁଗୁଡା ତହସିଲ ଅନ୍ତର୍ଗତ ବେତାରସିଙ୍ଗଠାରେ ବେଆଇନ୍ ଭାବେ ପଥର ଚାଲାଣ ହେଉଥିବା ଖବର ପାଇ ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ତହସିଲଦାର ସଂଗ୍ରାମ କେଶରୀ ଜେନା ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତିନୋଟି ପଥର ବୋଝେଇ ଟ୍ରାକ୍ଟର ଧରିଥିଲେ। ଉକ୍ତ ୩ ପଥର ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ସେମାନଙ୍କ ଠାରୁ ୫୦ ହଜାର ଟଙ୍କା ଲେଖାଏ ଜରିମାନା ଆଦାୟ ପରେ ଟ୍ରାକ୍ଟର ଗୁଡିକୁ ଛଡାଯିବ ବୋଲି ଅଧିକାରୀ ସୂଚନା ଦେଇଛନ୍ତି।

### ଯୁବକଙ୍କ ଗଳିତ ମୃତଦେହ ଜବତ

**ବ୍ରହ୍ମପୁର ଅଫିସ୍,୨୬।୪:** ଗୋଷାଣୀ ନୂଆଗାଁ ଥାନା ଅନ୍ତର୍ଗତ ହିଲ୍‌ପାଟଣା ନିକଟସ୍ଥ ଶ୍ରୀକ୍ଷେତ୍ର ନଗରରେ ରହୁଥିବା ଜଣେ ଯୁବକଙ୍କ ଗଳିତ ମୃତଦେହ ପୋଲିସ୍ ସୋମବାର ଜବତ କରିଛି। ମୃତ ଯୁବକ ଜଣକ ମାନସ କୁମାର ନାୟକ(୨୮)। ତାଙ୍କ ଘର ବଡ଼ ବଜାର ଥାନା ଅନ୍ତର୍ଗତ ପୁରୁଣା ବ୍ରହ୍ମପୁର ସ୍ଥିତ ପାଣ୍ଡବ ନଗର ବୋଲି ପୋଲିସ୍ କହିଛି। ଏ ନେଇ ପୋଲିସ୍ ନଂ.୨/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ମାନସଙ୍କ ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡୁ ନ ଥିବା ବେଳେ ପୋଲିସ୍ ମାନସଙ୍କ ଏକ ମୋବାଇଲ୍ ଫୋନ ଜବତକରି ଘଟଣାର ତଦନ୍ତ ଜାରି ରଖିଛି। ମାନସଙ୍କୁ ତାଙ୍କ ପରିବାର ବର୍ଗ ଗତ ୨ ଦିନ ଧରି ଫୋନ୍ କରିଥିଲେ ସୁଦ୍ଧା ତାଙ୍କ ସହ ଯୋଗାଯୋଗ ହୋଇପାରି ନ ଥିଲା। ସନ୍ଦେହରେ ତାଙ୍କ ପରିବାର ବର୍ଗ ସୋମବାର ଅପରାହ୍ନ ପ୍ରାୟ ୩ଟାରେ ସେ ରହୁଥିବା ଶ୍ରୀକ୍ଷେତ୍ର ନଗରକୁ ଯାଇଥିଲେ। ଘର ଭିତର ପଟୁ ତାଲା ପଡ଼ିଥିବା ବେଳେ ସେମାନେ ପୋଲିସ୍‌କୁ ଜଣାଇଥିଲେ। ପୋଲିସ୍ ଉପସ୍ଥିତିରେ ଘର କବାଟ ଭଙ୍ଗା ଯିବା ବେଳେ ମାନସ ବେକରେ ଗାମୁଛା ଲଗାଇ ଝୁଲନ୍ତା ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଥିଲା। ପରେ ପୋଲିସ୍ ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

**ପୋଲସରା,୨୬।୪(ଡି.ଏନ.ଏ.):** ପୋଲସରା ବ୍ଲକ ଘୋଡାପଲାଣ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ବିଜେଡି ନେତା କିଶୋର ଚନ୍ଦ୍ର ପ୍ରଧାନ(୬୦)ଙ୍କର ସୋମବାର ପରଲୋକ ଘଟିଛି। ପ୍ରଧାନ ଦୀର୍ଘଦିନ ହେଲା ଗଳା କର୍କଟ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ। ପରେ ସୁସ୍ଥ ହୋଇ ନିଜ ଗ୍ରାମ କରଞ୍ଜରାରେ ରହୁଥିଲେ। ରବିବାର ନିଃଶ୍ୱାସ ନେବାରେ କଷ୍ଟ ହେବାରୁ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ତେବେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ ମେଡିକାଲକୁ ନିଆଯାଇଥିଲା।

### ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ ପାଳିତ

**ବ୍ରହ୍ମପୁର ଅଫିସ୍,୨୬।୪:** ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୦ତମ ଜୟନ୍ତୀ ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲା ଶାଖା ପକ୍ଷରୁ ସୋମବାର ପାଳିତ ହୋଇଯାଇଛି। ସଂଘ ସଭାପତି ଡ.ସୁବ୍ରତ କୁମାର ସାହୁଙ୍କ ନେତୃତ୍ୱରେ କର୍ମକର୍ତ୍ତାଙ୍କ ଦ୍ୱାରା ପୂର୍ବାହ୍ନରେ ଗିରି ମାର୍କେଟ ସ୍ଥିତ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ଭର୍ଚୁଆଲରେ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଭୂମିକା ସମ୍ପର୍କରେ ଆଲୋଚନା ହୋଇଥିଲା। ସଂଘ ସଭାପତି ଏଥିରେ ସଭାପତିତ୍ୱ କରିଥିଲେ। ଉପଦେଷ୍ଟା ମନ୍ମଥ ପାଢୀ, ଡ଼ା.ବୃନ୍ଦାବନ ଚନ୍ଦ୍ର ପାଢୀ ଓ ଅବସରପ୍ରାପ୍ତ ଅଧକ୍ଷ ଡ଼.ବନମାଳୀ ପାଣିଗ୍ରାହୀ ଓ ଉପସଭାପତି ଡ.ନକୁଳ ସାହୁ ଆଲୋଚକ ଭାବେ ଅଂଶଗ୍ରହଣ କରିଥିଲେ। ମହାରାଜା କୃଷ୍ଣଚନ୍ଦ୍ର ଗଜପତି ହିଁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ବ୍ରିଟିଶ ପାର୍ଲିଆମେଣ୍ଟର ଗୋଲ୍ ଟେବୁଲ୍ ବୈଠକରେ ତିନି ତିନି ଥର ଅଂଶଗ୍ରହଣ କରି ଓଡ଼ିଆଙ୍କ ସ୍ୱତନ୍ତ୍ର ଭାଷା ଭିତ୍ତିକ ରାଜ୍ୟର ଆବଶ୍ୟକତା ଉପରେ ଗଜପତିଙ୍କ ଭୂମିକା ସମ୍ପର୍କରେ ଆଲୋଚକମାନେ ମତ ରଖିଥିଲେ।



ମୁଖ୍ୟ ଛକରେ ବିନା ମାସ୍କରେ ସାଧାରଣ ଜନତା।



ମର୍ଦ୍ଦରାଜ ଭେଣ୍ଡିଂ ଜୋନ୍ ପାର୍ଶ୍ୱ ରାସ୍ତାରେ ଗ୍ରାହକଙ୍କ ଭିଡ଼।

# ସପ୍ତାହାନ୍ତ ଶଟ୍‌ଡାଉନ୍ ପରେ କଟକଣାକୁ ବେଖାତିର

## ମୁଖ୍ୟ ଛକ, ବଜାରରେ ରହୁନି ସାମାଜିକ ଦୂରତା

**ବ୍ରହ୍ମପୁର ଅଫିସ,୨୬।୪**

ଗଞ୍ଜାମ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ମୃତ୍ୟୁ ସଂଖ୍ୟା ମଧ ଜାରି ରହିଛି। ଏଭଳି ସ୍ଥିତିକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ମହାନଗରରେ ପ୍ରତି ସପ୍ତାହର ଶନିବାର ଓ ରବିବାର ସପ୍ତାହାନ୍ତ ଶଟ୍‌ଡାଉନ୍ ଘୋଷଣା କରାଯାଇଛି। ସୋମବାର ଶଟ୍‌ଡାଉନ୍ ଅବଧି ଶେଷ ହେବା କ୍ଷଣି ସହରର ମୁଖ୍ୟ ଛକ ଓ ପରିବା ବଜାରରେ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳିଥିଲା। କେଉଁଠି ସାମାଜିକ ଦୂରତା ରହି ନ ଥିଲା ତ ଆଉ କେଉଁଠି ଉଭୟ ଗ୍ରାହକ ଓ ବ୍ୟବସାୟୀ ମାସ୍କ ପିନ୍ଧି ନ ଥିବା ଦୃଷ୍ଟିକୁ ଆସିଥିଲା। ଅନ୍ୟପଟେ ଶଟ୍‌ଡାଉନ୍ ପରେ ପୂର୍ବଭଳି ନାଇଟ୍ କର୍ଫ୍ୟୁ ଜାରି ରହିବା ସହ ପ୍ରତ୍ୟହ ପୂର୍ବାହ୍ନ ୫ଟାରୁ ରାତି ୯ଟା ଯାଏ ଦୋକାନ ବଜାର ଖୋଲା ରହିବ ବୋଲି ବିଏମ୍‌ସି ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। କିନ୍ତୁ ସାଧାରଣ ଲୋକେ ଆଗାମୀ ଦିନରେ ବଜାରରେ କୌଣସି ସାମଗ୍ରୀ ନ ମିଳିବା ଭୟରେ ବିଭିନ୍ନ ବଜାର, ଭେଣ୍ଡିଂ ଜୋନ, ତେଜରାତି ଦୋକାନ, ଫଳ, ପୋଷାକ, ଖେଳ ସାମଗ୍ରୀ ବିକ୍ରି ହେଉଥିବା ଦୋକାନ, ବହି ଦୋକାନଗୁଡ଼ିକରେ ଭିଡ଼ ଜମାଉଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ବ୍ୟବସାୟୀମାନେ ପଞ୍ଚସୂତ୍ରୀ ନିୟମ ପାଳନ କରିବା ପାଇଁ କଡ଼ା ନିର୍ଦ୍ଦେଶ ରହିଥିବା ବେଳେ ଅନେକ ବ୍ୟବସାୟୀ ପ୍ରଶାସନର ନିୟମକୁ ଖାତିର କରୁନାହାନ୍ତି। ଅନ୍ୟପଟେ ପୋଲିସ ପ୍ରଶାସନ ପକ୍ଷରୁ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରାଯାଉଛି। କିନ୍ତୁ ଭିଡ଼କୁ ଏଡ଼ାଇବା ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ବିଭିନ୍ନ ମହଲରୁ ଅଭିଯୋଗ ହୋଇଛି।



ବ୍ୟବସାୟୀ ଓ ଗ୍ରାହକଙ୍କ ମଧ୍ୟରେ ରହୁନି ସାମାଜିକ ଦୂରତା।

# ସିଲ୍ ହେଲା ଘରୋଇ ପାଥୋଲାବ୍

**ବ୍ରହ୍ମପୁର ଅଫିସ,୨୬।୪**

କରେନା ସନ୍ଦିଗ୍ଧ ରୋଗୀଙ୍କ ଆରଟିପିସିଆର୍ ପରୀକ୍ଷା ନାଁରେ ଟଙ୍କା ଠକେଇ ଅଭିଯୋଗ ଆସିବା ପରେ ପ୍ରଶାସନ ତରଫରୁ ଏକ ଘରୋଇ ପାଥୋଲ୍ୟାବକୁ ସୋମବାର ସିଲ୍ କରାଯାଇଛି। ଏ ଦିଗରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଅଧିକ ତଦନ୍ତ କରାଯାଉଛି। କିଏ ଓ କିଭଳି ପରିସ୍ଥିତିରେ ଏଭଳି ଠକେଇ କରୁଥିଲେ ସେ ସମ୍ପର୍କରେ ତଦନ୍ତ ଚାଲିଥିବା କୁହାଯାଇଛି। ଦିନକୁ ଦିନ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। କରୋନା ଲକ୍ଷଣ ଦେଖାଦେବା ପରେ ଲୋକେ ପରୀକ୍ଷା ପାଇଁ ଡାକ୍ତରଖାନାକୁ ଦୌଡୁଛନ୍ତି। କିନ୍ତୁ ଡାକ୍ତରଖାନାରେ ରୋଗୀଙ୍କୁ ଆରଟିପିସିଆର୍ ବଦଳରେ ଆଣ୍ଟିଜେନ୍ ପରୀକ୍ଷା କରିବା ପାଇଁ କୁହାଯାଉଛି। ଆଣ୍ଟିଜେନ୍ ପରୀକ୍ଷା ରିପୋର୍ଟ ୨୪ଘଣ୍ଟାରେ ମିଳିଯାଉଛି। କିନ୍ତୁ ଆରଟିପିସିଆର୍ ରିପୋର୍ଟ ମିଳିବା ପାଇଁ ୬-୭ଦିନ ସମୟ ଲାଗୁଛି। ଏଣୁ ଆଣ୍ଟିଜେନ୍ ପରୀକ୍ଷା କରିବା ପାଇଁ ରୋଗୀ ବାଧ ହେଉଛନ୍ତି। ହେଲେ ଏହି ରିପୋର୍ଟ ଠିକ୍ ଆସୁ ନ ଥିବାରୁ ଅଧିକାଂଶ ଲୋକ ଆରଟିପିସିଆର୍ ପରୀକ୍ଷା କରିବାକୁ ଇଚ୍ଛା କରୁଛନ୍ତି। ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଯେଉଁ ରୋଗୀଙ୍କ ଆରଟିପିସିଆର୍ ପରୀକ୍ଷା କରାଯାଉଛି ତାଙ୍କର ରିପୋର୍ଟ ଆସିବା ପାଇଁ ବହୁ ସମୟ ଲାଗୁଛି। ଏଣୁ ଏହାର ସୁଯୋଗ ନେଇ ବ୍ରହ୍ମପୁର ସହରର ଏକ ଘରୋଇ ପାଥୋଲ୍ୟାବରେ ମାତ୍ର ୨/୩ଦିନ ମଧ୍ୟରେ ଆରଟିପିସିଆର୍ ରିପୋର୍ଟ ମିଳିବ ବୋଲି ରୋଗୀଙ୍କୁ କୁହାଯାଇଥିଲା। ଭାବାନଗର ଛକରେ ଥିବା ଏହି ପାଥୋଲ୍ୟାବ୍ ଗୁରଗାଓଁର ଏକ ଜଣାଶୁଣା ଲ୍ୟାବର ଏକ ଶାଖା ବୋଲି କୁହାଯାଇଥିଲା। ଫଳରେ କିଛିଦିନ ହେଲା ଶତାଧିକ ରୋଗୀ ଏହି ଲ୍ୟାବରେ ଆରଟିପିସିଆର୍ ପରୀକ୍ଷା ପାଇଁ ନମୁନା ଦେଇଥିଲେ। ପ୍ରତ୍ୟେକ ନମୁନା ପିଛା ଜଣଙ୍କ ଠାରୁ ୧ହଜାର ଟଙ୍କା ସଂଗ୍ରହ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ହେଲେ ଗତ ଦୁଇଦିନ ତଳେ ହଠାତ ଏହି ଲ୍ୟାବ୍ ବନ୍ଦ ହୋଇଯାଇଥିଲା। ଏହାର କର୍ମଚାରୀଙ୍କ ଦେଖା ନ ମିଳିବାରୁ ଲୋକେ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ କିଛି ଲୋକ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶ କ୍ରମେ ପ୍ରଶାସନର ଏକ ଟିମ୍ ଘଟଣାର ତଦନ୍ତ କରି ବେଆଇନ ଭାବେ ନମୂନା ସଂଗ୍ରହ କରୁଥିବା ଯୋଗୁ ସେହି ପାଥୋଲ୍ୟାବକୁ ସିଲ୍ କରାଯାଇଛି।

### ଶଟ୍‌ଡାଉନରେ ୫୦ କୋଟିର ବ୍ୟବସାୟ ବନ୍ଦ

**ବ୍ରହ୍ମପୁର ଅଫିସ,୨୬।୪**

ଚଳିତ ବର୍ଷର ପ୍ରଥମ ଦୁଇଦିନିଆ ସପ୍ତାହାନ୍ତ ଶଟ୍‌ଡାଉନ ଯୋଗୁ ବ୍ରହ୍ମପୁର ସମେତ ଗଞ୍ଜାମ ଜିଲାର ୧୮ ସହରାଞ୍ଚଳରେ ପ୍ରାୟ ୫୦ କୋଟିର ବ୍ୟବସାୟ ବନ୍ଦ ହୋଇଥିଲା। ସୋମବାର ଦୋକାନ ବଜାର ଖୋଲାଯାଇଥିବାରୁ ସବୁଠି ଚଳଚଞ୍ଚଳ ସତ୍ତ୍ୱେ କରୋନା ମହାମାରୀ ଦ୍ୱିତୀୟ ଲହର ଦିନକୁ ଦିନ ଭୟଙ୍କର ହେଉଥିବାରୁ ଲୋକେ ପଦାକୁ ଆସିବା ନିରାପଦ ମଣୁନାହାନ୍ତି। ତେଣୁ ଆଶାନୁରୂପ ବେପାର ହୋଇ ନ ଥିବା ଗଞ୍ଜାମ ବଣିକ ସଂଘ କର୍ମକର୍ତ୍ତା ସୂଚନା ଦେଇଛନ୍ତି। ଅପରପକ୍ଷରେ ଦେଖା ଦେଇଥିବା ସଙ୍ଗିନ ସ୍ଥିତିର ମୁକାବିଲା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଦୃଢ଼ ପଦକ୍ଷେପ ନିଆଯାଇଛି। ତଥାପି ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ି ଚାଲିଛି। ମହାନଗରରେ ଗାନ୍ଧୀନଗର, ହିଲପାଟଣା ଓ ଆଉ କେତେକ ଅଞ୍ଚଳରେ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ କରାଯାଇ ତୀକ୍ଷ୍ଣ ନଜର ରଖାଯାଇଛି। ନାଇଟ କର୍ଫ୍ୟୁ ବଳବତ୍ତର ରହିଛି ଏବଂ ମାସ୍କ ପିନ୍ଧିବା ବାଧ୍ୟତାମୂଳକ ପାଇଁ ବିଏମ୍‌ସି ପକ୍ଷରୁ ମାଇକ ପ୍ରଚାର ଯୋଗେ ସଚେତନ କାର୍ଯ୍ୟକ୍ରମକୁ ଜୋରଦାର କରାଯାଇଛି। ପୋଲିସ ପାଟ୍ରୋଲିଂ ଅବ୍ୟାହତ ରହିଛି।

# ଏନ୍‌ଫୋର୍ସମେଣ୍ଟ୍ ସ୍କ୍ୱାର୍ଡର ୩ କୋଚିଂ ସେଣ୍ଟର୍ ସିଲ୍

**ବ୍ରହ୍ମପୁର ଅଫିସ୍,୨୬।୪**

କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ସୋମବାର ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡ ପକ୍ଷରୁ ବ୍ରହ୍ମପୁର ସହରର ୨ ଘରୋଇ କୋଚିଂ ସେଣ୍ଟରକୁ ସିଲ୍ କରାଯାଇଛି। ହିଲ୍‌ପାଟଣା ୩ୟ ଲେନ୍ ଓ ଖଲ୍ଲିକୋଟ ମହାବିଦ୍ୟାଳୟ ଖେଳ ପଡ଼ିଆ ସମ୍ମୁଖରେ ଥିବା ୨ ଘରୋଇ ଟ୍ୟୁଟୋରିଆଲ୍‌ରେ ଅଫ୍‌ଲାଇନ୍ ପାଠ ପଢାଯାଉଥିବା ନେଇ ବିଏମ୍‌ସିକୁ ସୂଚନା ମିଳିଥିଲା। ଖବର ପାଇ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ତରୁଣକାନ୍ତଙ୍କ ନେତୃତ୍ୱରେ ଟିମ୍ ପହଞ୍ଚି ଉକ୍ତ ୩ ଟ୍ୟୁଟୋରିଆଲ୍‌କୁ ସିଲ୍ କରାଯାଇଥିବା ଅଧିକାରୀ ତରୁଣକାନ୍ତ ସୂଚନା ଦେଇଛନ୍ତି। ତେବେ ଆଗାମୀ ଦିନରେ ନିୟମ ଉଲ୍ଲଂଘନ କରୁଥିବା ବ୍ୟବସାୟୀ ପ୍ରତିଷ୍ଠାନ ଓ ଶିକ୍ଷାନୁଷ୍ଠାନ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।



ଏନ୍‌ଫୋର୍ସମେଣ୍ଟ୍ ପକ୍ଷରୁ ସିଲ୍ କରାଯାଉଛି।

# ଆଇନଜୀବୀଙ୍କ ବିୟୋଗରେ କୋର୍ଟ କାର୍ଯ୍ୟ ବନ୍ଦ

**ବ୍ରହ୍ମପୁର ଅଫିସ,୨୬।୪**

ବ୍ରହ୍ମପୁର ଗଞ୍ଜାମ ଓକିଲ ସଂଘର ସଦସ୍ୟ ତଥା ଆଇନଜୀବୀ ଲକ୍ଷ୍ମଣ ପାଢ଼ୀ (୬୫)ଙ୍କ ବିୟୋଗରେ ସୋମବାର ଓକିଲ ସଂଘ କାର୍ଯ୍ୟାଳୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଲକ୍ଷ୍ମଣଙ୍କ ଗତ ୨୫ ତାରିଖରେ ଏମକେସିଜି ମେଡିକାଲରେ ମୃତ୍ୟୁ ଘଟିଥିଲା। ସୋମବାର ଓକିଲ ସଂଘ ସଭାପତି ଜନାର୍ଦ୍ଦନ ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନଟ ନୀରବ ପ୍ରାର୍ଥନା କରାଯାଇଥିଲା। ସେହିପରି ଶୋକସନ୍ତାପ ପରିବାରବର୍ଗଙ୍କ ପାଇଁ ସମବେଦନା ଜ୍ଞାପନ କରାଯାଇଥିଲା। ଏଥିରେ ସମ୍ପାଦକ ପ୍ରଦୀପ କୁମାର ବେହେରା, ଉପ ସଭାପତି ବି.ଭାଗୀରଥି ରାଓ, ଯୁଗ୍ମ ସମ୍ପାଦକ ସୁଧୀର କୁମାର ପାତ୍ର, ମୋହନ ସିଙ୍ଗାରି, ପୀତବାସ ପଣ୍ଡା, ସୀତାଂଶୁ ପଣ୍ଡା, ରଘୁନାଥ ପ୍ରସାଦ ପାଣିଗ୍ରାହୀ, ପ୍ରଦୀପ ପଣ୍ଡା, ସଞ୍ଜୟ ମିଶ୍ର, ଅଭୟ ପଣ୍ଡା, ବରୁଣ ଗୌଡ଼, ପ୍ରସାଦ ରାଓ, ଅକ୍ଷୟ ପଟ୍ଟନାୟକ, ହୀରକ ରଥ, ମନୋଜ ପଟ୍ଟନାୟକ, ଅଶୋକ ଶୁକ୍ଳା, ସୁଦର୍ଶନ ପଣ୍ଡା, ବିରଞ୍ଚି ମହାପାତ୍ର, ନୟନ ଚନ୍ଦ୍ର ମହାପାତ୍ର, ପ୍ରସାଦ ଦୋରା, ପ୍ରଦୀପ ପଟ୍ଟନାୟକ, ସୂର୍ଯ୍ୟ ନାରାୟଣ ପଟ୍ଟନାୟକ ଓ ବିପ୍ର ଚରଣ ସାହୁଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ସୋମବାର ଦିନକ ପାଇଁ ଓକିଲ ସଂଘ ତରଫରୁ ଜିଲା ଜଜ କୋର୍ଟ ସମେତ ସମସ୍ତ ନିମ୍ନ ଅଦାଲତ ଗୁଡିକରେ କୋର୍ଟ କାର୍ଯ୍ୟ ବନ୍ଦ ରଖାଯାଇଥିଲା।

# ଥାନା ଅଧିକାରୀସ୍ତରରେ ଅଦଳବଦଳ

**ବ୍ରହ୍ମପୁର ଅଫିସ,୨୬।୪**

ବ୍ରହ୍ମପୁର ପୋଲିସ ଜିଲାର ଥାନା ଅଧିକାରୀ ସ୍ତରରେ ଅଦଳବଦଳ କରାଯାଇଛି। ବଡ଼ବଜାର ଥାନାରେ ଅତିରିକ୍ତ ଅଧିକାରୀ ଦାୟିତ୍ୱରେ ଥିବା ଇନ୍ସପେକ୍ଟର୍ ମହେନ୍ଦ୍ର କୁମାର ସାହୁଙ୍କୁ ସଦର ଥାନା ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି। ପୂର୍ବରୁ ସଦର ଥାନା ଅଧିକରୀ ଥିବା ଇନ୍ସପେକ୍ଟର୍ ସନ୍ତୋଷିନୀ ଓରାମ୍ ଡିଏସ୍‌ପି ପଦବିକୁ ପଦୋନ୍ନତି ପାଇଛନ୍ତି। ଏଣୁ ତାଙ୍କୁ ଜିଲା ପୋଲିସ ମୁଖ୍ୟାଳୟର ଆଇୟୁସିଏଡବ୍ଲୁକୁ ବଦଳି କରାଯାଇଛି। ସେହିପରି ମୁଖ୍ୟାଳୟରେ କାର୍ଯ୍ୟରତ ଥିବା ଇନ୍ସପେକ୍ଟର୍ ଭାବନାନନ୍ଦ ପ୍ରଧାନଙ୍କୁ ଜରଡ଼ା ଥାନାଧିକାରୀ ଭାବେ ବଦଳି କରାଯାଇଛି। ଜରଡ଼ା ଥାନାରେ ଥାନା ଅଧିକାରୀ ଭାବେ କାର୍ଯ୍ୟରତ ଥିବା ଇନ୍ସପେକ୍ଟର ମୃତ୍ୟୁଞ୍ଜୟ ସ୍ୱାଇଁଙ୍କୁ କେ.ନୂଆଗାଁ ଥାନା ଅଧିକାରୀ ଭାବେ ବଦଳି କରାଯାଇଛି। ସେହିପରି କେ. ନୂଆଗାଁ ଥାନା ଅଧିକାରୀ ଭାବେ କାର୍ଯ୍ୟରତ ଇନ୍ସପେକ୍ଟର୍ ମାଧବାନନ୍ଦ ନାୟକଙ୍କୁ ଜିଲା ମୁଖ୍ୟାଳୟର ଡିସିଆରବିକୁ ବଦଳି କରାଯାଇଥିବା ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି।

# ଦନ୍ତାହାତୀ ଆକ୍ରମଣରେ ଜଣେ ମୃତ, ଜଣେ ଆହତ



## ୨ ପଞ୍ଚାୟତରେ ହାତୀ ଆତଙ୍କ

**ଚିକିଟି,୨୬।୪(ଡି.ଏନ.ଏ.)**

ଗଞ୍ଜାମ ଜିଲା ଚିକିଟି ବ୍ଲକ ଗୋବିନ୍ଦନଗର ଓ ରାମଚନ୍ଦ୍ରପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ଦୀର୍ଘ ୨ମାସ ଧରି ୧୫ ହାତୀଥିବା ପଲ ଆତଙ୍କ ଚଳାଇଛନ୍ତି। ହାତୀପଲକୁ ଘଉଡାଇବା ପାଇଁ ଦୀର୍ଘ ୨ମାସ ଧରି ବ୍ରହ୍ମପୁର ଡିଏଫଓଙ୍କ ନେତୃତ୍ୱରେ ବନବିଭାଗ ପକ୍ଷରୁ ଏକ ଟିମ୍ ଗଠନ କରି ଟ୍ରାକିଂ କରାଯାଉଥିଲେ ମଧ ବନବିଭାଗ କର୍ମଚାରୀ ନାକେଦମ୍ ହୋଇଗଲେଣି। ପ୍ରତିଦିନ ଭଳି ରବିବାର ବିଳମ୍ବିତ ରାତିରେ ବନବିଭାଗ ପକ୍ଷରୁ ହାତୀପଲଙ୍କୁ ଟ୍ରାକିଂ କରାଯାଉଥିବା ବେଳେ ଚାନ୍ଦପୁର ଗ୍ରାମର ୧୦ରୁ ଉର୍ଦ୍ଧ୍ୱ ଲୋକ ଦେଖିବାକୁ ଯାଇଥିଲେ। ସେଥିମଧ୍ୟରୁ ଗୋଟିଏ ଦନ୍ତା ହାତୀ ଆସି ବୃନ୍ଦାବନ ବିନ୍ଧାଣି (୫୬)ଙ୍କୁ ଦଳି ଚକଟି ଦେବା ସହ ଅନ୍ୟ ଜଣେ ଭାବୁନୀ ବିନ୍ଧାଣି (୪୫)ଙ୍କୁ ଶୁଣ୍ଢରେ ଟେକି ଫୋପାଡି ଦେଇଥିଲା । ଭୟରେ ଅନ୍ୟ ପ୍ରାୟ ୮ରୁ ଉର୍ଦ୍ଧ୍ୱ ଲୋକ ଗ୍ରାମକୁ ଦୌଡି ଆସୁଥିବା ବେଳେ ପଡି ଆହତ ହୋଇଥିଲେ । ଘଟଣାସ୍ଥଳରେ ବୃନ୍ଦାବନଙ୍କ ମୃତ୍ୟୁ ଘଟିଥିବା ବେଳେ ଆମ୍ବୁଲାନ୍ସ ଯୋଗେ ଭାବୁନୀଙ୍କୁ ଗୁରୁତର ଅବସ୍ଥାରେ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ବଡମେଡିକାଲ ସ୍ଥାନାନ୍ତର କରାଯାଇଥିବା ବନବିଭାଗ ପକ୍ଷରୁ କୁହାଯାଇଛି । ଦିଗପହଣ୍ଡି ଡେପୁଟି ରେଞ୍ଜର କାହ୍ନୁଚରଣ ପଟ୍ଟନାୟକ ଉକ୍ତ ଗ୍ରାମକୁ ଯାଇ ମୃତ ପରିବାରଙ୍କୁ ସମବେଦନା ଜଣାଇବା ସହ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ପରେ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି କହିଛନ୍ତି । ବର୍ତ୍ତମାନ ହାତୀପଲ ସୁବର୍ଣ୍ଣପୁର ଗ୍ରାମ ଦକ୍ଷିଣ କବାଟ ଘାଇ ନିକଟରେ ଅଛନ୍ତି। ଏହି ହାତୀପଲ ମଧ୍ୟରେ ୯ ମାଇ, ୨ ଦନ୍ତାହାତୀ ଓ ୪ଛୁଆ ହାତୀ ଅଛନ୍ତି। ବର୍ତ୍ତମାନ ହାତୀପଲଙ୍କ ଗତିବିଧିକୁ ନଜର ରଖିବା ପାଇଁ ବନବିଭାଗ ଏବଂ ପୋଲିସ କର୍ମଚାରୀମାନେ ଛକି ଜଗିଛନ୍ତି ।

# ଆଡୁଆ ସାହି କଣ୍ଟେନମେଣ୍ଟ ଜୋନ

**ଆସିକା,୨୬।୪(ଡି.ଏନ୍.ଏ.)**

ଆସିକା ବ୍ଲକ ନଳବଣ୍ଟା ପଞ୍ଚାୟତ ନଳବଣ୍ଟା ଗ୍ରାମର ଜଗନ୍ନାଥ ମନ୍ଦିର ସଂଲଗ୍ନ ଆଡୁଆ ସାହିକୁ ସୋମବାର ସନ୍ଧ୍ୟାରେ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି । ଗତ କିଛି ଦିନ ମଧ୍ୟରେ ଉକ୍ତ ସାହିରେ ୫ରୁ ଉର୍ଦ୍ଧ୍ୱ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ଏହାକୁ କଣ୍ଟେନମେଣ୍ଟ ଜୋନ ଘୋଷଣା ନିମନ୍ତେ ସରପଞ୍ଚ ସୁମିତ୍ରା ପ୍ରଧାନ ସ୍ଥାନୀୟ ପ୍ରଶାସର ଦୃଷ୍ଟି ଆକର୍ଷଣ କରିଥିଲେ । ପରେ ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ ସଂପୃକ୍ତ ଅଞ୍ଚଳକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଥିବା ଆସିକା ତହସିଲଦାର ସଦାନନ୍ଦ ସେଠୀ କହିଛନ୍ତି । ସଂପୃକ୍ତ ଅଞ୍ଚଳକୁ ବ୍ୟାରିକେଡ କରାଯାଇଛି । ଅତିରିକ୍ତ ତହସିଲଦାର ଆଶୁତୋଷ ଗୌରବକରଙ୍କୁ ଏହାର ତଦାରଖ ଦାୟିତ୍ୱ ଦିଆଯାଇଥିବା ଜଣାପଡିଛି।

# କିଓସ୍କୋ ଅଧିକାରୀଙ୍କ କୃଷି ଋଣ ଆତ୍ମସାତ ଅଭିଯୋଗ

## ଉଚ୍ଚସ୍ତରୀୟ ତଦନ୍ତ ଦାବି

**କୁକୁଡାଖଣ୍ଡି,୨୬।୪**

ଗଞ୍ଜାମ ଜିଲା କୁକୁଡାଖଣ୍ଡି ବ୍ଲକ ଆଙ୍କୁଶପୁର ଓ ବାଲିପଡ଼ା ଷ୍ଟେଟ ବ୍ୟାଙ୍କ ଅଧୀନରେ ଡ଼େଙ୍ଗାପଡାରରେ ଏକ କିଓସ୍କୋ ବ୍ୟାଙ୍କ ଖୋଲାଯାଇଛି। ଏଠାରେ ଥିବା ଅଧିକାରୀ ଗ୍ରାହକମାନଙ୍କୁ କୃଷି ଋଣ କରାଇ ଦେବି କହି କାଗଜପତ୍ର ନେଇ ପରବର୍ତ୍ତୀ ସମୟରେ ଋଣ ନ ଦେଇ ନିଜେ ଆତ୍ମସାତ କରିଥିବା ଅଭିଯୋଗ ହୋଇଛି। ଯେତେବେଳେ ସମ୍ପୃକ୍ତ ଷ୍ଟେଟ୍ ବ୍ୟାଙ୍କ କର୍ତ୍ତୃପକ୍ଷ ଋଣ ନେଇଥିବା ହିତାଧିକାରୀଙ୍କୁ ପରିଶୋଧ ପାଇଁ ନୋଟିସ କଲେ ସେତେବେଳେ ହିତାଧିକାରୀ ଋଣ ନେଇ ନ ଥିବା ଶାଖା ପରିଚାଳକଙ୍କୁ କହିଥିଲେ। ସମ୍ପୃକ୍ତ କିଓସ୍କୋ ଦାୟିତ୍ୱରେ ଥିବା ଅଧିକାରୀ ହିତାଧିକାରୀଙ୍କୁ ଋଣ ନ ଦେଇ ନିଜେ ଆତ୍ମସାତ୍ କରିଥିବା ଜଣାପଡିଥିଲା। ପରେ ଶାଖା ପରିଚାଳକ କିଓସ୍କୋ ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କୁ ତୁରନ୍ତ ଋଣ ପରିଶୋଧ କରିବା ପାଇଁ କହିଥିଲେ। ସେ କିଛି ଟଙ୍କା ପରିଶୋଧ ମଧ କରିଥିଲେ। ଏହିଭଳି ଭାବେ ଡ଼େଙ୍ଗାପଦର, ବାଲିପଡ଼ା, ରୋହିଗାଁ ଓ ନାରାୟଣପୁର ଆଦି ବହୁ ଗ୍ରାମର ଲୋକଙ୍କ ନାମରେ କୃଷି ଋଣ କରାଇଦେବାକୁ କହି ଲକ୍ଷ ଲକ୍ଷ ଟଙ୍କା ଉଠାଇ ନିଜେ ଆତ୍ମସାତ କରିଥିବା ଅଭିଯୋଗ ହେଉଛି।

# ଛତ୍ରପୁରରେ ସନ୍ଧ୍ୟା ୬ରୁ ଦୋକାନ ବନ୍ଦ

**ଛତ୍ରପୁର,୨୬।୪(ଡି.ଏନ.ଏ.)**

ଗଞ୍ଜାମ ଜିଲା ହେଡ୍‌କ୍ୱାର୍ଟର ଛତ୍ରପୁରରେ ଦିନକୁ ଦିନ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି । ଏଠାରେ ଥିବା ବିଭିନ୍ନ ସରକାରୀ ଓ ବେସରକାରୀ ଅଫିସ, ବ୍ୟାଙ୍କ ଆଦି କର୍ମଚାରୀ କରୋନାରେ ସଂକ୍ରମିତ ହେଉଛନ୍ତି । ଏଠାରେ ସପ୍ତାହାନ୍ତ ୨ ଦିନିଆ ଶଟ୍‌ଡାଉନ୍ ଓ ରାତି ୯ ଟାରୁ ପରଦିନ ସକାଳ ୫ଟା ପର୍ଯ୍ୟନ୍ତ ରାତି କର୍ଫ୍ୟୁ ଜାରି ରହିଛି। ଏହା ସତ୍ତ୍ୱେ ମଧ ଦିନକୁ ଦିନ ପଜିଟିଭ୍‌ଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ସୋମବାର ଛତ୍ରପୁରରେ ଥିବା ବିଭିନ୍ନ ବ୍ୟବସାୟୀ ସଂଘ କର୍ମକର୍ତ୍ତାଙ୍କ ସହ ସ୍ଥାନୀୟ ଏନ୍‌ଏସିରେ ଏକ ବୈଠକ ପ୍ରଶାସନ ପକ୍ଷରୁ କରାଯାଇଥିଲା। ବୁଧବାରଠାରୁ ଏଣିକି ପ୍ରତିଦିନ ସକାଳ ୬ ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସମସ୍ତ ଦୋକାନ ଖୋଲା ରହିବ । ସନ୍ଧ୍ୟା ୬ ଟାରୁ ପରଦିନ ସକାଳ ୬ଟା ପର୍ଯ୍ୟନ୍ତ ଦୋକାନ ବଜାର ବନ୍ଦ ରହିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା । ବ୍ୟବସାୟୀ ସଂଘ ଏହି ନିୟମ ପାଳନ କରିବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି । ତେବେ ଲିଖିତ ଭାବେ ଏ ସମ୍ପର୍କରେ ବ୍ୟବସାୟୀ ସଂଘ ଜଣାଇବେ ବୋଲି କୁହାଯାଇଛି। ରାସ୍ତା ପାର୍ଶ୍ୱରେ ଠେଲା ଗାଡି ବ୍ୟବସାୟ ବନ୍ଦ ରହିବ। ହୋଟେଲରେ କେହି ଖାଇ ପାରିବେନି, କେବଳ ପାର୍ସଲ ଦେବାକୁ ଜିଲାପାଳ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏ ସମ୍ପର୍କରେ ବ୍ୟବସାୟୀ ସଂଘ କର୍ମକର୍ତ୍ତାଙ୍କୁ ଅବଗତ କରାଯାଇଛି। ଦୋକାନୀମାନେ ପଞ୍ଚସୂତ୍ରୀ ନିୟମ ପାଳନ କରିବା ବାଧ୍ୟତାମୂଳକ ବୋଲି କୁହାଯାଇଥିଲା । ଏହି ଆଲୋଚନା ବେଳେ ଛତ୍ରପୁର ଏସ୍‌ଡିପିଓ ଗୌତମ କିଷାନ, ବିଡିଓ ଅମ୍ବିକା ପ୍ରସାଦ ଦାଶ, ତହସିଲଦାର ନୀଳମାଧବ ଭୋଇ, ଏନ୍‌ଏସି ନିର୍ବାହୀ ଅଧିକାରୀ ଏନ୍.ଗଣେଶ ବାବୁ, ମଝିବଜାର ବଣିକ ସଂଘ ସଭାପତି କିଶୋର ଚନ୍ଦ୍ର ସେନାପତି, ବଡବଜାର ବଣିବ ସଂଘ ସଭାପତି ପ୍ରଫୁଲ୍ଲ ସେନାପତି, ରିକାପଲ୍ଲୀ ବ୍ୟାଘ୍ରଦେବୀ ବ୍ୟବସାୟୀ ସଂଘ ସଭାପତି ଲକ୍ଷ୍ମୀ ନାରାୟଣ ପଣ୍ଡା ଓ ସମ୍ପାଦକ ଏନ୍ ମୋହନ, କିରାଣି ବ୍ୟବସାୟୀ ସଂଘ ସଭାପତି ସୟଦ ମୁକ୍ତାର ଓ ସମ୍ପାଦକ ଶ୍ରୀକାନ୍ତ ଅଗ୍ରୱାଲ, ଅପରବସ୍‌ଷ୍ଟାଣ୍ଡ ବ୍ୟବସାୟୀ ସଂଘ ସଭାପତି ବି. ରାଜୁ ବାବୁ ଉପସ୍ଥିତ ଥିଲେ । ପ୍ରଶାସନ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ଆଉ ୫ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ବର୍ତ୍ତମାନ ୬୮ କରେନା ଆକ୍ଟିଭ୍ ଅଛନ୍ତି । ରବିବାର ୬୨ ଜଣଙ୍କ ଟେଷ୍ଟ ହୋଇଛି । ଆହୁରି ଜଣାଯାଇଛି, ଛତ୍ରପୁର ବ୍ଲକକୁ ୪୫୯ ପ୍ରବାସୀ ଫେରିଛନ୍ତି। ସେଥିରୁ ୩୫୬ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିବାବେଳେ ୧୦୩ ଜଣଙ୍କ ଅବଧି ଶେଷ ହୋଇଛି । ସେହିପରି ଛତ୍ରପୁର ଏନ୍‌ଏସିକୁ ୫୯ ପ୍ରବାସୀ ଫେରିଥିବା ବେଳେ ବର୍ତ୍ତମାନ ୪୭ ହୋମ୍ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି ଓ ୭ ଜଣଙ୍କ ଅବଧି ସରିଛି। ପଶ୍ଚିମବଙ୍ଗରୁ ଏଠାକୁ ୫ ଜଣ ଫେରିଛନ୍ତି। ସମସ୍ତେ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି । ଛତ୍ରପୁର ଏନ୍‌ଏସି ପକ୍ଷରୁ ବଜାର ଓ ପରିବା ବଜାରରେ ଏନଫୋର୍ସମେଣ୍ଟକୁ କଡାକଡି କରାଯାଇଥିବା ଏନ୍‌ଏସି ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି ।



ଏନଫୋର୍ସମେଣ୍ଟ କରାଯାଉଛି।

- ବୁଧବାରରୁ ଲାଗୁ, ହୋଟେଲରେ ଖାଇବା ମନା
- ବ୍ୟବସାୟୀ ସଂଘ, ପ୍ରଶାସନିକ ବୈଠକରେ ନିଷ୍ପତ୍ତି
- ୬୮ କରୋନା ଆକ୍ଟିଭ୍

ଭଗବାନ୍‌ଙ୍କ ଦୃଷ୍ଟିରେ ଛୋଟ ବୋଲି କିଛି ନାହିଁ। ତୁମ ଦୃଷ୍ଟିରେ ମଧ୍ୟ ସେହିପରି ଛୋଟ ବଡ ଭେଦ ନ ଥାଉ। ଗୋଟିଏ ଶାମୁକା ତିଆରି କଲାବେଳେ ବା ଗୋଟିଏ ସାମ୍ରାଜ୍ୟ ଗଠନ କରିବାରେ ଭଗବାନ୍ ତାଙ୍କର ସମାନ ଦେବଶକ୍ତି ପ୍ରୟୋଗ କରନ୍ତି। ତୁମ ପକ୍ଷରେ ବି, ଜଣେ ଅକ୍ଷମ ଓ ବିଳାସୀ ରାଜା ହେବା ଅପେକ୍ଷା ଗୋଟିଏ ନିପୁଣ ମୋଚି ହେବା ମହତ୍ତର ବ୍ୟାପାର। –ଶ୍ରୀଅରବିନ୍ଦ



# ହତ୍ୟାକାରୀ ନିର୍ବାଚନ ଆୟୋଗ

ମାଡ୍ରାସ ହାଇକୋର୍ଟ ୨୬ ଏପ୍ରିଲରେ ଭାରତର ନିର୍ବାଚନ କମିଶନ (ଇସି)ଙ୍କୁ ଭର୍ତ୍ସନା କରିଛନ୍ତି। ରାଜନୈତିକ ଶୋଭାଯାତ୍ରାରେ କୋଭିଡ୍-୧୯ ନିୟମ ପାଳନ କରାଯାଇ ନ ଥିବାରୁ ସଂକ୍ରମଣ ସ୍ତର ବଢ଼ିଯାଇଛି। କରୋନାର ଯେଉଁ ଦ୍ୱିତୀୟ ଲହର ଦେଖାଦେଇଛି, ସେଥିପାଇଁ ଇସି ଏକମାତ୍ର ଦାୟୀ ବୋଲି କହିବା ସହ ମୁଖ୍ୟ ବିଚାରପତି ସଞ୍ଜୀବ ବାନାର୍ଜୀ ସମ୍ପୃକ୍ତ ସଂସ୍ଥାର ଅଫିସରଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହେବା ଉଚିତ ବୋଲି ମତ ଦେଇଛନ୍ତି। ଇସିଙ୍କ ଓକିଲ ଯେତେବେଳେ କହିଥିଲେ ଯେ, କୋଭିଡ୍ ଭୂତାଣୁ ରୋକିବା ଲାଗି ବିଭିନ୍ନ ପଦକ୍ଷେପ ନିଆଯାଇଥିଲା, ମୁଖ୍ୟ ବିଚାରପତି ମନ୍ତବ୍ୟ ରଖିଥିଲେ ଯେ ରାଜନୈତିକ ଶୋଭାଯାତ୍ରା ଚାଲିଥିଲା ବେଳେ ଆପଣ ଆଉ ଏକ ଗ୍ରହରେ ଥିଲେ ନା କ'ଣ? ସେହିପରି ୪ ଦିନ ପୂର୍ବରୁ ନିର୍ବାଚନ ରାଲି ପରିଚାଳନା କରିବାରେ ଇସିଙ୍କ ଭୂମିକାକୁ କଲିକତା ହାଇକୋର୍ଟ ସମାଲୋଚନା କରି ଅସନ୍ତୋଷ ବ୍ୟକ୍ତ କରିଥିଲେ। ବାସ୍ତବରେ କୋଭିଡ୍ ସ୍ଥିତି ସଙ୍ଗିନ ହୋଇଥିବା ଜାଣିବା ସତ୍ତ୍ୱେ ମଧ୍ୟ ଇସି ନିର୍ବାଚନ ପ୍ରକ୍ରିୟାରେ କୌଣସି କାଟ୍‌ଛାଣ୍ଟ କଲେ ନାହିଁ କି ସଂକ୍ରମଣ ହ୍ରାସ ଦିଗରେ ପଦକ୍ଷେପ ନେଲେ ନାହିଁ। ଫଳରେ ଆଜି ଭାରତରେ ସଂକ୍ରମଣର ସୁନାମି ବହିଚାଲିଛି।

ଭାରତର କାର୍ଯ୍ୟପାଳିକାରେ ଥିବା ଅଧିକାରୀମାନଙ୍କ ଚରିତ୍ରକୁ ଦେଖିବା ଦରକାର। ସାଧାରଣରେ ପରିଲକ୍ଷିତ ହେଉଛି ଯେ, ବିଭିନ୍ନ ସଂସ୍ଥାର ସର୍ବୋଚ୍ଚ ସ୍ଥାନରେ ପହଞ୍ଚିପାରୁଥିବା ବ୍ୟକ୍ତିଙ୍କ କାର୍ଯ୍ୟକାଳ ଅତ୍ୟନ୍ତ ସ୍ୱଳ୍ପ ରହୁଛି। ଅର୍ଥାତ୍ ଅବସର ନେବା ପୂର୍ବରୁ ଯେଉଁ ପଦବୀ ମିଳୁଛି ସେଥିରେ ବିଧି ବା ପ୍ରଥା ଭାଙ୍ଗିଦେବା ସକାଶେ ଅନେକ ଆକର୍ଷଣ ରହୁଛି। ଅଦାଲତରେ ଯିଏ ମୁଖ୍ୟ ବିଚାରପତି ହୋଇପାରୁଛନ୍ତି ତାଙ୍କର କାର୍ଯ୍ୟକାଳ ସରିବା ପରେ ପୁନଃନିଯୁକ୍ତି ପାଇଁ ଆଜିର କ୍ଷମତାସୀନ ବ୍ୟକ୍ତିମାନଙ୍କୁ ସନ୍ତୁଷ୍ଟ କରିବାରେ ଲାଗିପଡୁଛନ୍ତି। ଯାହାଫଳରେ ନ୍ୟାୟାଳୟରୁ ଆସୁଥିବା ରାୟ ବିକୃତ ଓ ଏକପାଖିଆ ହେଉଛି। ସେହିଭଳି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ରୁ ଅବସର ନେବା ପରେ ନିଯୁକ୍ତି ପାଉଥିବା ବ୍ୟକ୍ତି ନିଜର ନୈତିକତାକୁ ଗୁରୁତ୍ୱ ଦେଉନାହାନ୍ତି। ଅଧିକ ସମୟ ଗାଦିରେ ରହିବା ପାଇଁ ସରକାରଙ୍କୁ ସନ୍ତୁଷ୍ଟ କରିବା ମୂଳ ଲକ୍ଷ୍ୟ ହୋଇପଡୁଛି। ଏହାଫଳରେ ଆଜି ଆମ ଦେଶର ଅର୍ଥନୀତି ଭୁଶୁଡ଼ି ପଡ଼ିବା ସହିତ ଭାରତୀୟ ମୁଦ୍ରା ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଲାଣି। ଏହାର ମୁଖ୍ୟ କାରଣ ହେଲା ଆର୍‌ବିଆଇ ତାହାର ନୀତିନିୟମକୁ ନିଜେ ଧ୍ୱଂସ କରିଦେଲାଣି। ମାଡ୍ରାସ ହାଇକୋର୍ଟଙ୍କ ମତ ପଢ଼ିଲେ ସ୍ପଷ୍ଟ ବୁଝାପଡୁଛି ଯେ, ନିର୍ବାଚନ କମିଶନ ସମ୍ପୂର୍ଣ୍ଣ ଭାବେ ନିଜର ବିଧିବିଧାନକୁ ନଷ୍ଟ କରିଦେଉଛି। କରୋନା ସଂକ୍ରମଣ ସମୟରେ ଦୀର୍ଘଦିନବ୍ୟାପୀ ଭୋଟ ଗ୍ରହଣ କରାଇବା ଏବଂ ସେଥିପାଇଁ ଅସଂଖ୍ୟ ଓ ବିରାଟକାୟ ସଭା ଓ ରାଲିକୁ ଅନୁମତି ଦେବା ଫଳରେ ଦେଶର ସ୍ୱାସ୍ଥ୍ୟାବସ୍ଥା ମାରାତ୍ମକ ହୋଇପଡ଼ିଲାଣି। ଏଥିପାଇଁ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତି ଅବସର ପରେ ନିଜର ସୁବିଧା ପାଇବାର ଲୋଭ ରଖି ଦେଶ ସମ୍ମୁଖରେ ଏକ ବିରାଟ ସମସ୍ୟା ସୃଷ୍ଟି କରିଦେଇଗଲେ। ନାଗରିକଙ୍କ ଜୀବନ ସ୍ୱାଭାବିକ ଅବସ୍ଥାକୁ ଫେରି ନ ଥିଲା। ପିଲାମାନେ ପାଠ ପଢ଼ିବା ପାଇଁ ସ୍କୁଲ କଲେଜ ଯିବା ଆରମ୍ଭ କରି ନ ଥିଲେ। ବିବାହ ଓ ଅନ୍ୟ ସାମାଜିକ କାର୍ଯ୍ୟକ୍ରମ ଉପରୁ ଦେଶବ୍ୟାପୀ କଟକଣା ହଟି ନ ଥିଲା। ବ୍ୟବସାୟୀମାନେ ମଧ୍ୟ ନିଜର ସ୍ୱାଭାବିକ କାର୍ଯ୍ୟ ଆରମ୍ଭ କରିବାକୁ ଆଉ କିଛି ଦିନ ଅପେକ୍ଷା କରି ବସିଥିଲେ। ଏହି ସମୟରେ ମୁଖ୍ୟ ନିର୍ବାଚନ କମିଶନର ଏକତରଫା ନିଷ୍ପତ୍ତି ନେଇ ଶାସକଦଳର ବୋଲକରା ହୋଇଗଲେ। ନିର୍ବାଚନ ହେଉଥିବା ରାଜ୍ୟ ମଧ୍ୟରୁ କେତେକ ବିଧାୟକ ପ୍ରାର୍ଥୀ ଏବେ କୋଭିଡ୍ ସଂକ୍ରମିତ ବୋଲି ଜଣାପଡ଼ିଲେଣି। ଓଡ଼ିଶାର ପିପିଲି ବିଧାନସଭା ଉପ ନିର୍ବାଚନରେ ଲଢୁଥିବା କଂଗ୍ରେସ ପ୍ରାର୍ଥୀ ଅଜିତ ମଙ୍ଗରାଜଙ୍କ କୋଭିଡ ଯୋଗୁ ମୃତ୍ୟୁ ଘଟିଲା। ୩ ଦିନ ପରେ ତାଙ୍କ ମା'ଙ୍କର ମଧ୍ୟ ସେହି କୋଭିଡ୍ ଯୋଗୁ ପ୍ରାଣ ଗଲା। ଏହା ଅଜିତଙ୍କ ସ୍ୱାଭାବିକ ବିୟୋଗ ନ ଥିଲା। ଏହି ମୃତ୍ୟୁ ପାଇଁ ଭାରତର ନିର୍ବାଚନ କମିଶନ ନିଶ୍ଚିତ ଭାବେ ଦାୟୀ।

ପୂର୍ବରୁ ଯାହା କେବେ ଶୁଣା ଯାଇ ନ ଥିଲା, ତାହା ଏଥର ପଶ୍ଚିମବଙ୍ଗ ନିର୍ବାଚନ କାର୍ଯ୍ୟରେ ମୁତୟନ ହୋଇଥିବା କେନ୍ଦ୍ରୀୟ ସୁରକ୍ଷା ବଳ ଗୁଳି ଚଳାଇ ଭୋଟଦାତାଙ୍କୁ ହତ୍ୟା କଲେ। ଏଠାରେ ଉଲ୍ଲେଖଯୋଗ୍ୟ, ଟ୍ରିପଲ ଭାରିଆଣ୍ଟ ବା ତୃତୀୟ ପ୍ରକାରର କୋଭିଡ୍ ଭୂତାଣୁ ପଶ୍ଚିମବଙ୍ଗରେ ଠାବ ହୋଇଥିବା ଜଣାପଡ଼ିଛି। ଏହା ଅତ୍ୟନ୍ତ ଭୟଙ୍କର। ଏସବୁ କରି ଅସରନ୍ତି ତ୍ରୁଟି ସୃଷ୍ଟି କରିଦେଇଗଲେ ଜଣେ ବ୍ୟକ୍ତି। ସେହି ଅମଲାତନ୍ତ୍ରୀ ଯଦି ଦେଶବାସୀଙ୍କ ମଙ୍ଗଳ କଥା ଭାବିଥାଆନ୍ତେ, ତେବେ ତାଙ୍କ ମୁଣ୍ଡ ଉପରେ କୌଣସି ଦୋଷ ଲଦାଯାଇପାରି ନ ଥାଆନ୍ତା। ଆଜି ଯେତେବେଳେ ମାଡ୍ରାସ ହାଇକୋର୍ଟ କହିଛନ୍ତି ଯେ, ନିର୍ବାଚନ କମିଶନ୍‌ର ସମ୍ପୃକ୍ତ ଅଫିସରଙ୍କ ଉପରେ ହତ୍ୟା ମାମଲା ରୁଜୁ ହେବା ଦରକାର, ତାହା ନିଶ୍ଚିତ ଭାବେ ବାସ୍ତବ ମନେହେଉଛି। ହୁଏତ ଏଭଳି ମନ୍ତବ୍ୟ ଦେବାକୁ ଏହି ବିଚାରପତିମାନେ କିଛିଦିନ ପୂର୍ବରୁ କୁଣ୍ଠାବୋଧ କରିଥାଆନ୍ତେ। କାରଣ ନିକଟରେ ଅବସର ନେଇଥିବା ଭାରତର ପ୍ରଧାନ ବିଚାରପତି( ସିଜେଆଇ) ଏସ୍.ଏ.ବୋବ୍‌ଡେଙ୍କ ଚରିତ୍ର ସମସ୍ତେ ଜାଣି ସାରିଥିଲେ। ଆଜି ପରିବର୍ତ୍ତିତ ସ୍ଥିତିରେ ନିର୍ବାଚନ କମିଶନର ଅଧିକାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ହେବା ଦରକାର। ସେମାନଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହେଲେ ଖର୍ଚ୍ଚ ସହିତ ମାନସିକ ଯନ୍ତ୍ରଣା ସେମାନଙ୍କୁ ଦିଆଯାଇପାରନ୍ତା। ସେମାନଙ୍କୁ ଦେଖି ଅନ୍ୟମାନେ ଶିକ୍ଷାଲାଭ କରନ୍ତେ ଯେ, ସବୁବେଳେ ଦେଶକୁ କିଳାମାରି ନିଜର ସୁବିଧା ଖୋଜିଲେ ସେହି କିଳା ନିଜ ପାଇଁ ଫେରିଆସିବ।

## su | do | ku
Puzzles by Srikant Ghosh
## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 7 | | | | | 4 | | |
| 8 | 9 | | | 7 | | | | 5 |
| | | | 1 | | | | | 2 |
| | 2 | | | | | | | 1 |
| 7 | 5 | | | | 3 | | | |
| 4 | | 6 | | | 1 | 5 | | 9 |
| | | | 7 | | 9 | | | |
| | | | 2 | | | | 6 | 8 |
| | | | | | 6 | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 9 | 5 | 1 | 2 | 3 | 7 | 6 | 4 |
| 2 | 1 | 3 | 6 | 7 | 4 | 5 | 8 | 9 |
| 7 | 4 | 6 | 8 | 5 | 9 | 2 | 3 | 1 |
| 3 | 8 | 1 | 9 | 4 | 5 | 6 | 2 | 7 |
| 6 | 7 | 9 | 2 | 3 | 8 | 1 | 4 | 5 |
| 4 | 5 | 2 | 7 | 1 | 6 | 8 | 9 | 3 |
| 5 | 6 | 8 | 4 | 9 | 7 | 3 | 1 | 2 |
| 9 | 2 | 7 | 3 | 6 | 1 | 4 | 5 | 8 |
| 1 | 3 | 4 | 5 | 8 | 2 | 9 | 7 | 6 |

ଗତକାଲିର ଉତ୍ତର



# ଶାସକ ଶ୍ରେଣୀର ଅହଂକାର ଓ ବୁଦ୍ଧିଜୀବୀଙ୍କ ନୀରବତା

ଡ. ସନ୍ତୋଷ କୁମାର ମହାପାତ୍ର

ପ୍ରାୟ ଏକ ବର୍ଷରୁ ଊର୍ଦ୍ଧ୍ୱ ଧରି କରୋନା ମହାମାରୀ ଏପରି ଭୟାନକ ସ୍ଥିତିକୁ ମାନବଜାତିକୁ ଠେଲି ଦେଇଛି ଯେ ଜଣେ ଧନୀ ହେଉ ବା ଗରିବ, ସମସ୍ତେ ଆତଙ୍କିତ ବା ଶଙ୍କାକୁଳ ସ୍ଥିତିରେ ଅଛନ୍ତି। ଜୀବନ ସର୍ବଦା ଅନିଶ୍ଚିତ, କିନ୍ତୁ ମହାମାରୀ ଆହୁରି ଅନିଶ୍ଚିତ କରିଦେଇଛି। କିନ୍ତୁ ଯେଉଁ ରାଷ୍ଟ୍ର ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି, ସେଥିରୁ ତିନୋଟି ରାଷ୍ଟ୍ରର ରାଷ୍ଟ୍ରମୁଖ୍ୟ ଦାୟୀ। ଆମେରିକା, ବ୍ରାଜିଲ ରାଷ୍ଟ୍ରପତିଙ୍କ ଅହଂକାର, ବେଖାତିର ଭାବ ଏବଂ ଭାରତ ସରକାର ଆଗରୁ ସତର୍କ ନ ହେବା ଓ ସମ୍ବେଦନଶୀଳତାର ଅଭାବ ହେତୁ ମହାମାରୀ କାୟା ବିସ୍ତାର କରିଛି। ପ୍ରଥମେ ଯେତେବେଳେ ବିଶ୍ୱରେ କରୋନା ମହାମାରୀ ତା'ର କାୟା ବିସ୍ତାର କରିଚାଲିଥିଲା, ସେତେବେଳେ ବ୍ରାଜିଲ୍, ଆମେରିକା ସହିତ କିଛି ପୁଞ୍ଜିବାଦୀ ଦେଶ ଏହାକୁ ପ୍ରତିହତ କରିବା ପରିବର୍ତ୍ତେ ଚାଇନାକୁ ଦୋଷାରୋପ କରିବାରେ ବ୍ୟସ୍ତ ରହିଲେ; ଯାହାର କୁପ୍ରଭାବ ସମଗ୍ର ବିଶ୍ୱ ଅନୁଭବ କରୁଛି।

କିନ୍ତୁ ପ୍ରଥମ ଲହରରୁ ଭାରତ ସରକାର କିଛି ଶିଖି ପଦକ୍ଷେପ ନ ନେବାରୁ, ଆଜି ବିଶ୍ୱରେ ଭାରତ ଦ୍ୱିତୀୟ ସର୍ବାଧିକ କ୍ଷତିଗ୍ରସ୍ତ ଦେଶ ହୋଇଛି। ଏବେ ଦୈନିକ ସଂକ୍ରମଣ ୩ ଲକ୍ଷ ଅତିକ୍ରମ କଲାଣି। ଏହି ଅପକୀର୍ତ୍ତି ଆମେରିକା ନାମରେ ଆଗରୁ ଥିଲା। ସେଠାରେ ଗୋଟିଏ ଦିନରେ ସର୍ବାଧିକ ୨୯୭୪୩୦ ସଂକ୍ରମିତ ହୋଇଥିଲେ। ଆଜି ସରକାରଙ୍କର ଅହଂକାର ଯୋଗୁ ଭାରତ ଦୈନିକ ସଂକ୍ରମଣ ଦୃଷ୍ଟିରୁ ବିଶ୍ୱରେ ପ୍ରଥମ, ମୋଟ ସଂକ୍ରମଣ ଦୃଷ୍ଟିରୁ ବିଶ୍ୱରେ ଆମେରିକା ପରେ ଦ୍ୱିତୀୟ ଏବଂ ମୋଟ ମୃତ୍ୟୁ ଦୃଷ୍ଟିରୁ ବିଶ୍ୱରେ ଆମେରିକା, ବ୍ରାଜିଲ୍, ମେକ୍ସିକୋ ପରେ ଚତୁର୍ଥ ସ୍ଥାନରେ ରହିଛି। ସବୁଠାରୁ ଲଜ୍ଜାର ବିଷୟ ହେଉଛି, ନିଜ ଦୋଷ ସ୍ୱୀକାର କରିବା ପରିବର୍ତ୍ତେ ଭାରତରେ କମ୍ ମୃତ୍ୟୁହାର ବୋଲି ସରକାର ବାହାବା ନେଉଛନ୍ତି।

ଏବେ ବି ସୁଦ୍ଧା ସଂକ୍ରମିତ ହୋଇଥିବା ବା ମୃତ୍ୟୁବରଣ କରିଥିବା ବା କରୁଥିବା ପରିବାରର ସଦସ୍ୟଙ୍କ ମାନସିକ ଯନ୍ତ୍ରଣା, ଆର୍ଥିକ ସଙ୍କଟ ଏବଂ ଯେଉଁ କୋଟିକୋଟି ଲୋକ ଜୀବିକାର ଉତ୍ସ ହରାଇଛନ୍ତି ବା ହରାଉଛନ୍ତି ତାଙ୍କ ପରିବାରର ଦୁଃସ୍ଥିତି ବିଷୟରେ ଗଣମାଧ୍ୟମରେ ବିଶେଷ ଆଲୋଚନା ହେଉନି କି ଶାସକ ଶ୍ରେଣୀ ଦୁଃଖିତ ଥିଲାପରି ଜଣାପଡୁନି। ଏହା ହୋଇ ନ ଥିଲେ ଖାଲି ଆର୍ଥିକ ଅଭିବୃଦ୍ଧି, ବିକାଶ କଥା ସରକାର କହନ୍ତେ ନାହିଁ। ଚିନ୍ତାପ୍ରକଟ କରିବା ପରିବର୍ତ୍ତେ ଏଥର ପୂର୍ବ ମହାମାରୀ ଲହର ତୁଳନାରେ କମ୍ କ୍ଷତିହେବ ବୋଲି କୁହନ୍ତେ ନାହିଁ। ଯେପରି କମ୍ କ୍ଷତି ହେବାଟା ଜରୁରୀ। କିଏ ମଲା କିଏ ହଜିଲା, କିଏ ଦୁଃଖ, ଅଭାବ, ଅନଟନ, ବେକାରି, ଦାରିଦ୍ର୍ୟ, ଭୋକ ଓ ବାସହୀନତାରେ ରହି ଅତ୍ୟନ୍ତ ଦୁଃଖରେ ଜୀବନ କଟାଉଛି, ତାହା ବୁଝିବା ବା ସମାଧାନ କରିବାଟା ତ ଦୂରର କଥା, ଟିକେ ସମବେଦନା ଜଣାଇବା ବା ଦୁଃଖ ପ୍ରକାଶ କରିବା ପାଇଁ କାହା ପାଖରେ ସମୟ ନାହିଁ। ସତେ ଯେପରି ମଣିଷ ଜୀବନ ଆଜି ମୂଲ୍ୟହୀନ। କ୍ଷମତା ପଦପଦବୀ, ଧନ ସମ୍ପଦ ସବୁକିଛି।

ଅନେକ ବୁଦ୍ଧିଜୀବୀ ଭାରତ ସରକାରଙ୍କ ଦୋଷ ଘୋଡ଼ାଇବା ପାଇଁ ବିଦେଶର ଅବସ୍ଥା କଥା କହୁଛନ୍ତି। ସତେଯେପରି ଭାରତ ସବୁଥିରେ ପଛରେ ରହିବା ଉଚିତ। ବର୍ତ୍ତମାନ ଅନେକ ରାଷ୍ଟ୍ର ମହାମାରୀ ନିୟନ୍ତ୍ରଣ କରିଲା ବେଳେ ଆମେ ପଛରେ ପଡ଼ିଛୁ। ତାଇୱାନ, ନ୍ୟୁଜିଲାଣ୍ଡ, ଆଇସଲାଣ୍ଡ, ସିଙ୍ଗାପୁର, ଭିଏତ୍‌ନାମ ନିୟନ୍ତ୍ରଣ କରିବାରେ ସଫଳ ହୋଇଛନ୍ତି। ଚାଇନାରେ ଏହି ମହାମାରୀ ଆରମ୍ଭ ହୋଇଥିଲା ଏବଂ ଚାଇନା ବିଶ୍ୱର ସର୍ବାଧିକ ଜନବହୁଳ ରାଷ୍ଟ୍ର ହେବାସତ୍ତ୍ୱେ, ଏହା କରୋନା ମହାମାରୀ ନିୟନ୍ତ୍ରଣ କରିପାରିଛି। ଚାଇନାର ଶାସନ ପଦ୍ଧତି (ଯାହା ଗଣତନ୍ତ୍ର ନୁହେଁ) ଅନୁସରଣ କରିବାକୁ ଆମେ କହୁନାହିଁ, କିନ୍ତୁ ଏହା କିପରି ମହାମାରୀ ନିୟନ୍ତ୍ରଣ କରିଛି ଏବଂ ଦ୍ରୁତଗତିରେ ବିକାଶ କରୁଛି, ତାହା କ'ଣ ଆମେ ଶିଖିବା ଉଚିତ ନୁହେଁ। ଅନ୍ୟସବୁ ପଛରେ, ଜୀବନର ମୂଲ୍ୟ ସର୍ବଦା ଆଗରେ ରହିବା ଉଚିତ।

ପ୍ରଥମ ଲହର ବେଳେ ୨୦୨୦ ସେପ୍ଟେମ୍ବରରେ ଦୈନିକ ସଂକ୍ରମଣ ବୃଦ୍ଧି ପାଇ ସର୍ବାଧିକ ୯୭,୦୦୦ରେ ପହଞ୍ଚିଲା ପରେ ହ୍ରାସ ପାଇଥିଲା। କିନ୍ତୁ ଯେତେବେଳେ ବିଶ୍ୱରେ ବିଭିନ୍ନ ଦେଶ ଦ୍ୱିତୀୟ ଲହରର ସମ୍ମୁଖୀନ ହୋଇଥିଲେ, ସେତେବେଳେ ଭାରତୀୟମାନଙ୍କ ଉନ୍ନତ ରୋଗ ପ୍ରତିରୋଧକ ଶକ୍ତି ଯୋଗୁ ଦୈନିକ ସଂକ୍ରମଣ ଆପାତତଃ ଜାନୁୟାରୀ ମଧ୍ୟଭାଗରେ ୯୯୦୦କୁ ହ୍ରାସ ପାଇଥିଲା। ସେତେବେଳେ ଅନ୍ୟଦେଶର ସରକାରଙ୍କୁ ଆମ ସରକାର ଏବଂ ତାଙ୍କ ନିୟନ୍ତ୍ରିତ ଗଣମାଧ୍ୟମ ବ୍ୟଙ୍ଗ, ଥଟ୍ଟା ଓ ପରିହାସ କରିଥିଲେ ଏବଂ ସରକାର ସଂକ୍ରମଣ ରୋକିବାରେ ସଫଳ ହୋଇଛନ୍ତି ବୋଲି ଶ୍ରେୟ ନେବା ସହିତ ପ୍ରଚାରରେ ବ୍ୟସ୍ତ ରହିଲେ। ଭାରତରେ ସଂକ୍ରମଣ ସମ୍ପୂର୍ଣ୍ଣ ହ୍ରାସ ପାଇ ପୁଣି ଭୟଙ୍କର ରୂପ ନେବା ପଛରେ ୩ଟି କାରଣ ରହିଛି। ତାହା ହେଲା ଶାସକ ଶ୍ରେଣୀର ଅହଂକାର, କ୍ଷମତାକୁ ନିରଙ୍କୁଶ କରିବା ପାଇଁ ଅହରହ ଉଦ୍ୟମ, ଅଧିକାଂଶ ବୁଦ୍ଧିଜୀବୀଙ୍କ ନୀରବତା ବା ନିଜ ସ୍ୱାର୍ଥ ପାଇଁ ସରକାରଙ୍କ ବିଫଳତା ଘୋଡ଼ାଇବା, ଗଣମାଧ୍ୟମ ଜାଗ୍ରତପ୍ରହରୀ ନ ହୋଇ ଶାସକ ଶ୍ରେଣୀର ଏକ ଅଂଶ ବା ହାତବାରିସି ହୋଇ କାର୍ଯ୍ୟକରିବା। ପ୍ରଶାସକ, ଉପଦେଷ୍ଟାମଣ୍ଡଳୀ ଠିକ୍ ପରାମର୍ଶ ନ ଦେବା। ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା ବା ନିୟାମକ ସଂସ୍ଥାରେ ଶାସକ ଶ୍ରେଣୀକୁ ସୁହାଇଲା ପରି ସିଦ୍ଧାନ୍ତ ନେଉଥିବା ଲୋକଙ୍କୁ ରଖାଯାଉଥିବାରୁ ଶାସକ ଶ୍ରେଣୀ ଯାହା ଚାହିଁଲା ତାହା କରିଚାଲିଲା। ଶାସକ ଶ୍ରେଣୀର ବିଫଳତା, ଦୋଷତ୍ରୁଟି ବେଶି କେହି ନ ଦେଖେଇବା ଯୋଗୁ ଏହା ଗୋଟିଏ ପରେ ଗୋଟିଏ ଭୁଲ୍ କରିଚାଲିଲା ଏବଂ କ୍ଷମତାକୁ କିପରି ଆହୁରି ନିରଙ୍କୁଶ କରିବ ତାହା ହିଁ କରିଲା। ସବୁଠାରୁ ଚିନ୍ତାର ବିଷୟ ହେଉଛି ଲୋକଙ୍କର ଜୀବନ ଅପେକ୍ଷା କ୍ଷମତାର ମୋହ ଏପରି ଅନ୍ଧ କରିଦେଲା ଯେ ୫ଟି ରାଜ୍ୟରେ ସବୁ ନିୟମ ଭାଙ୍ଗି ରାଜନୈତିକ ନେତାମାନେ ନିର୍ବାଚନ ପ୍ରଚାରରେ ବ୍ୟସ୍ତ ରହିଲେ। କୁମ୍ଭମେଳା ଆୟୋଜନ କରାଗଲା। ଯେପରି ଭାବେ ପ୍ରଧାନମନ୍ତ୍ରୀ ପ୍ରଚାରରେ ବ୍ୟସ୍ତ ରହିଲେ, ତାହା ଅତ୍ୟନ୍ତ ଦୁଃଖଦାୟକ। ନିର୍ବାଚନ ସଭାରେ ଲକ୍ଷ ଲକ୍ଷ ଲୋକ କରୋନା ସଂକ୍ରମଣ ନିୟମ ନ ମାନି ଏକତ୍ର ହେବା, କୁମ୍ଭମେଳାରେ ଲକ୍ଷ ଲକ୍ଷ ବୁଡ଼ ପକେଇବା ଯୋଗୁ ଆଜି ମହାମାରୀ ଦେଶବ୍ୟାପୀ ତାଣ୍ଡବ ଲୀଳା ରଚୁଛି।

ଯେତେବେଳେ କରୋନା ମହାମାରୀର ପ୍ରଥମ ଲହରର ପ୍ରକୋପ ହ୍ରାସପାଇଲା, ସେତେବେଳେ କିପରି ଦ୍ୱିତୀୟ ତରଙ୍ଗ ନ ଆସିବ ବା ଆସିଲେ କିପରି ତା'ର ପ୍ରଭାବ କମ ହେବ ସେଥିପାଇଁ ସରକାର ପଦକ୍ଷେପ ନେବାର ଥିଲା। ଏଥିପାଇଁ ଆମର ଦୁର୍ବଳ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ଅଧିକ ଶକ୍ତିଶାଳୀ କରିବା, ଲୋକଙ୍କ କ୍ରୟଶକ୍ତି ବୃଦ୍ଧି ପାଇଁ ଅର୍ଥ ହସ୍ତାନ୍ତର କରିବା, ଶିକ୍ଷା, ସ୍ୱାସ୍ଥ୍ୟ ତଥା ବିଭିନ୍ନ ସେବା ସହଜରେ ଲୋକଙ୍କୁ ଉପଲବ୍ଧ କରାଇବା, ନିଯୁକ୍ତି ସୃଷ୍ଟି କରିବା, ରାଷ୍ଟ୍ରାୟତ୍ତ ଶିଳ୍ପକୁ ଅଧିକ ଶକ୍ତିଶାଳୀ କରିବା ଏବଂ ଦରଦାମ ନିୟନ୍ତ୍ରଣ କରିବାର ଆବଶ୍ୟକତା ଥିଲା। କିନ୍ତୁ ସରକାର ଠିକ୍ ଓଲଟା କରିଥିଲେ।

ମହାମାରୀର ପ୍ରଥମ ତରଙ୍ଗ ପାଇଁ ସରକାର ସମାଲୋଚନାରୁ ରକ୍ଷା ପାଇପାରନ୍ତି, କାରଣ ଏହା ସମ୍ପର୍କରେ ସରକାରଙ୍କର କୌଣସି ଅଭିଜ୍ଞତା ନ ଥିଲା। କିନ୍ତୁ ପ୍ରତିକଥାରେ ବିକାଶର କଥା କହୁଥିବା ଶାସକ ଶ୍ରେଣୀ ଗୋଟିଏ ବର୍ଷରେ ମହାମାରୀକୁ ମୁକାବିଲା ପାଇଁ ଏପରି ପ୍ରସ୍ତୁତ ହୋଇଥିଲେ ଯେ କେବଳ ଶଯ୍ୟା, ଭେଣ୍ଟିଲେଟର ଅଭାବ ନୁହେଁ, ଅମ୍ଳଜାନ ଅଭାବରୁ ଲୋକମାନଙ୍କର ମୃତ୍ୟୁ ଘଟୁଛି। ଆମର ଟିକା କାର୍ଯ୍ୟକ୍ରମକୁ ଏବଂ ଏହାର ରପ୍ତାନିକୁ ନେଇ ଅଧିକ ପ୍ରଚାର ହେଉଥିଲା। ସତ୍ୟ ହେଉଛି ଯେ ଟିକା ପ୍ରସ୍ତୁତି ପାଇଁ ଆମର ସ୍ୱଦେଶୀ କୌଶଳ ନାହିଁ, ବରଂ ଆମେ ଆମେରିକାରୁ କଞ୍ଚାମାଲ ଆମଦାନୀ କରୁଛୁ; ଯାହା ବର୍ତ୍ତମାନ ଦେବାକୁ ଆମେରିକା ଅନିଚ୍ଛା ପ୍ରକାଶ କରୁଛି। ଦୁର୍ଭାଗ୍ୟବଶତଃ ଆମର ଟିକାକରଣ ହାର ଅନେକ ଦେଶ ତୁଳନାରେ ଏପରି କି ବିଶ୍ୱ ତୁଳନାରେ କମ୍ ଏବଂ ମୂଲ୍ୟ ମଧ୍ୟ ଅଧିକ। ଅକ୍ସଫୋର୍ଡ ୟୁନିଭର୍‌ସିଟି ଏବଂ ଏକ ଶିକ୍ଷାପ୍ରଦାନକାରୀ ସଂସ୍ଥାର ତଥ୍ୟ ଅନୁଯାୟୀ ପ୍ରତି ୧୦୦ଜଣଙ୍କୁ ଦିଆଯାଇଥିବା ପ୍ରଥମ ଡୋଜକୁ ବିଚାରକୁ ନେଲେ, ୧୯ ଏପ୍ରିଲ ସୁଦ୍ଧା ଭାରତରେ ଟିକାକରଣ ହାର ହାରାହାରି ୯% ହୋଇଥିଲାବେଳେ ବିଶ୍ୱରେ ଏହା ୧୧.୬%। ଇସ୍ରାଏଲ୍ (୧୧୬%), ୟୁଏଇ (୯୭.୪%), ୟୁକେ (୬୪.୬%), ଆମେରିକା (୬୨.୬%), ସ୍ପେନ୍ (୨୬.୪ %), ଜର୍ମାନୀ (୨୬.୨), ଇଟାଲୀ (୨୫.୨), ଚାଇନା (୧୩.୪) ଆଦି ଦେଶ ଭାରତଠାରୁ ଆଗରେ ଅଛନ୍ତି। ଶାସକ ଶ୍ରେଣୀର କିଛି ପ୍ରତିନିଧି କହୁଛନ୍ତି ଯେ, ଏପରି ଦୁର୍ଦ୍ଦିନରେ କାହାର ଦୋଷ ନ ଧରି ମିଳିତ ଭାବେ କାର୍ଯ୍ୟ କରିବା ଉଚିତ। ଏହା ଠିକ୍ କଥା। କିନ୍ତୁ ଯଦି ଭଲଦିନରେ ମିଳିତ ହୋଇ କାମ କରିଥାନ୍ତେ , ତେବେ ଆଜିପରି ଦୁର୍ଦ୍ଦିନ ଦେଖିବାକୁ ମିଳି ନ ଥାନ୍ତା। ସହଯୋଗୀ ସଂଘୀୟତା କଥା କହିଲାବେଳେ ଅଣଭାଜପା ରାଜ୍ୟ ସରକାରଙ୍କୁ କେନ୍ଦ୍ର ସାବତପୁଅ ଭାବେ ବିଚାରକରିବା, ସେହି ସରକାରଙ୍କୁ କ୍ଷମତାଚ୍ୟୁତ କରିବା କେତେ ଯଥାର୍ଥ ? ଦେଶରେ କ'ଣ ବିରୋଧୀ ଦଳ ରହିବ ନାହିଁ ? ପ୍ରତିବାଦ ନ ରହିଲେ ଏପରି ସମସ୍ୟା ଆହୁରି ବେଶି ଦେଖାଦେବ। ସମୟ ଆସିଛି ବୁଦ୍ଧିଜୀବୀ ସତ କୁହନ୍ତୁ। ବିଫଳତା ପାଇଁ ଜନସାଧାରଣ ଏବଂ ଭଗବାନଙ୍କୁ ସରକାର ଦାୟୀ ନ କରି ନିଜକୁ ଦାୟୀ କରନ୍ତୁ ।

ମୋ:୯୪୩୭୨୦୮୭୬୨, Email: skmohapatra67@gmail.com



# ବିନା ଯୁଦ୍ଧେ ଦେବି ନାହିଁ ସୂଚ୍ୟଗ୍ର ମେଦିନୀ

ତୁଷାରକାନ୍ତ

ତା ୦୩।୦୪।୨୦୨୧ରିଖରେ ଛତିଶଗଡ଼ ରାଜ୍ୟର ବିଜାପୁର ଜିଲା ଅନ୍ତର୍ଗତ ଟେକୁଲଗୁଡମର ପାହାଡ଼ରୁ ସୁରକ୍ଷାକର୍ମୀଙ୍କ ଉପରେ ନକ୍ସଲଙ୍କ ଆକ୍ରମଣ ଆରମ୍ଭ ହୋଇ ପାହାଡ଼ ତଳ ଅଞ୍ଚଳରେ ଶେଷ ହୋଇଥିଲା, ଯେଉଁଥିରେ ୨୨ ଜଣ ଅର୍ଦ୍ଧ-ସାମରିକ ବାହିନୀ ସୁରକ୍ଷା କର୍ମୀ ଶହୀଦ ହୋଇଥିଲେ। ଅବଶ୍ୟ, କେନ୍ଦ୍ର ସରକାରଙ୍କ ତଥ୍ୟ ଅନୁସାରେ ଯୁଦ୍ଧ ବା ଅନ୍ୟ କୌଣସି ମୁକାବିଲାରେ ମୃତ ସାମରିକ ବା ଅଣ-ସାମରିକ ବାହିନୀର ଯବାନମାନଙ୍କୁ 'ଶହୀଦ ଉପାଧି'ରେ ଭୂଷିତ କରାଯିବାର ସରକାରୀ ନିୟମ ନାହିଁ।

ସୃଷ୍ଟି ଆରମ୍ଭରୁ 'ଜମି ପାଇଁ ନାଟ' ଚାଲିଆସିଛି। କିଏ, 'ବିନା ଯୁଦ୍ଧେ ଦେବି ନାହିଁ ସୂଚ୍ୟଗ୍ର ମେଦିନୀ' କହିଲା ବେଳକୁ ଆଉ କେହି କହୁଛନ୍ତି 'ଆମେ ଅଲବତ ନେବୁ'। ଓଡ଼ିଶା ସାହିତ୍ୟ ଜଗତର ଅନ୍ୟତମ ଉଜ୍ଜ୍ୱଳ ନକ୍ଷତ୍ର କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଅମରକୃତି 'ମାଟିର ମଣିଷ'ର ବରଜୁ ସିନା ଗପରେ ନିଜ ସାନଭାଇ 'ଛକଡ଼ି' ପାଇଁ ସବୁ ଛାଡ଼ି ଦେଇ ପଳାଇଥିଲେ, କିନ୍ତୁ ବାସ୍ତବିକ ଜୀବନରେ ସେପରି ହୁଏ ନାହିଁ।

'ଆମେ ଚାଷୀ, ମୂଲିଆ, ଶ୍ରମିକ ଓ ଗରିବଙ୍କ ପାଇଁ ସଂଘର୍ଷରତ' ବୋଲି ଦାବି କରୁଥିବା ବାମପନ୍ଥୀମାନେ ୧୯୪୬ରୁ ୧୯୫୧ ମସିହାଯାଏ ଛଅବର୍ଷ କାଳ ସେତେବେଳେ ମାଡ୍ରାସ୍ ପ୍ରେସିଡେନ୍ସି ଅଧୀନରେ ଥିବା ତେଲଙ୍ଗାନା ଓ ବିଦାର ଜିଲାରେ 'ଜମି ଚଷୁଛନ୍ତି ଯିଏ-ଜମିର ମାଲିକ ହେବେ ସିଏ' ଦାବିରେ ଆନ୍ଦୋଳନ କରିଥିଲେ। ଏହା ପରେ ବିନୋବାଜୀ 'ଭୂଦାନ ଆନ୍ଦୋଳନ' ଆରମ୍ଭ କରିଥିଲେ। ପଶ୍ଚିମବଙ୍ଗ ପ୍ରଦେଶର ଦାର୍ଜିଲିଂ ଜିଲାର ସିଲିଗୁଡ଼ି ସବ୍-ଡିଭିଜନ ଅନ୍ତର୍ଗତ ନକ୍ସଲବାରୀ ପଞ୍ଚାୟତର ବେଙ୍ଗାଇ-ଜୋତ ଗାଁରେ ତା.୨୫।୦୫।୧୯୬୭ରିଖରେ 'ଫସଲ ଉପରେ ଆମର ଅଧିକାର' କହୁଥିବା ଚାଷୀଙ୍କ ଉପରକୁ ପୋଲିସ ଗୁଳି ଚଳାଇବାରୁ ୯ଜଣ ଚାଷୀ ଓ ୨ଜଣ ପିଲାଙ୍କର ମୃତ୍ୟୁ ହୋଇଥିଲା, ଯେଉଁଥିରୁ ଉଗ୍ର ବାମପନ୍ଥୀମାନେ ଆରମ୍ଭ କରିଥିଲେ 'ନକ୍ସଲବାରୀ ଆନ୍ଦୋଳନ'।

ସେଇ ବାମପନ୍ଥୀମାନଙ୍କ ଭିତରୁ କିଛି ପଶ୍ଚିମବଙ୍ଗର ଶାସନରେ ଥିବାବେଳେ, ପୂର୍ବ-ମେଦିନାପୁର ଜିଲାର ନନ୍ଦିଗ୍ରାମ ଚାଷୀମାନେ 'ଶିଳ୍ପ ପାଇଁ ଜମି ଦେବେ ନାହିଁ' ବୋଲି ଜିଦ୍ ଧରନ୍ତେ, ତା.୧୪।୦୩।୨୦୦୭ରିଖରେ, ସେହି ବାମପନ୍ଥୀ ସରକାରଙ୍କ ପୋଲିସ ଗୁଳିରେ ୧୪ ଜଣ ମରିଥିଲେ ଓ ୧୦୦ ଜଣ ନିଖୋଜ ହୋଇଥିଲେ। ସେହି ଜମିକୁ ଇଣ୍ଡୋନେସିଆର 'ସଲିମ୍ ଶିଳ୍ପସଂସ୍ଥା'କୁ ଦିଆଯିବାର ଥିଲା, ଯେଉଁ ଶିଳ୍ପସଂସ୍ଥାର ପୂର୍ବତନ ମାଲିକ ଇଣ୍ଡୋନେସିଆରେ ଲକ୍ଷ ଲକ୍ଷ କମ୍ୟୁନିଷ୍ଟଙ୍କ ହତ୍ୟାର ଆୟୁଧ ଥିଲେ।

କିଛିବର୍ଷ ତଳେ ଏବେ ଭୀମା-କୋରେଗାଓଁ ଘଟଣାରେ ଅଭିଯୁକ୍ତ ଭାରଭାର ରାଓ ଓଡ଼ିଶା ପ୍ରାନ୍ତର ଭୁବନେଶ୍ୱରର 'ରାଷ୍ଟ୍ରଭାଷା ପ୍ରଚାର ସମିତି ପଡ଼ିଆ'ରେ ଅନୁଷ୍ଠିତ ଏକ ସଭାରେ ଯୋଗ ଦେଇଥିଲେ। ତା' ପୂର୍ବରୁ ଏକ ଅନୁଶୀଳନରୁ ଜଣାପଡ଼ିଥିଲା ଯେ 'ତତ୍କାଳୀନ ବ୍ୟବସ୍ଥାରେ ମ୍ରିୟମାଣ ହୋଇ ବହୁ ସହରୀ ସ୍ୱାର୍ଥପର ଲୋକେ ବି ନକ୍ସଲ ଆନ୍ଦୋଳନ ପ୍ରତି ସମବେଦନା ରଖିଥିଲେ, ଯାହା ନକ୍ସଲମାନଙ୍କ ଅଯଥା ହିଂସା ଯୋଗୁ ପୁଣି ମିଳେଇ ଯାଇଥିଲା'। ସେଇ ବାବଦରେ ତାଙ୍କୁ ଜଣେ ପଚାରନ୍ତେ ସେ କିଛି ଉତ୍ତର ଦେଇନଥିଲେ।

ପୋଲିସମାନେ ରାଜନୈତିକ ଚାପର ବଶବର୍ତ୍ତୀ ହୋଇ ସାଧାରଣ ଜନତାଙ୍କୁ ନ୍ୟାୟ ପ୍ରଦାନ କରୁନଥିବାର ବାସ୍ତବିକତାରେ ମ୍ରିୟମାଣ ହୋଇ ପ୍ରକାଶ ସିଂ ନାମକ ଜଣେ ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ସୁପ୍ରିମ୍‌କୋର୍ଟରେ 'ପୋଲିସ ସଂସ୍କାର' ପାଇଁ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ତା.୨୨।୧୨।୨୦୦୬ରିଖରେ ସୁପ୍ରିମ୍‌କୋର୍ଟଙ୍କ ତରଫରୁ ଏକ ୭ ଦଫା ନିୟମାବଳୀ ପ୍ରସ୍ତୁତ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା, ଯାହା ଗତ ପନ୍ଦର ବର୍ଷ ଧରି ବନ୍ଦ ଲଫାପାରେ ରହିଛି। ଅବଶ୍ୟ ତାହା କାର୍ଯ୍ୟକାରୀ ହୋଇଥିଲେ ଯେ ଅବସ୍ଥାରେ ବିଶେଷ କିଛି ପରିବର୍ତ୍ତନ ହୋଇଥାଆନ୍ତା ଓ ବିନା ନିର୍ଦ୍ଦେଶରେ ବି କରି ହୁଅନ୍ତା ନାହିଁ, ତାହା ଅଲଗା କଥା।

ସେଇ ପ୍ରକାଶ ସିଂହଙ୍କ ସହ ଏକ ସାକ୍ଷାତ୍‌କାର-Times of India ନାମକ ଏକ ସର୍ବଭାରତୀୟ ଇଂଲିଶ୍ ଭାଷାର ସମ୍ବାଦପତ୍ରର ତା.୦୪।୧୨।୨୦୧୮ରିଖର ସଂସ୍କରଣରେ ପ୍ରକାଶିତ ହୋଇଥିଲା। ସେହି ସାକ୍ଷାତ୍‌କାରରେ, ତାଙ୍କ ପ୍ରତି 'ସରକାରଙ୍କ ବିଫଳତା ନକ୍ସଲବାଦର ଜନ୍ମଦାତା କି, ଜନ୍ମ ନେବାର ସୂଚନା କି' ରୂପକ ପ୍ରଶ୍ନର ଉତ୍ତରରେ ସେ କହିଥିଲେ, 'ଏପରି ମତାମତ ସମ୍ପୂର୍ଣ୍ଣ ରୂପେ ସ୍ପୃହଣୀୟ ନୁହେଁ, କିନ୍ତୁ ଏହା ବି ସତ୍ୟ ଯେ ଶାସକ ଓ ପ୍ରଶାସକମାନେ ସଠିକ ଭାବରେ କାମ କରୁ ନ ଥିବାରୁ ଏହାର ସୃଷ୍ଟି ହୋଇଛି। ରାଜନୈତିକ ଗୁଣ୍ଡା, ଜବରଦସ୍ତ ଚାନ୍ଦା ଆଦାୟକାରୀ ଓ ଲୁଟେରା ଶକ୍ତିମାନେ ଏହି ଆନ୍ଦୋଳନରେ ପଶିଯାଇଛନ୍ତି। ତଥାପି ବି, ବର୍ତ୍ତମାନର ଗଣତାନ୍ତ୍ରିକ ପ୍ରକ୍ରିୟାରେ ଭରସା ରଖୁନଥିବା କିଛି ସମର୍ପିତ ଲୋକଙ୍କ ଦ୍ୱାରା ଏହି ଆନ୍ଦୋଳନ ଚାଲିଛି। ସରକାର 'ସହରୀ ନକ୍ସଲ'ଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ବେଳେ ସହରର ଅନ୍ୟାନ୍ୟ ଦୁଷ୍ଟବ୍ରଣଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନ ହେବା ପରିତାପର ବିଷୟ। ସେହି ସହରୀ ଦୁଷ୍ଟବ୍ରଣମାନଙ୍କ ଭିତରେ ଅଛନ୍ତି ଜଙ୍ଗଲୀପଶୁଙ୍କ ଭଳି ବ୍ୟବହାର କରୁଥିବା (rapacious) ରାଜନେତା, ଯିଏ କି ଦେଶର ରକ୍ତକୁ ଶୋଷୁଛନ୍ତି, ଦୁର୍ନୀତିଗ୍ରସ୍ତ ପ୍ରଶାସନିକ ଅଧିକାରୀ (Bureaucrats) ଯେଉଁମାନେ ନିଜ ପାଇଁ ଅମାପ ସମ୍ପତ୍ତି ସୃଷ୍ଟି କରୁଛନ୍ତି ଏବଂ ଦୁର୍ନୀତିଗ୍ରସ୍ତ ପୋଲିସ ବ୍ୟକ୍ତିସମୂହ, ଯେଉଁମାନଙ୍କର ଅପରାଧୀମାନଙ୍କ ସହ ଯୋଗସୂତ୍ର ରହିଛି। ଏମାନେ ମଧ୍ୟ ଅର୍ବାନ ନକ୍ସଲଙ୍କ ଭଳି 'ଗଣତନ୍ତ୍ର ପ୍ରତି ବିପଦ'।

'ସୂଚ୍ୟଗ୍ର ମେଦିନୀ' ପାଇଁ ଲଢ଼େଇର କ'ଣ ସତରେ ଅନ୍ତ ଅଛି ?

ମୋ: ୮୮୯୫୮୫୭୩୧୮

## ଏଇ ଭାରତରେ

ବାଦ୍ୟଯନ୍ତ୍ର ପ୍ରତି ଏକ ପରିବାରର ଆସକ୍ତି ଦେଖିଲେ ଯେ କେହି ଆଶ୍ଚର୍ଯ୍ୟ ହୋଇଯିବେ। ଏହି ପରିବାର ରହୁଛନ୍ତି କେରଳର ପାଲକ୍କଡଠାରୁ ୧୫ କି.ମି. ଦୂର ପେରୁଭେମ୍ବା ଗାଁରେ। ୨୦୦ ବର୍ଷରୁ ଊର୍ଦ୍ଧ୍ୱ ହେବ ପିଢ଼ି ପରେ ପିଢ଼ି ଏହି ପରିବାରର ସଦସ୍ୟମାନେ ମୃଦଙ୍ଗ ତିଆରି କରୁଛନ୍ତି। ଏମାନେ ଏକ୍ ଓ ଥାଗ୍ ନାମକ ଦୁଇ ପ୍ରକାର ମୃଦଙ୍ଗ ନିର୍ମାଣ କରୁଛନ୍ତି। ଏହାର ଓଜନ ୯-୧୨ କେ.ଜି. ହୋଇଥାଏ ଓ ୧୫,୦୦୦ରୁ ୨୦,୦୦୦ ଟଙ୍କା ମଧ୍ୟରେ ଏହାକୁ ବିକ୍ରି କରାଯାଏ। ତୃତୀୟ ପିଢ଼ିର ପି.ଆର୍. କସୁମାନିଙ୍କ ହାତ ତିଆରି ମୃଦଙ୍ଗ ବଜାଇ ଡ.କୁଜାଲମାନମ ରାମକ୍ରିଷ୍ଣନ ବହୁ ରେକର୍ଡର ଅଧିକାରୀ ହୋଇଛନ୍ତି। କେବଳ ଭାରତ ନୁହେଁ କାନାଡ଼ା,ମାଲେସିଆ, ଆମେରିକା, ସିଙ୍ଗାପୁର ଏବଂ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରେ କସୁମାନିଙ୍କ ମୃଦଙ୍ଗ ବିକ୍ରି ହେଉଛି। ମୃଦଙ୍ଗ ସହ ସେ ମାଦଳ, ତବଲା, ତିମିଲା, ଚେଣ୍ଡା, ଇଡାକ୍କା ଆଦି ବାଦ୍ୟଯନ୍ତ୍ର ମଧ୍ୟ ତିଆରି କରୁଛନ୍ତି। କସୁମାନି ପେରୁଭେମ୍ବାର ଗ୍ରାମବାସୀଙ୍କୁ ଉତ୍ସାହିତ କରିବା ସହ ଏସବୁ ବାଦ୍ୟଯନ୍ତ୍ର ନିର୍ମାଣ କରିବାରେ ନିୟୋଜିତ କରିଛନ୍ତି। ତେବେ ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇ ବହୁ ଗ୍ରାମବାସୀ ଅନ୍ୟ ପେସା ଆପଣାଇଥିବା ବେଳେ ଏବେ ମାତ୍ର ୩୦ଜଣ ଏହି ବୃତ୍ତିରେ ରହିଛନ୍ତି। କସୁମାନିଙ୍କ ସହ ଏହି ଦାୟିତ୍ୱ ନେବାକୁ ପରିବାରର ଚତୁର୍ଥ ପିଢ଼ିରେ ତାଙ୍କ ପୁଅ ରାଜେଶ କେ. ନିଜକୁ ପ୍ରସ୍ତୁତ କରିସାରିଛନ୍ତି। କଳାରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ ତାଙ୍କ ପାରିବାରିକ ପେସାକୁ ବଞ୍ଚାଇ ରଖିବାକୁ ରାଜେଶ ଆଗେଇ ଆସିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୭ ଏପ୍ରିଲ ୧୯୯୬**

- ପାକିସ୍ତାନୀ କ୍ରିକେଟ ତାରକା ଇମ୍ରାନ ଖାଁ ତେହରିକ-ଇ-ଇନ୍‌ସାଫ ଦଳ ପ୍ରତିଷ୍ଠା କରିବା ସହ ନିଜର ରାଜନୈତିକ ଜୀବନ ଆରମ୍ଭ କରିଛନ୍ତି।
- ବିଶିଷ୍ଟ ସଙ୍ଗୀତ ଗୁରୁ ଶ୍ରୀ କାଶୀନାଥ ପୂଜାପଣ୍ଡା ଓ ସଙ୍ଗୀତ ନିର୍ଦ୍ଦେଶକ ଅକ୍ଷୟ ମହାନ୍ତିଙ୍କୁ ଭକ୍ତ ସାଲବେଗ ସମ୍ମାନ ପ୍ରଦାନ।

## ଚିରନ୍ତନୀ

କିଣିଲ ଭୁବନମୟ ରୂପଗୁଣେ
ଅଭୟ ଅଶୋକ
ଜିଣିଲ ଶୈଶବ ଜରା ଦୀନ ଧନୀ
ଜ୍ଞାନୀ ମୂର୍ଖ ଲୋକ। (ସୁନା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଘରେ ବସିଥା ତେଣେ ଆକାଉଣ୍ଟ ଖାଲି

ମହାଶୟ,

ମୋବାଇଲ ସହ ଆଧାର କାର୍ଡ ସଂଯୁକ୍ତ ସହ ସବୁଥିରେ କୁଆଡ଼େ ଲିଙ୍କ୍ କରାଯାଇଛି। କେନ୍ଦ୍ର ସରକାର ଏହି ନିୟମ କରିଛନ୍ତି କେବଳ ଠକଙ୍କୁ ପୋଷିବା ପାଇଁ। ଏବେ ଖବରକାଗଜରେ ଯାହା ଖବର ବାହାରୁଛି ତାକୁ ଦେଖିଲେ ହୋସ୍ ଉଡ଼ିଯିବ। ସାଇବର ଠକ ଖବର ଦେଇ କ'ଣ ହ୍ୟାକ୍ କରି ଆକାଉଣ୍ଟରୁ ସବୁ ଟଙ୍କା ନେଇଯାଉଛନ୍ତି। ସାଧାରଣ ଲୋକ ପେଟରୁ କାଟି କିଛି ସଞ୍ଚୟ କରେ ପୁଅ, ଝିଅ ବାହାଘର କରିବାକୁ। କିଏ ବି ଭବିଷ୍ୟତର କଷ୍ଟ ମେଣ୍ଟାଇବାକୁ କିଛି କଷ୍ଟାର୍ଜିତ ଟଙ୍କା ରଖିଥାଏ। ଏବେ କିନ୍ତୁ ଘରେ ବସିଥିବା କେତେ ସାଇବର ଠକଙ୍କ ଦ୍ୱାରା ଆକାଉଣ୍ଟ ଖାଲି ହୋଇଯାଉଛି। ଆଗରୁ ତ ଏ କଥା କେବେ ଶୁଣା ନ ଥିଲା। ଏବେ ଏହା କ'ଣ ପାଇଁ ହେଉଛି। ସବୁଥିରେ ଆଧାର ସଂଯୋଗ ଯୋଗୁ ଏହା ହେଉ ନାହିଁ ତ।

–ସଚ୍ଚିଦାନନ୍ଦ ମିଶ୍ର, ଗଡ଼ ହଳଦିଆ, ଖୋର୍ଦ୍ଧା


ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଭାକ୍ସିନ ଲାଗି ପି ଆଣ୍ଡ ଜି ଦେବ ୫୦ କୋଟି**

ଲୋକଙ୍କୁ ଭାକ୍ସିନ ଯୋଗାଣ ଲାଗି ପ୍ରୋକ୍ଟର ଆଣ୍ଡ ଗ୍ୟାମ୍ବଲ(ପି ଆଣ୍ଡ ଜି) ପକ୍ଷରୁ ୫୦ କୋଟି ଟଙ୍କା ପ୍ରଦାନ କରାଯିବ। ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ସରକାରଙ୍କ ସହ ସହଭାଗିତା ଦ୍ୱାରା ୫ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ଟିକା ଯୋଗାଇଦେବା ନେଇ ଏହି ସଂସ୍ଥା ଯୋଜନା ରଖିଛି। ଭାରତରେ କାମ କରୁଥିବା ପ୍ରତି କର୍ମଚାରୀଙ୍କ ହିସାବରେ ୧୦୦ ଲୋକଙ୍କୁ ଟିକାକରଣ କରିବ। ଏହାବାଦ ଭାରତରେ କାମ କରୁଥିବା ଏହା ୫ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ମଧ୍ୟ ଭାକ୍ସିନ ଯୋଗାଣ ନେଇ କମ୍ପାନୀ ଲକ୍ଷ୍ୟ ରଖିଛି।

## ସଂକ୍ଷେପରେ

### ମାରୁତି ସୁଜୁକିର ପୂର୍ବତନ ଏମ୍‌ଡିଙ୍କ ପରଲୋକ



ଜଗଦୀଶ ଖଟ୍ଟର

**ନୂଆଦିଲ୍ଲୀ,୨୬।୪:** ମାରୁତି ସୁଜୁକି ଇଣ୍ଡିଆର ପୂର୍ବତନ ଏମ୍‌ଡି ଜଗଦୀଶ ଖଟ୍ଟର(୭୯)ଙ୍କ ସୋମବାର ପୂର୍ବାହ୍ନରେ ହୃଦଘାତରେ ପରଲୋକ ହୋଇଛି। ସେ ପ୍ରଶାସନିକ ସେବା ସହ ମଧ୍ୟ ଜଡ଼ିତ ଥିଲେ। ତାଙ୍କୁ ଭାରତୀୟ ଅଟୋମୋବାଇଲ ଶିଳ୍ପରେ ଜଣେ ପ୍ରଭାବଶାଳୀ ଲିଡର ବୋଲି ବିବେଚିତ କରାଯାଏ। ମାରୁତିର ଭବିଷ୍ୟତ ଅଭିବୃଦ୍ଧି ମୂଳଦୂଆ ପକାଇବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ସେ ମାରୁତି ଉଦ୍ୟୋଗ ଲିମିଟେଡରେ ୧୯୯୩ରେ ଯୋଗ ଦେଇଥିଲେ। ୬ ବର୍ଷ ପରେ ମାର୍କେଟିଂର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପଦବୀରେ ଅବସ୍ଥାପିତ ହୋଇଥିଲେ। ୧୯୯୯ରେ ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ଏବଂ ପରେ ୩ ବର୍ଷ ଲାଗି ଏମ୍‌ଡି ଭାବେ ନିଯୁକ୍ତ ହେଲେ। ଦ୍ୱିତୀୟ ପାଳିରେ ଏମ୍‌ଡି ଭାବେ ସେ ୨୦୦୭ ଶେଷ ଯାଏ କାର୍ଯ୍ୟ କରିଥିଲେ। ୨୦୦୭ରେ ସେ କମ୍ପାନୀରୁ ଅବସର ନେଇଥିଲେ।

### ବ୍ୟାଙ୍କ ସିଇଓ ୧୫ ବର୍ଷ ଯାଏ କାମ କରିପାରିବେ

**ନୂଆଦିଲ୍ଲୀ,୨୬।୪:** ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ)ଙ୍କ କାର୍ଯ୍ୟ କରିବାର ସୀମା ୧୫ ବର୍ଷ ଧାର୍ଯ୍ୟ କରାଯାଇଛି। ସେହିଭଳି ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ(ଡବ୍ଲ୍ୟୁଟିଡି)ଙ୍କ ଲାଗି ସମାନ ନିୟମ କାର୍ଯ୍ୟକାରୀ ହେବ ବୋଲି ରିଜର୍ଭ ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି। ଏଭଳି ପଦବୀରେ ଥିବା ବ୍ୟକ୍ତି ବିଶେଷ ପ୍ରମୋଟର କିମ୍ବା ପ୍ରମୁଖ ଅଂଶୀଦାର ହୋଇଥାନ୍ତି ତେବେ ୧୨ ବର୍ଷରୁ ଅଧିକ ସମୟ କାମ କରିପାରିବେ ନାହିଁ।

# ଜିଡିପିକୁ ଲାଗିପାରେ ଝଟକା

**ନୂଆଦିଲ୍ଲୀ,୨୬।୪**

କୋଭିଡ୍‌ର ଦ୍ୱିତୀୟ ଲହର ଯୋଗୁ ଦେଶ ମଧ୍ୟରେ ସଂକ୍ରମଣ ଦ୍ରୁତ ଭାବେ ବଢ଼ିଚାଲିଛି। ଦୈନିକ ସଂକ୍ରମଣରେ ଭାରତ ରେକର୍ଡ ସ୍ତରରେ ରହିଛି। ବର୍ତ୍ତମାନ ହସ୍ପିଟାଲଗୁଡ଼ିକରେ ବେଡ୍ ଏବଂ ଅକ୍ସିଜେନ ସମସ୍ୟା ଦେଖାଦେଉଥିବା ବେଳେ ମହାମାରୀର କରାଳ ରୂପ ବଜାର ଉପରେ ପଡ଼ିଛି। କୋଭିଡ୍ ନିୟନ୍ତ୍ରଣ ପାଇଁ ଦେଶର ବିଭିନ୍ନ ପ୍ରାନ୍ତରେ କୋଭିଡ୍

**ଚିନ୍ତା ବଢ଼ାଉଛି ଦ୍ୱିତୀୟ ଲହର**

କଟକଣା ଲାଗୁ ହୋଇଛି। ଦେଶର ମହାରାଷ୍ଟ୍ର, ନୂଆଦିଲ୍ଲୀ ଭଳି ସ୍ଥାନଗୁଡ଼ିକରେ ଲକ୍‌ଡାଉନ କଟକଣା ଜାରି କରାଯାଇଛି। ଫଳରେ ଆର୍ଥିକ କାର୍ଯ୍ୟକଳାପ ଉପରେ ଏହାର ଗଭୀର ପ୍ରଭାବ ପରିଲକ୍ଷିତ ହେଉଛି। ଗତ ବର୍ଷ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ନକାରାତ୍ମକ ରହିଲା। ସାରା ଦେଶରେ ଲାଗୁ କରାଯାଇଥିବା ଲକ୍‌ଡାଉନ ପ୍ରଭାବ ବଜାର ଉପରେ ପଡିବା ଯୋଗୁ ବଜାରକୁ ଏଭଳି ସ୍ଥିତି ସାମ୍ନା କରିବାକୁ ପଡିଲା।

ଚଳିତ ବର୍ଷ ଆର୍ଥିକ କାର୍ଯ୍ୟକଳାପ ସୁଧାର ସ୍ଥିତିକୁ ଫେରିବ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଥିଲେ। ଜିଡିପିରେ ସୁଧାର ମଧ୍ୟ ପରିଲକ୍ଷିତ ହେଉଥିଲା। ହେଲେ କୋଭିଡ୍‌ର ଦ୍ୱିତୀୟ ଲହର ବର୍ତ୍ତମାନ ବଜାର ଉପରେ ଗଭୀର ପ୍ରଭାବ ପକାଉଛି। ଏହାକୁ ଧ୍ୟାନରେ ରଖିଲେ ଆର୍ଥିକ କାର୍ଯ୍ୟକଳାପ ଚାପଗ୍ରସ୍ତ ହୋଇଥିବା ବେଳେ ଚାହିଦା ଉପରେ ମଧ୍ୟ ପ୍ରଭାବ ପଡିଛି। ଆଞ୍ଚଳିକ ସ୍ତରରେ ଲାଗୁ କରାଯାଇଥିବା ଲକ୍‌ଡାଉନ ଯୋଗୁ ଜିଡିପିକୁ ଝଟକା ଲାଗିବ ବୋଲି ଆଶଙ୍କା କରାଯାଇଛି। ଜିଡିପି କେତେ ପ୍ରଭାବିତ ହେବ ତାହା କୋଭିଡ୍‌ର ସ୍ଥିତି ଉପରେ ନିର୍ଭରକରେ। କାରଣ ବଜାର ସ୍ଥିତି ସୁଧୁରିବା ଲାଗି ମହାମାରୀକୁ ନିୟନ୍ତ୍ରଣ କରିବାର ଆବଶ୍ୟକତା ରହିଛି। ଏ ଦିଗରେ ସରକାର କେତେ ତ୍ୱରିତ ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ମଧ୍ୟ ଦେଖିବାକୁ ବାକି ରହିଲା। ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ରହିଥିବା ସମସ୍ୟା ସମାଧାନ, ଟିକାକରଣ, ଆର୍ଥିକ କାର୍ଯ୍ୟକଳାପ ଚାଲୁ ରଖିବା ଲାଗି ସ୍ୱତନ୍ତ୍ର ନୀତି ଏବଂ ବଜାର ତଥା ଖାଉଟିଙ୍କ ମନୋବଳ ବଢାଇବା ଭଳି ନୀତି ଉପରେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ବଜାର ବିଶେଷଜ୍ଞ କୁହନ୍ତି।

ଭାରତୀୟ ବଜାର ଏକ ଉପଭୋକ୍ତା ବଜାର ହୋଇଥିବାରୁ ଖାଉଟିଙ୍କ ମନୋଭାବ ଉପରେ ସବୁ ନିର୍ଭର କରିଥାଏ। ଖାଉଟି ମନୋଭାବ ଆଶଙ୍କାରେ ରହିଲେ ଏହା ବଜାରର ଅଭିବୃଦ୍ଧିକୁ ପ୍ରଭାବିତ କରିବ। ଯଦି ଖାଉଟି ସାମଗ୍ରୀ ନ କିଣିବେ କମ୍ପାନୀଙ୍କ ଉତ୍ପାଦନ, ନିଯୁକ୍ତି, ସମ୍ପ୍ରସାରଣ ନିବେଶ ଉପରେ ଏହାର ପ୍ରତ୍ୟକ୍ଷ ପ୍ରଭାବ ପଡିବ। ଗତବର୍ଷ ପ୍ରଭାବିତ ହୋଇ ରହିଥିବା ବଜାର ଏବେ ଯାଏ ସୁଧାର ସ୍ଥିତିକୁ ଫେରିନାହିଁ। ଏଭଳି ସ୍ଥିତିରେ ନୂଆ ଲହର ବୋଝ ଉପରେ ନଳିତାବିଡ଼ା ସଦୃଶ ହୋଇଛି। ଚାପରେ ରହିଥିବା ବଜାର ଉପରେ ପୁଣି ଥରେ ଚାପ ସୃଷ୍ଟି ହୋଇଛି। ଅପରପକ୍ଷରେ ଏକ ପ୍ରଭାବିତ ବଜାରରେ ନିବେଶକ ନୂଆ ନିବେଶ ଲାଗି ମଧ୍ୟ ଅନେକ ଚିନ୍ତା କରିବେ। ଯାହା କୌଣସି ଅର୍ଥ ବ୍ୟବସ୍ଥା ଲାଗି ଭଲ ନୁହେଁ। ଏଭଳି ସ୍ଥିତି ସତ୍ତ୍ୱେ ଭାରତୀୟ ବଜାରକୁ ନେଇ ଅନ୍ତର୍ଜାତୀୟ ଏଜେନ୍ସିଗୁଡିକର ଆକଳନ ଦୃଢ଼ ରହିଛି। ଜିଡିପି ପ୍ରଭାବିତ ରହିଲେ ମଧ୍ୟ ୨ ଅଙ୍କ ବିଶିଷ୍ଟ ରହିବ ବୋଲି ଅଧିକାଂଶ ଏଜେନ୍ସି ଆକଳନରେ କହିଛନ୍ତି। ଏଜେନ୍ସିଗୁଡିକ ପୂର୍ବରୁ ଯେଉଁଭଳି ଆକଳନ କରିଥିଲେ ସେହି ତୁଳନାରେ ବର୍ତ୍ତମାନ ଆକଳନରେ ପରିବର୍ତ୍ତନ କରୁଛନ୍ତି। ଯଦି ସ୍ଥିତି ବିଗିଡ଼େ ପୂର୍ବର ଆକଳନକୁ ଏଜେନ୍ସି ପୁଣି କମାଇବେ ବୋଲି କୁହାଯାଉଛି।



### ବଜାର ଦୃଢ଼ ସ୍ଥିତିରେ ରହିଛି: ଆର୍‌ବିଆଇ

**ନୂଆଦିଲ୍ଲୀ,୨୬।୪:** କୋଭିଡ୍-୧୯ର ନୂଆ ସଂକ୍ରମଣକୁ ସାମ୍ନା କରିବା ଲାଗି ଭାରତୀୟ ଅର୍ଥ ବ୍ୟବସ୍ଥା ଦୃଢ଼ ରହିଛି ବୋଲି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) କହିଛି। ନୂଆ ସଂକ୍ରମଣ ବୃଦ୍ଧିଜନିତ କଟକଣା ଏବଂ ମୁଦ୍ରାସ୍ଫୀତି ଚାପ ବଜାର ଉପରେ ରହିବ। ଆର୍ଥିକ କାର୍ଯ୍ୟକଳାପ ବର୍ତ୍ତମାନ ଊର୍ଦ୍ଧ୍ୱଗାମୀ ରହିଛି। କଟକଣା ଯୋଗାଣ ଚେନ୍‌କୁ ପ୍ରଭାବିତ କରିବା ସହ ମୁଦ୍ରାସ୍ଫୀତି ଉପରେ ଚାପ ପକାଇପାରେ। ଏଭଳି ସ୍ଥିତିରେ ଦେଶର ଅର୍ଥନୈତିକ ସୁଧାର ଧାରା ଜାରି ରହିବ ବୋଲି ଆର୍‌ବିଆଇ ଆଶାବାଦୀ ରହିଛି। ଆର୍‌ବିଆଇ ନିରନ୍ତର ଭାବେ ବଜାରକୁ ଭରସା ଦେଇ ଆସିଛି। ବଜାରରେ ପର୍ଯ୍ୟାପ୍ତ ନଗଦ ରହିବା ସହ ୧୨.୬ ଲକ୍ଷ କୋଟିର ବଜାର ଋଣ ଯୋଜନା ରହିଥିବା କେନ୍ଦ୍ରୀୟ ବ୍ୟାଙ୍କ କହିଛି।

### ଅଭିବୃଦ୍ଧି ୨ ଅଙ୍କରୁ କମ୍ ରହିପାରେ: ଗର୍ଗ

କରୋନା ସଂକ୍ରମଣ ବଢୁଥିବାରୁ ଏହାକୁ ନେଇ ପୂର୍ବତନ ଅର୍ଥ ସଚିବ ଏସ୍.ସି. ଗର୍ଗ ଆଶଙ୍କା ପ୍ରକଟ କରିଛନ୍ତି। ଦେଶର ବିଭିନ୍ନ ପ୍ରାନ୍ତରେ ଲାଗୁ ହେଉଥିବା କଟକଣା ଯୋଗୁ ଚଳିତ ଆର୍ଥିକ ବର୍ଷରେ ଭାରତୀୟ ଅର୍ଥ ବ୍ୟବସ୍ଥାର ଅଭିବୃଦ୍ଧି ୧୦%ରୁ କମ୍ ରହିପାରେ ବୋଲି ସେ ମତ ରଖିଛନ୍ତି। ଏକ ବ୍ଲଗ୍ ପୋଷ୍ଟରେ ସେ କହିଛନ୍ତି, କଟକଣା ଅଭିବୃଦ୍ଧିକୁ ପ୍ରଭାବିତ କରିବ। ଚାହିଦା ଏବଂ ଯୋଗାଣ ଉପରେ ଏହାର କି ପ୍ରଭାବ ରହିବ ତାହା ମଧ୍ୟ ଦେଖିବାକୁ ପଡ଼ିବ। ନୂଆ ଲହର ନ ଥିଲେ ବଜାର ଭଲ ପ୍ରଦର୍ଶନ କରିଥାନ୍ତା। ମାତ୍ର ଏହା ଅଭିବୃଦ୍ଧିରେ ବର୍ତ୍ତମାନ ବାଧକ ସାଜୁଛି। ଆଂଶିକ ଲକ୍‌ଡାଉନ ଦ୍ୱାରା ବଜାରକୁ ମାସିକ ୦.୫% ପ୍ରଭାବ ପଡ଼ିପାରେ; ଯାହା ସମ୍ପୂର୍ଣ୍ଣ ଲକ୍‌ଡାଉନ ହୋଇଥିଲେ ୪% ରହିଥାନ୍ତା। ଆଞ୍ଚଳିକ ସ୍ତରର ଲକ୍‌ଡାଉନ ଆର୍ଥିକ କାର୍ଯ୍ୟକଳାପକୁ ଚାପଗ୍ରସ୍ତ କଲେ ମଧ୍ୟ ପ୍ରଭାବ ଗତ ବର୍ଷ ଭଳି ହେବନି ବୋଲି ସେ ମତ ରଖିଛନ୍ତି।

### ଜିଡିପି ୧୦.୨% ରହିପାରେ: ଅକ୍ସଫୋର୍ଡ ଇକୋନୋମିକ୍ସ

ପ୍ରଭାବିତ ବଜାରକୁ ଧ୍ୟାନରେ ରଖି ଅନ୍ତର୍ଜାତୀୟ ଫାର୍ମ ଅକ୍ସଫୋର୍ଡ ଇକୋନୋମିକ୍ସ ଭାରତର ଅଭିବୃଦ୍ଧି ଆକଳନକୁ କମ୍ କରିଛି। ଭାରତର ଅଭିବୃଦ୍ଧି ଚଳିତ ଆର୍ଥିକ ବର୍ଷରେ ୧୧.୮% ରହିବ ବୋଲି ଏହି ଏଜେନ୍ସି ଆକଳନ କରିଥିଲା। ବର୍ତ୍ତମାନ ଏହାକୁ ୧୦.୨%କୁ ଖସାଇ ଦେଇଛି। ସ୍ୱାସ୍ଥ୍ୟ ସମସ୍ୟା, ଟିକା ଯୋଗାଣରେ ବିଳମ୍ବ ଏବଂ ମହାମାରୀ ନିୟନ୍ତ୍ରଣ ଦିଗରେ ସରକାରଙ୍କ କୌଶଳ ଠିକ୍ ନ ଥିବା ଏହା ରିପୋର୍ଟରେ କହିଛି। ଦ୍ୱିତୀୟ ତ୍ରୈମାସରେ ମଧ୍ୟ ଜିଡିପି ଖସିବ ବୋଲି ଏହି ଏଜେନ୍ସି ଆକଳନରେ କହିଛି। ଭାରତର ବିଭିନ୍ନ ରାଜ୍ୟରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିଗିଡିଛି।

## ଭାରତକୁ ପିଚାଇ, ନାଡେଲାଙ୍କ ସହାୟତା



ସୁନ୍ଦର ପିଚାଇ | ସତ୍ୟ ନାଡେଲା

**ନୂଆଦିଲ୍ଲୀ,୨୬।୪**

କରୋନା ମହାମାରୀ ଯୋଗୁ ଭାରତ ବର୍ତ୍ତମାନ ସଙ୍କଟ ଦେଇ ଗତି କରୁଛି। ଏଭଳି ସ୍ଥିତିରେ ସହାୟତା ଲାଗି ଆଗେଇ ଆସିଛନ୍ତି ଗୁଗଲ ସିଇଓ ସୁନ୍ଦର ପିଚାଇ ଏବଂ ମାଇକ୍ରୋସଫ୍ଟର ସିଇଓ ସତ୍ୟ ନାଡେଲା। ପିଚାଇ ଟୁଇଟ ଯୋଗେ କହିଛନ୍ତି, ଗୁଗଲ ଭାରତକୁ ୧୩୫ କୋଟି ଟଙ୍କାର ସହାୟତା ରାଶି ଯୋଗାଇଦେବ। ଏହି ରାଶି ୟୁନିସେଫ୍ ଏବଂ ଗିଭ୍ ଇଣ୍ଡିଆ ଦ୍ୱାରା ପ୍ରଦାନ କରାଯିବ। ମେଡିକାଲ ସପ୍ଲାଇ, ବିପଦରେ ରହୁଥିବା ଲୋକଙ୍କୁ ସହାୟତା ଏବଂ ବିପଦକାଳୀନ ସୂଚନା ସେବାରେ ଏହି ଅର୍ଥ ବ୍ୟବହାର କରାଯିବ। ସେହିଭଳି ମାଇକ୍ରୋସଫ୍ଟ ମୁଖ୍ୟ ସତ୍ୟ ନାଡେଲା ଟୁଇଟରେ କହିଛନ୍ତି, ଭାରତରେ ବର୍ତ୍ତମାନ ସ୍ଥିତି ହୃଦୟ ବିଦାରକ। ଆମେରିକା ସରକାର ଭାରତକୁ ସହାୟତା ଲାଗି ଆଗେଇ ଆସିଥିବାରୁ କୃତଜ୍ଞତା ଜ୍ଞାପନ କରୁଛି। ମାଇକ୍ରୋସଫ୍ଟ ସମ୍ବଳ, ଟେକ୍ନୋଲୋଜି, ରିଲିଫ ସହାୟତା ଏବଂ କ୍ରିଟିକାଲ ଅକ୍ସିଜେନ କନ୍‌ସେନଟ୍ରେଶନ ଡିଭାଇସ କ୍ରୟରେ ସହାୟତା ଦିଆଯିବ। ଉଲ୍ଲେଖଯୋଗ୍ୟ, ଆମେରିକା ଭାରତକୁ ଭାକ୍ସିନ, ମେଡିକାଲ ଇକ୍ୱିପମେଣ୍ଟ ଏବଂ ପ୍ରୋଟେକ୍ଟିଭ ଗିୟର କଞ୍ଚାମାଲ ସହାୟତା ଯୋଗାଇ ଦେଇଛି।

## ବିମାନ ଯାତ୍ରୀ କ୍ଷମତା ଅପରିବର୍ତ୍ତିତ

**ନୂଆଦିଲ୍ଲୀ,୨୬।୪**

ଦେଶ ମଧ୍ୟରେ ବିମାନ ଯାତ୍ରା ଲାଗି ବିମାନ ଭଡା ସୀମା ଏବଂ ଏବଂ ଯାତ୍ରୀ ପରିଚାଳନା କ୍ଷମତାରେ କୌଣସି ପରିବର୍ତ୍ତନ ହେବ ନାହିଁ। କମ୍ପାନୀଗୁଡ଼ିକ ଲାଗି ଏହି ନିୟମକୁ ମେ ମାସ ୩୧ ଯାଏ ବଳବତ୍ତର ରଖାଯାଇଛି। କମ୍ପାନୀଗୁଡିକ ୮୦% କ୍ଷମତାରେ ଯାତ୍ରୀ ସେବା ପ୍ରଦାନ କରିବେ। ଯାତ୍ରୀ ଭଡ଼ା ନିୟମ ପୂର୍ବରୁ ଏପ୍ରିଲ ୩୦ ରହିଥିବା ବେଳେ ଏହାକୁ ମେ ୩୧ ଯାଏ ବଢ଼ାଯାଇଛି।

## ଭାରତ-ନେଦରଲାଣ୍ଡ ବିମାନ ସେବା ବନ୍ଦ

**ନୂଆଦିଲ୍ଲୀ,୨୬।୪**

କରୋନା ସଂକ୍ରମଣ ଦ୍ରୁତ ଗତିରେ ବୃଦ୍ଧି ପାଉଥିବାରୁ ଏହାକୁ ନଜରରେ ରଖି ନେଦରଲାଣ୍ଡ ସରକାର ଭାରତୀୟଙ୍କ ବିମାନ ଯାତ୍ରା ଉପରେ କଟକଣା ଲଗାଇଛନ୍ତି। ସେଠାକାର ସରକାର ସୋମବାର ଘୋଷଣା କରିଛନ୍ତି, ଆସନ୍ତା ମଇ ୧ ପର୍ଯ୍ୟନ୍ତ ଭାରତରୁ ନେଦରଲାଣ୍ଡ ଯାଉଥିବା ସମସ୍ତ ବିମାନ ସେବା ବନ୍ଦ ରହିବ। ଏ ସମ୍ପର୍କରେ ନେଦରଲାଣ୍ଡ ସରକାରଙ୍କ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କହିଛନ୍ତି, ୨୬ ଏପ୍ରିଲ ସକାଳ ୬ ଘଟିକାରୁ ମେ ୧ ପର୍ଯ୍ୟନ୍ତ ସମସ୍ତ ବିମାନ ବାତିଲ କରାଯାଇଛି।

## ଖେଳ ଖବର

## ଭାରତୀୟ ମହିଳା କ୍ରିକେଟକୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଯୋଗ୍ୟତା

**ଦୁବାଇ, ୨୬।୪(ପି.ଟି.)**

BIRMINGHAM 2022
commonwealth games

୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ଭାରତୀୟ ମହିଳା କ୍ରିକେଟ ଦଳ ଯୋଗ୍ୟତା ଅର୍ଜନ କରିଛି। ଏହି ମଲ୍ଟି ସ୍ପୋର୍ଟ୍ସ ଇଭେଣ୍ଟକୁ କ୍ରିକେଟ ଦ୍ୱିତୀୟ ଥରପାଇଁ ପ୍ରତ୍ୟାବର୍ତ୍ତନ କରିଛି। ଭାରତ ସମେତ ଅନ୍ୟ ୫ ଦଳ ଯୋଗ୍ୟତା ପାଇଛନ୍ତି। ଆୟୋଜକ ଇଂଲଣ୍ଡ ସହିତ ଯୋଗ ଦେଇଥିବା ୬ ଯୋଗ୍ୟତାପ୍ରାପ୍ତ ଦଳ ହେଲେ ଅଷ୍ଟ୍ରେଲିଆ, ଭାରତ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା ଏବଂ ୱେଷ୍ଟଇଣ୍ଡିଜର ଏକ ଦଳ। ଏପ୍ରିଲ ୧ ସୁଦ୍ଧା ଆଇସିସି ର୍‍ୟାଙ୍କିଙ୍ଗ ଅନୁସାରେ ଏହି ଦଳଗୁଡ଼ିକ ଯୋଗ୍ୟତା ହାସଲ କରିଛନ୍ତି। ଆଇସିସି ପ୍ରତିଯୋଗିତାଗୁଡ଼ିକରେ ୱେଷ୍ଟଇଣ୍ଡିଜ ଭାଗ ନେଉଥିଲେ ହେଁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଯୋଗ୍ୟତା ପର୍ଯ୍ୟାୟ ପ୍ରକ୍ରିୟା ଅନୁସାରେ କ୍ୱାଲିଫାଇଂ ଇଭେଣ୍ଟ ପରେ କାରିବିୟନ ଅଞ୍ଚଳରୁ କେଉଁ ଦେଶ ଭାଗନେବ ତାହା ସ୍ପଷ୍ଟ ହେବ। ଖେଳାଳିମାନେ ବ୍ୟକ୍ତିଗତଭାବେ ସେମାନଙ୍କ ନିଜ ଦେଶରୁ ପ୍ରତିନିଧିତ୍ୱ କରିବେ। ୨୦୨୨ ଜାନୁୟାରୀ ୩୧ରେ ଏକ କ୍ୱାଲିଫାଇଂ ଟୁର୍ନାମେଣ୍ଟ ହେବ। ଏହାପରେ ଶେଷ ଦଳଭାବେ କିଏ ଅଂଶଗ୍ରହଣ କରିବ ତାହା ସ୍ପଷ୍ଟ ହେବ। ଏହି ଟୁର୍ନାମେଣ୍ଟ ସମ୍ପର୍କରେ ପରେ ସବିଶେଷ ତଥ୍ୟ ପ୍ରକାଶ ପାଇବ ବୋଲି ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ପକ୍ଷରୁ ଏକ ବିବୃତ୍ତିରେ ପ୍ରକାଶ କରାଯାଇଛି।

ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୨୨ ସଂସ୍କରଣରେ ମହିଳା କ୍ରିକେଟ ପ୍ରଥମଥରପାଇଁ ସାମିଲ ହୋଇଛି। ତେବେ ଏହି ମେଗା ଇଭେଣ୍ଟରେ କ୍ରିକେଟ ଦ୍ୱିତୀୟ ଥରପାଇଁ ଖେଳାହେବାକୁ ଯାଉଛି। ପୂର୍ବରୁ ୧୯୯୮ରେ କୁଆଲାଲମ୍ପୁରରେ ଅନୁଷ୍ଠିତ ସଂସ୍କରଣରେ ପୁରୁଷ ଦିନିକିଆ ଟୁର୍ନାମେଣ୍ଟ ସାମିଲ ହୋଇଥିଲା। ଏଥିରେ ଦକ୍ଷିଣ ଆଫ୍ରିକା ବିଜୟୀ ହୋଇଥିଲା। ରାଜ୍ୟଗୋଷ୍ଠୀ କ୍ରୀଡ଼ାର କ୍ରିକେଟ ଟୁର୍ନାମେଣ୍ଟ ଆଇକନିକ୍ ଏଜ୍‌ବାଷ୍ଟନ ଷ୍ଟାଡିୟମରେ ଖେଳାଯିବ। ଚଳିତ ବର୍ଷ ଶେଷରେ ଟିକେଟ ବିକ୍ରି ଆରମ୍ଭ ହେବ। ‘‘ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଖେଳିବା ସ୍ପଷ୍ଟ ହେବା ବହୁତ ଖୁସିର କଥା। ଆମେ ଗତବର୍ଷ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଟି୨୦ ବିଶ୍ୱକପର ଫାଇନାଲରେ ପ୍ରବେଶ କରିଥିଲୁ। ତେଣୁ ଆଗାମୀ ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ ପାଇଁ ବେଶ୍ ଆଶାବାଦୀ’’ ବୋଲି ଭାରତୀୟ ଦଳର ଅଧିନାୟିକା ହରମନପ୍ରୀତ କୌର ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଆଇସିସି କାର୍ଯ୍ୟକାରୀ ମୁଖ୍ୟ କାର୍ଯ୍ୟନିର୍ବାହୀ ଜେଫ୍ ଆଲାର୍ଡିସ ମଧ୍ୟ ଖୁସି ଜାହିର କରିଛନ୍ତି। ୨୦୨୨ ବର୍ମିଂହାମ ଗେମ୍‌ରେ ସାମିଲ ହୋଇଥିବାରୁ ଆମେ ଗର୍ବିତ। ବିଶ୍ୱବ୍ୟାପୀ ମହିଳା କ୍ରିକେଟକୁ ପ୍ରସାର କରାଇବାରେ ଏହା ବଡ଼ ସୁଯୋଗ ଆଣିବ ବୋଲି ସେ କହିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଫେଡେରେଶନ ସଭାପତି ଲୁଇସ ମାର୍ଟିନ ମଧ୍ୟ କ୍ରିକେଟ ପ୍ରତ୍ୟାବର୍ତ୍ତନରେ ଆନନ୍ଦିତ ବୋଲି କହିଛନ୍ତି।

## ନାଡାଲଙ୍କୁ ୧୨ତମ ଟାଇଟଲ

**ବାର୍ସିଲୋନା, ୨୬।୪ (ଏପି)**

ସ୍ପେନ୍‌ର ଷ୍ଟାର ଖେଳାଳି ରାଫାଲ ନାଡାଲ ୧୨ ଥର ବାର୍ସିଲୋନା ଓପନ ଟେନିସ ଟାଇଟଲ ଜିତିଛନ୍ତି। ଫାଇନାଲରେ ସେ ଗ୍ରୀସ୍‌ର ଷ୍ଟିଫାନ୍‌ସ ସିତ୍‌ସିପାସ୍‌ଙ୍କୁ ୬-୪, ୬-୭ (୬), ୭-୫ ସେଟ୍‌ରେ ହରାଇ ଦେଇଛନ୍ତି। ଏହି କ୍ଲେ କୋର୍ଟ ଟୁର୍ନାମେଣ୍ଟରେ ସବୁଠାରୁ ଅଧିକ ଥର ଚାମ୍ପିୟନ ହେବାର ରେକର୍ଡ ନାଡାଲଙ୍କ ନାମରେ ରହିଛି। କରୋନା ମହାମାରୀ ଯୋଗୁ ନାଡାଲ ଗତବର୍ଷ ଅଧିକ ଖେଳି ପାରି ନ ଥିଲେ। ଫାଇନାଲ ମ୍ୟାଚ ୩ ଘଣ୍ଟା ୩୮ ମିନିଟ ଧରି ଚାଲିଥିଲା। ୧୯୯୧ ପରଠାରୁ ଏହା ସବୁଠାରୁ ଦୀର୍ଘ ବେଷ୍ଟ ଅଫ୍ ଥ୍ରି ଏଟିପି ଫାଇନାଲ ମ୍ୟାଚ୍‌ର ମାନ୍ୟତା ଲାଭ କରିଛି। ଏହାଛଡ଼ା ଚଳିତବର୍ଷର ସବୁଠାରୁ ଦୀର୍ଘ ବେଷ୍ଟ ଅଫ୍ ଥ୍ରି ଏଟିପି ମ୍ୟାଚ ବିବେଚିତ ହୋଇଛି। ବାର୍ସିଲୋନା ଓପନର ଗତ ୧୦ ସଂସ୍କରଣରେ ଏହା ହେଉଛି ନାଡାଲଙ୍କ ୭ମ ଏବଂ ୧୬ ସଂସ୍କରଣରେ ୧୨ତମ ଟାଇଟଲ।



ଟ୍ରଫି ସହ ରାଫାଲ ନାଡାଲ।

ମହାମାରୀ ଯୋଗୁ ଗତବର୍ଷ ଏହି ଟୁର୍ନାମେଣ୍ଟ ଖେଳାଯାଇ ନ ଥିଲା। ନାଡାଲ କହିଛନ୍ତି, ସମ୍ଭବତଃ ବାର୍ସିଲୋନାରେ ତାଙ୍କର ଏହା ଥିଲା ସବୁଠାରୁ କଷ୍ଟସାଧ ଫାଇନାଲ। ତେଣୁ ମୋ ପାଇଁ ଏହାଥିଲା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଜୟ। ସୂଚନାଯୋଗ୍ୟ, ବାର୍ସିଲୋନା ଫାଇନାଲ ପଥରେ ସିତ୍‌ସିପାସ୍ ଗୋଟିଏ ହେଲେ ସେଟ୍‌ରେ ପରାଜିତ ହୋଇ ନ ଥିଲେ।

## ଅଷ୍ଟ୍ରେଲିଆନ ଫୁଟ୍‌ବଲ ଲିଗ୍‌ରେ ରେକର୍ଡ ଦର୍ଶକ

**ମେଲବୋର୍ନ, ୨୬।୪(ଏପି)**

ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଆୟୋଜିତ ଅଷ୍ଟ୍ରେଲିଆନ ଫୁଟବଲ ଲିଗ୍‌ର ଏକ ମ୍ୟାଚକୁ ୭୮୦୦୦ରୁ ଊର୍ଦ୍ଧ୍ୱ ଦର୍ଶକ ଉପଭୋଗ କରିଛନ୍ତି। କଲିଂଉଡ୍ ଓ ଏସେଣ୍ଡନ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ଅଷ୍ଟ୍ରେଲିଆନ ରୁଲ୍ସ ଫୁଟବଲ ପ୍ରଶଂସକମାନେ ଭିଡ଼ ଲଗାଇଥିଲେ। କୋଭିଡ-୧୯ ମହାମାରୀ ଆରମ୍ଭ ହେବାପରେ କୌଣସି କ୍ରୀଡ଼ା ଇଭେଣ୍ଟକୁ ଏତେ ସଂଖ୍ୟକ ଲୋକ ଉପଭୋଗ କରିବା ଏହା ପ୍ରଥମ। ଗତ ମାସରେ ଅହମଦାବାଦରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଅନୁଷ୍ଠିତ ଟି୨୦ ମ୍ୟାଚକୁ ୬୭,୦୦୦ ଦର୍ଶକ ଉପଭୋଗ କରିଥିଲେ।

# ଆର୍‌ସିବି ଆଗରେ ଦିଲ୍ଲୀ ଚ୍ୟାଲେଞ୍ଜ

**ଅହମଦାବାଦ, ୨୬।୪(ପି.ଟି.)**

ଆଇପିଏଲ୍‌ରେ ମଙ୍ଗଳବାର ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଆର୍‌ସିବି କ୍ରମାଗତ ୪ ମ୍ୟାଚ ଜିତିବାପରେ ଗତ ରବିବାର ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ସୁପରକିଙ୍ଗ୍ସ ନିକଟରୁ ପରାଜୟ ସ୍ୱାଦ ଚାଖିଥିଲା। ଏଥିସହ ଦଳ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନକୁ ଖସିଥିଲା। ଅନ୍ୟପକ୍ଷରେ ଚଳିତ ଲିଗ୍‌ର ପ୍ରଥମ ସୁପର ଓଭରରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ହରାଇ ଦିଲ୍ଲୀ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଦୁଇ ସମକକ୍ଷ ଦଳ ମଧ୍ୟରେ ଆଗାମୀ ମ୍ୟାଚ ଉଭୟ ଦଳପାଇଁ ଅନେକ ଗୁରୁତ୍ୱ ବହନ କରୁଛି।





ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷ ସୁପର ଓଭର ବିଜୟ ପରେ ଆଭେଶ ଖାଁଙ୍କ ସହ ଅକ୍ଷର ପଟେଲଙ୍କ ସେଲ୍‌ଫି।

### ମିଡିଲ ଅର୍ଡରକୁ ନେଇ ଚିନ୍ତା

ଗତ ମ୍ୟାଚରେ ମିଡିଲ ଅର୍ଡର ଦୁର୍ବଳତା ଆର୍‌ସିବି ପାଇଁ ଚିନ୍ତା ସୃଷ୍ଟି କରିଛି। ତେଣୁ ଦିଲ୍ଲୀ ବିପକ୍ଷରେ ଏଥିରେ ସୁଧାର ଆଣିବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି। ଚେନ୍ନାଇଠାରୁ ୬୯ ରନର ପରାଜୟ ଦଳୀୟ ମନୋଭାବ ଉପରେ ପ୍ରଭାବ ପକାଇଥିବାବେଳେ ସୁପର ଓଭର ବିଜୟ ଦିଲ୍ଲୀକୁ ଦୃଢ଼ କରିଛି। ତେବେ ବିଜୟ ପଥକୁ ଫେରିବା ଆର୍‌ସିବିର ମୁଖ୍ୟ ଲକ୍ଷ୍ୟ ହେବ। ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଓପନର ଦେବଦତ୍ତ ପଡିକାଲ (୧୭୧ ରନ) ଏବଂ କୋହଲି (୧୫୧) ଭଲ ଆରମ୍ଭ ଦେବା ଆର୍‌ସିବି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏମାନଙ୍କୁ ମିଡିଲ ଅର୍ଡର ସହଯୋଗ ମିଳିଲେ ଯାଇ ଦଳ ଦିଲ୍ଲୀକୁ ଟକ୍କର ଦେଇପାରିବ। ମିଡିଲ ଅର୍ଡରର ମେରୁଦଣ୍ଡ ଗ୍ଲେନ ମ୍ୟାକ୍ସୱେଲ (୧୯୮) ଓ ଏବି ଡି'ଭିଲର୍ସ (୧୨୯) ଗତ ମ୍ୟାଚରେ ଫ୍ଲପ୍ ହୋଇଥିଲେ। ଅଲ୍ ରାଉଣ୍ଡର ୱାଶିଂଟନ ସୁନ୍ଦର(୨୫) ଏପର୍ଯ୍ୟନ୍ତ ବିଫଳ ରହି ଆସିଛନ୍ତି। ଶକ୍ତିଶାଳୀ ଦିଲ୍ଲୀ ବୋଲିଂ ଆକ୍ରମଣ ବିପକ୍ଷରେ ଏମାନଙ୍କୁ ଦକ୍ଷତା ଦେଖାଇବାକୁ ପଡ଼ିବ। ଅଷ୍ଟ୍ରେଲିଆନ ମ୍ୟାକ୍ସୱେଲ ପୂର୍ବ କିଛି ମ୍ୟାଚରେ ବିସ୍ଫୋରକ ବ୍ୟାଟିଂ କରି ଦାମୀ ଖେଳାଳିଭାବେ ନିଜ ମୂଲ୍ୟର ଯଥାର୍ଥତା ପ୍ରତିପାଦନ କରିଥିଲେ। ତାଙ୍କ ନିକଟରୁ ଦଳ ଆଉଏକ ବଡ଼ ସ୍କୋର ଆଶା କରିବ। ଚେନ୍ନାଇ ବ୍ୟାଟ୍ସମ୍ୟାନମାନେ ଯେପରି ପ୍ରହାର କଲେ ତାହାକୁ ଆର୍‌ସିବି ବୋଲରମାନେ ନିଶ୍ଚିତ ଭୁଲିବାକୁ ଚେଷ୍ଟା କରିବେ। ବିଶେଷ କରି ଲିଗ୍‌ର ଅଗ୍ରଣୀ ଉଇକେଟ ହାସଲକାରୀ ହର୍ଷଲ ପଟେଲଙ୍କୁ ଶେଷ ଓଭରରେ ରବୀନ୍ଦ୍ର ଜାଡେଜା ଯେପରି ଧୁଲେଇ କରି ୩୭ ରନ ହାସଲ କଲେ ତାହା ଏହି ଦ୍ରୁତ ବୋଲରଙ୍କ ପାଇଁ ଏକ ଦୁଃସ୍ୱପ୍ନ ସଦୃଶ ଥିଲା। ପେସ୍ ବୋଲର ମହମ୍ମଦ ସିରାଜ ଏବଂ କାଏଲ ଜେମିସନ ଭଲ ଆରମ୍ଭ କରିବା ସହିତ ସ୍ପିନର ୟୁଜବେନ୍ଦ୍ର ଚହଲ ଏବଂ ସୁନ୍ଦରଙ୍କୁ ଟାଇଟ୍ ବୋଲିଂ କରିବାକୁ ପଡ଼ିବ। ହାର୍ଡ ହିଟର୍ସଙ୍କୁ ନେଇ ଦିଲ୍ଲୀ ବ୍ୟାଟିଂ ଲାଇନ୍‌ଅପ୍ ବେଶ୍ ଶକ୍ତିଶାଳୀ। ତେଣୁ ବୋଲିଂରେ ଦମ୍ ନ ରହିଲେ ମ୍ୟାଚରେ ତିଷ୍ଠି ରହିବା କଷ୍ଟକର ହୋଇପଡ଼ିବ। ଏହା ବ୍ୟତୀତ ଅହମଦାବାଦ ପିଚ୍ ସ୍ପିନରଙ୍କୁ ସୁହାଇବା ସମ୍ଭାବନା ଥିବାରୁ ଡାନ୍ କ୍ରିଷ୍ଟିଆନ କିମ୍ବା ନବଦୀପ ସଇନୀଙ୍କ ସ୍ଥାନରେ ଆର୍‌ସିବି ବାମହାତୀ ସ୍ପିନର ଶାହାବାଜ ଅହମଦଙ୍କୁ ଖେଳାଇବା ସମ୍ପର୍କରେ ଚିନ୍ତା କରିପାରେ।



ଅଭ୍ୟାସ ସେସନରେ ଫିନ୍ ଆଲେନ୍।

### ଅଶ୍ୱିନଙ୍କ ଅନୁପସ୍ଥିତି ଅନୁଭୂତ ହେବ

ଦିଲ୍ଲୀ ପାଇଁ ଟୁର୍ନାମେଣ୍ଟର ଅଗ୍ରଣୀ ସ୍କୋରର ଶିଖର ଧାୱନ (୨୫୯ ରନ) ନିଜ ଉନ୍ନତ ଫର୍ମକୁ ନେଇ ଆଗକୁ ବଢୁଛନ୍ତି। ସେହିପରି ତାଙ୍କ ଓପନିଂ ପାର୍ଟନର ପୃଥ୍ୱୀ ଶ' (୧୬୬) ଆଗାମୀ ମ୍ୟାଚଗୁଡ଼ିକରେ ଅଧିକରୁ ଅଧିକ ରନ ସଂଗ୍ରହ ପାଇଁ ବ୍ୟଗ୍ର। ଅଧିନାୟକ ରିଷଭ ପନ୍ତ (୧୨୫), ଷ୍ଟିଭ୍ ସ୍ମିଥ, ମାର୍କସ ଷ୍ଟୋଇନିସ ଓ ଶିମରନ ହେଟମେରଙ୍କୁ ନେଇ ଦିଲ୍ଲୀର ମିଡିଲ ଅର୍ଡର ବେଶ୍ ଶକ୍ତିଶାଳୀ। ଭାଗ୍ୟ ସାଥ୍ ଦେଲେ ଏମାନେ ଏକାକୀ ମ୍ୟାଚ ଗତିପଥ ବଦଳାଇବାର ଦକ୍ଷତା ରଖିଛନ୍ତି। ଓପନର ବିଫଳ ହେଲେ ପନ୍ତ ଏବଂ ସ୍ମିଥ ଇନିଂସ ସମ୍ଭାଳି ନେଉଛନ୍ତି। ଆଗାମୀ ଦିନରେ ଦିଲ୍ଲୀ ତାରକା ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ଅଭାବ ଅନୁଭବ କରିବ। କୋଭିଡ୍-୧୯ ବିପକ୍ଷ ଲଢ଼େଇରେ ନିଜ ପରିବାରଙ୍କୁ ସପୋର୍ଟ କରିବାପାଇଁ ସେ ଲିଗ୍‌ରୁ ଓହରିଯାଇଛନ୍ତି। ତାଙ୍କ ଅନୁପସ୍ଥିତିରେ ବାମହାତୀ ସ୍ପିନର ଅକ୍ଷର ପଟେଲ ଏବଂ ଅଭିଜ୍ଞ ଲେଗ୍ ସ୍ପିନର ଅମିତ ମିଶ୍ରଙ୍କୁ ଅଧିକ ଦାୟିତ୍ୱ ସମ୍ପନ୍ନ ହେବାକୁ ପଡ଼ିବ। ଗତ ମୁମ୍ବାଇ ବିପକ୍ଷ ମ୍ୟାଚରେ ଅମିତ ଭଲ ପ୍ରଦର୍ଶନ କରିଥିଲେ। ଦିଲ୍ଲୀ ଏହାର ପେସ୍ ବିଭାଗକୁ ନେଇ ବିଶେଷ ଚିନ୍ତିତ ନାହିଁ।

**ଆଜିର ମ୍ୟାଚ**

ଦିଲ୍ଲୀ କ୍ୟାପିଟାଲ୍ସ
ବନାମ
ରୟାଲ ଚ୍ୟାଲେଞ୍ଜର୍ସ

ପ୍ରସାରଣ
ସ୍ଥାନ: ଅହମଦାବାଦ
ସମୟ: ସନ୍ଧ୍ୟା ୭.୩୦
ଷ୍ଟାର ସ୍ପୋର୍ଟ୍ସ



ଭାରତୀୟ ବଂଶୋଦ୍ଭବ ସୁନ୍ଦର ପିଚାଇ ଏବେ ଗୁଗଲ ସିଇଓ ଭାବେ କାର୍ଯ୍ୟ କରୁଛନ୍ତି। ୨୦୧୯ରେ ଗୁଗଲ ପ୍ୟାରେଣ୍ଟ କମ୍ପାନୀ ଆଲ୍ଫାବେଟ୍ କାର୍ଯ୍ୟଭାର ମଧ ତାଙ୍କୁ ଦିଆଯାଇଥିଲା। ଏହାପରେ ସୁନ୍ଦର ପିଚାଇଙ୍କ କାର୍ଯ୍ୟ ଆଗ ଅପେକ୍ଷା ବଢ଼ିଯାଇଛି। ତାଙ୍କ ଦରମା ମଧ ବୃଦ୍ଧି କରାଯାଇଛି। ଏକ ରିପୋର୍ଟ ଅନୁଯାୟୀ ସୁନ୍ଦର ପିଚାଇଙ୍କ ୨୦୨୦ରେ ବେସ ଦରମା ୨ ମିଲିୟନ ଡଲାର ଥିଲା। ଏହା ଭାରତୀୟ ମୁଦ୍ରାରେ ପାଖାପାଖି ୧୫ କୋଟି ଟଙ୍କା। ଏହାବାଦ୍ ତାଙ୍କୁ ଅନ୍ୟ କ୍ୟାପେସେଶନ ଅନୁଯାୟୀ ୫ ମିଲିୟନ ଡଲାର ଦରମା ଦିଆଯାଏ। ୨୦୨୦ରେ ତାଙ୍କ ମୋଟ ଦରମା ୭.୪ ମିଲିୟନ ଡଲାର(ପାଖାପାଖି ୫୨ କୋଟି) ଥିଲା।

# ସବୁଠୁ ମହଙ୍ଗା ଛାଡ଼ପତ୍ର

## ମହିଳାଙ୍କୁ ପୁଅ ଦେବେ ୭୬୦ କୋଟି

**ଲଣ୍ଡନ:** ଅଧିକାଂଶ ଛାଡ଼ପତ୍ର ମାମଲାରେ ଗୋଟିଏ ପକ୍ଷ ଅନ୍ୟ ପକ୍ଷକୁ ଭରଣପୋଷଣ ବାବଦ ବହୁ ଅର୍ଥ ଦେବାକୁ ପଡ଼ିଥାଏ ବୋଲି ନଜିର ରହିଛି। ମାତ୍ର ବ୍ରିଟେନ୍‌ରେ ଏମିତି ଏକ ଘଟଣା ସାମ୍ନାକୁ ଆସିଛି, ଯେଉଁଠି ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ାରେ ପୁଅ ମା'ଙ୍କୁ ୭୬୦ କୋଟି ଟଙ୍କା ଭରଣପୋଷଣ ବାବଦକୁ ଦେବେ। ଏହାକୁ ବ୍ରିଟେନରେ ସବୁଠୁ ମହଙ୍ଗା ଛାଡ଼ପତ୍ର କୁହାଯାଉଛି। ଲଣ୍ଡନର ଏକ କୋର୍ଟ ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ଫରଖାଦ-ତାତିୟାନ ନାମକ ଦମ୍ପତି ଏବଂ ତାଙ୍କ ପୁଅ ତୈମୁରଙ୍କ ସହ ଏହି ମାମଲା ଜଡ଼ିତ। କୋର୍ଟ ତାଙ୍କ ନିଷ୍ପତ୍ତିରେ ପୁଅକୁ



ଫରଖାଦ


ବେଇମାନ କହିଛନ୍ତି। ଯିଏକି ବାପାଙ୍କ ସହାୟତାରେ ସବୁକିଛି କରୁଥିଲେ। ତୈମୁର ଚାହୁଁଥିଲେ ତାଙ୍କ ପିତାଙ୍କ ସମ୍ପତ୍ତି ଭାଗ ନ ହେଉ। ତୈମୁର ତାଙ୍କ ପିତାଙ୍କ ସମ୍ପତ୍ତି ମା'ଙ୍କୁ ଲୁଚାଉଥିଲେ। ତୈମୁର କଲେଜରେ ପଢୁଥିବା ସମୟରେ ବ୍ୟବସାୟ କଲେ। ଯେଉଁଥିରେ ତାଙ୍କର କ୍ଷତି ହେଲା। କୋର୍ଟଙ୍କୁ ତାତିୟାନା କହିଥିଲେ ଯେ, ଲଣ୍ଡନରେ ଏକ ବିଳାସମୟ ଆପାର୍ଟମେଣ୍ଟ ରହିଛି। ଯେଉଁଟା ତାଙ୍କୁ ମିଳୁ। ଜଜ ଏହା ଶୁଣିବା ପରେ ତୈମୁର ତାଙ୍କ ମା'ଙ୍କୁ ବର୍ତ୍ତମାନ ୧୦୦ ମିଲିୟନ ଡଲାର ଅର୍ଥାତ ୭୬୦ କୋଟି ଟଙ୍କା ଭରଣପୋଷଣ ଦେବେ ବୋଲି ନିଷ୍ପତ୍ତି ଶୁଣାଇଥିଲେ।

# ଯୋଦ୍ଧାଙ୍କୁ ଜଳଖିଆ ପଠାଇଲେ ସଲମାନ



**ମୁମ୍ବାଇ:** ଅଭିନେତା ସଲମାନ ଖାନ କରୋନା ମହାମାରୀ ସମୟରେ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିଛନ୍ତି। ମହାରାଷ୍ଟ୍ରରେ ଲକ୍‌ଡାଉନ ଯୋଗୁ ସେ କରୋନା ଯୋଦ୍ଧାମାନଙ୍କ ପାଇଁ ଜଳଖିଆ ପଠାଇବାର ବନ୍ଦୋବସ୍ତ କରିଛନ୍ତି। ଏହା ସେମାନଙ୍କ ନିକଟରେ ପହଞ୍ଚିବା ପୂର୍ବରୁ ସଲମାନ ନିଜେ ଖାଦ୍ୟର ମାନ ଯାଞ୍ଚ କରିଛନ୍ତି। ଏହି ଭିଡିଓ ଏବେ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେଉଛି। ଭିଡିଓରେ ସଲମାନ ଏକ ମେରୁନ କଲରର ଶର୍ଟ ପିନ୍ଧିଥିବା ଦେଖିବାକୁ ମିଳିଛି। ମହମାରୀକୁ ଦୃଷ୍ଟିରେ ରଖି ସଲମାନ ମାସ୍କ ମଧ ପିନ୍ଧିଛନ୍ତି। ଲୋକଙ୍କ ନିକଟରେ ପହଞ୍ଚିବାକୁ ଥିବା ଖାଦ୍ୟର ସ୍ୱାଦ ପ୍ରଥମେ ଚାଖିଛନ୍ତି। ଏଥିସହିତ ଖାଦ୍ୟ କିପରି ପ୍ୟାକିଂ ହେଉଛି ତାହା ମଧ ଦେଖାଶୁଣା କରିଛନ୍ତି। ଖାଦ୍ୟ ଚାଖିବା ପରେ ସଙ୍ଗେ ସଙ୍ଗେ ସଲମାନ ମାସ୍କ ପିନ୍ଧୁଥିବା ଦେଖିବାକୁ ମିଳିଛି। ସଲମାନଙ୍କ ନିକଟରେ ଉପସ୍ଥିତ ଥିବା ଲୋକମାନେ ମଧ କୋଭିଡ ଗାଇଡଲାଇନ ପାଳନ କରିଥିବା ନଜର ଆସିଛନ୍ତି।

# ଇର୍‌ଫାନଙ୍କୁ ମନେପକାଇଲା ଓସ୍କାର



**ଲସ୍ ଏଞ୍ଜେଲ୍ସ:** ଓସ୍କାର ପୁରସ୍କାର ହାସଲ କରିଥିବା ଚଳଚ୍ଚିତ୍ରରେ ଭାରତୀୟ ପ୍ରତିଭା ସାମିଲ ରହିଛି। ଡକ୍ୟୁମେଣ୍ଟାରୀ ଫିଚର ଫିଲ୍ମରେ ଓସ୍କାର ହାତେଇଥିବା 'ମାଇ ଅକ୍ଟୋପସ୍ ଟିଚର'ର ସହପ୍ରଯୋଜକ ଏବଂ ପ୍ରଡକ୍ସନ ମ୍ୟାନେଜର ହେଉଛନ୍ତି ଭାରତୀୟ ଚଳଚ୍ଚିତ୍ର ନିର୍ମାତା ସ୍ୱାତୀ ଥିୟାଗ୍‌ରାଜନ। ଓସ୍କାର ସମାରୋହରେ ଅନେକ ଦିବଙ୍ଗତ କଳାକାରଙ୍କ ମଧ୍ୟରେ ବଲିଉଡ୍ ଅଭିନେତା ସ୍ୱର୍ଗତ ଇରଫାନ ଖାନ ଏବଂ କଷ୍ଟ୍ୟୁମ୍ ଡିଜାଇନର ଭାନୁ ଆଥେୟାଙ୍କ ସ୍ମୃତିଚାରଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କ୍ୟାନ୍‌ସରରେ ଗତ ବର୍ଷ ପରଲୋକ ଘଟିଥିବା ଇରଫାନ 'ଦି ୱାରିୟର', 'ଦି ନେମ୍‌ସେକ୍', 'ସ୍ଲମଡଗ୍ ମିଲେନିୟର', 'ଦି ଆମେଜିଂ ସ୍ପାଇଡର ମ୍ୟାନ', 'ଲାଇଫ୍ ଅଫ୍ ପାଇ', ଜୁରାସିକ୍ ୱାର୍ଲ୍ଡ ଭଳି ଫିଲ୍ମ ପାଇଁ ଅନ୍ତର୍ଜାତୀୟସ୍ତରରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୧୯୮୨ରେ ସାର୍ ରିଚାର୍ଡ ଆଟେନବୌରୋଙ୍କର ବହୁଚର୍ଚ୍ଚିତ ଫିଲ୍ମ 'ଗାନ୍ଧୀ'ରେ ଭାନୁ ଆଥେୟା ପ୍ରଥମ ଭାରତୀୟ ଭାବେ ଓସ୍କାର ଜିତିଥିଲେ। ସୌମିତ୍ର ଚାଟାର୍ଜୀ, ଋଷି କପୁର, ଶଶିକଳାଙ୍କ ସମେତ ସୁଶାନ୍ତ ସିଂ ରାଜପୁତଙ୍କୁ ମଧ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।

# ଡାକ୍ତରଖାନାରେ ବାହାଘର




**ଥିରୁଅନନ୍ତପୁରମ୍:** କରୋନା କାଳରେ କେରଳରେ ଏକ ବିବାହକୁ ନେଇ ଏବେ ଚର୍ଚ୍ଚା। ସମସ୍ତ କଟକଣା ଭିତରେ ଏକ ଭିନ୍ନ ବାହାଘର ଦେଖିବାକୁ ମିଳିଛି କେରଳର ଆଲାପୁଝା ମେଡିକାଲ କଲେଜ ଓ ହସ୍ପିଟାଲରେ। ବିବାହ ନିମନ୍ତେ କନ୍ୟାଙ୍କୁ ପିନ୍ଧିବାକୁ ପଡିଥିଲା ପିପିଇ କିଟ୍। ବଧୂ ବେଶରେ ସଜେଇ ହେବା ପାଇଁ ଅନ୍ୟ ପାରମ୍ପରିକ ପରିଧାନ ବଦଳରେ କନ୍ୟା ପିପିଇ କିଟ୍ ପିନ୍ଧିବାକୁ ବାଧ ହୋଇଥିଲେ। କାହିଁକି ନା ସେ ବିବାହ କରିଥିବା ବର ହେଉଛନ୍ତି କରୋନା ରୋଗୀ। ଉଭୟଙ୍କର ବିବାହ ସ୍ଥିର ହେବା ପରେ ବର କରୋନାରେ ସଂକ୍ରମିତ ହୋଇଥିଲେ। କିନ୍ତୁ ବିବାହ ଦିନ ଓ ମୁହୂର୍ତ୍ତ ସ୍ଥିର ହୋଇ ଯାଇଥିବାରୁ କନ୍ୟାଜଣକ ସେହି ଦିନ ହିଁ ବିବାହ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ଏଥିପାଇଁ ସେ ଜିଲାପାଳଙ୍କ ପାଖରୁ ଅନୁମତି ଆଣି କୋଭିଡ ହସ୍ପିଟାଲରେ ହିଁ ବିବାହ କରିଥିଲେ।

# କେମିତି ରହିବ ଆଜିର ପାଗ

ରାଜ୍ୟ- ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, କନ୍ଧମାଳ, କେନ୍ଦୁଝର, ମୟୂରଭଞ୍ଜ, ଗଜପତି ଜିଲାର କେତେକ ସ୍ଥାନରେ ହାଲ୍‌କାରୁ ମଧମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ଦିନର ସର୍ବାଧିକ ତାପମାତ୍ରାରେ ପରିବର୍ତ୍ତନ ନ ହୋଇପାରେ।

ସ୍ଥାନୀୟ ଅଞ୍ଚଳ- ଭୁବନେଶ୍ୱର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ମଙ୍ଗଳବାର ସର୍ବୋଚ୍ଚ ତାପମାତ୍ରା ୪୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୪୦.୧ | ୨୬.୧ |
| ଚାନ୍ଦବାଲି | ୩୯.୮ | ୨୬.୮ |
| କଟକ | ୪୦.୨ | ୨୫.୪ |
| ପାରାଦୀପ | ୩୨.୨ | ୨୭.୫ |
| ଭୁବନେଶ୍ୱର | ୪୨.୫ | ୨୬.୪ |
| ଗୋପାଳପୁର | ୩୨.୧ | ୨୬.୬ |
| ପୁରୀ | ୩୩.୪ | ୨୭.୮ |
| ଅନୁଗୋଳ | ୪୨.୧ | ୨୫.୬ |
| ବାରିପଦା | ୪୧.୨ | ୨୭.୦ |
| ଝାରସୁଗୁଡ଼ା | ୪୧.୪ | ୨୪.୪ |
| କେନ୍ଦୁଝର | ୩୮.୨ | ୨୩.୮ |
| ସମ୍ବଲପୁର | ୪୧.୨ | ୨୫.୪ |
| ସୁନ୍ଦରଗଡ଼ | – | ୨୩.୦ |
| ହୀରାକୁଦ | ୪୦.୯ | ୨୫.୨ |
| ତାଳଚେର | ୪୧.୬ | ୨୪.୭ |
| ଭବାନୀପାଟଣା | ୪୧.୦ | ୨୭.୫ |
| ବଲାଙ୍ଗୀର | ୪୨.୨ | ୨୪.୬ |
| କୋରାପୁଟ | ୩୫.୨ | ୨୨.୦ |
| ଫୁଲବାଣୀ | ୪୦.୦ | ୨୦.୦ |
| ଟିଟିଲାଗଡ଼ | ୪୨.୦ | ୨୮.୮ |
| ମାଲକାନଗିରି | ୩୭.୫ | ୨୫.୦ |
| ସୋନପୁର | ୪୧.୦ | ୨୬.୦ |
| ଦାରିଙ୍ଗିବାଡ଼ି | ୩୫.୫ | ୨୪.୫ |
| ନୟାଗଡ଼ | ୪୨.୦ | ୨୭.୦ |
| ବୌଦ୍ଧ | ୪୩.୦ | ୨୫.୦ |
| ଛତ୍ରପୁର | ୩୪.୦ | ୨୫.୭ |
| ପାରଳାଖେମୁଣ୍ଡି | ୩୮.୦ | ୨୫.୦ |
| ରାୟଗଡ଼ା | ୩୫.୦ | ୨୩.୩ |

ଡିଗ୍ରୀ ସେଲ୍‌ସିୟସ୍

## ରାଜ୍ୟ ଖବର

# ଗାଡ଼ି ଧକ୍କାରେ ହରିଣ ମୃତ



**ଚମ୍ପୁଆ, ୨୬।୪(ଡି.ଏନ.ଏ.):** କେନ୍ଦୁଝର ଜିଲା ଚମ୍ପୁଆ ବନାଞ୍ଚଳ ଅଧୀନ ଉଖୁଣ୍ଡା ସେକ୍ସନର ବଡପଶି ଛକ ନିକଟରେ ରବିବାର ରାତିରେ ଗାଡି ଧକ୍କାରେ ଏକ ହରିଣର ମୃତ୍ୟୁ ହୋଇଛି। ହରିଣଟି ରାସ୍ତା କଡରେ ମରିପଡିଥିଲା। ଏ ନେଇ ସ୍ଥାନୀୟ ଲୋକେ ବନ ବିଭାଗକୁ ସୋମବାର ସକାଳୁ ଖବର ଦେବା ପରେ ଉଖୁଣ୍ଡା ଫରେଷ୍ଟର ଭାଗିରଥି ମିଶ୍ର ହରିଣର ମୃତଦେହ ଜବତ କରିବା ସହିତ ଝୁମ୍ପୁରା ବ୍ଲକ ପ୍ରାଣୀଧନ ଚିକିତ୍ସକଙ୍କ ଦ୍ୱାରା ବ୍ୟବଚ୍ଛେଦ କରାଇବା ପରେ ହରିଣର ମୃତଦେହକୁ କାର୍ଯ୍ୟାଳୟ ପରିସରରେ ପୋତିଦିଆଯାଇଥିବା ସୂଚନା ଦେଇଛନ୍ତି। ତେବେ ହରିଣଟିର ବୟସ ପ୍ରାୟ ୫ବର୍ଷ ହେବ ବୋଲି ବନବିଭାଗ ସୂଚନା ଦେଇଛି। ଅନ୍ୟ ପକ୍ଷରେ ନିକଟରେ ବହୁ ଜଙ୍ଗଲରେ ନିଆଁ ଲାଗି ଜଙ୍ଗଲ ଜୀବଜନ୍ତୁଙ୍କ ଖାଦ୍ୟ ଓ ବାସସ୍ଥାନ ନଷ୍ଟ ହୋଇଯାଉଥିବାରୁ ଏହି ନିରୀହ ପ୍ରାଣୀମାନେ ଏବେ ଜନବସତି ମୁହାଁ ହୋଇଥିବା ସ୍ଥାନୀୟ ଲୋକ ମତ ଦେଇଛନ୍ତି।

# ଅଗ୍ନିରୂପରେ ପୂଜା ପାଇଲେ ମା' ହିଙ୍ଗୁଳା

## ନବଦିନ ବ୍ୟାପୀ ଯାତ୍ରା ଆରମ୍ଭ

ତାଳଚେର,୨୬।୪(ନି.ପ୍ର.)

ଅନୁଗୋଳ ଜିଲା ତାଳଚେରର ଅଧିଷ୍ଠାତ୍ରୀ ଦେବୀ ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ନବଦିନ ବ୍ୟାପୀ ବାର୍ଷିକ ଯାତ୍ରା ଗୋପାଳପ୍ରସାଦସ୍ଥିତ ହିଙ୍ଗୁଳା ପୀଠରେ ନିରାଡମ୍ବର ଭାବେ ସୋମବାରଠାରୁ ଆରମ୍ଭ ହୋଇଛି। ମହାମାରୀ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଗତବର୍ଷ ପରି ଚଳିତ ବର୍ଷ କୌଣସି ଶ୍ରଦ୍ଧାଳୁଙ୍କୁ ଦର୍ଶନ ସୁଯୋଗ ଦିଆଯାଇ ନାହିଁ।

ଅଗ୍ନିରୂପୀ ମା' ହିଙ୍ଗୁଳା ଚଳିତବର୍ଷ ମନ୍ଦିରର ପଶ୍ଚିମ ଦିଗରେ ଗଜରାଜ ସିଂହ ଷ୍ଟାଡିୟମ ନିକଟରେ ଆବିର୍ଭାବ ହୋଇଛନ୍ତି। ପୂଜାପାଇଁ ସେଠାରେ ଅସ୍ଥାୟୀ ବ୍ୟାରିକେଡ୍ ଓ ପାଚେରି ନିର୍ମାଣ କରାଯାଇଛି। ସକାଳେ ମା' ହିଙ୍ଗୁଳାଙ୍କ ମଙ୍ଗଳ ଆଳତୀ, ବାଲ ଭୋଗ ଆଦି ନୀତି ସଂପନ୍ନ କରାଯାଇ ଅପରାହ୍ନ ୪ଟା ବେଳେ ହିଙ୍ଗୁଳା ଓ କରଡେଇଙ୍କ ଆଲମକୁ ଦିଅଁ ଘରୁ ମୁଖ୍ୟ ପୂଜକ ଭାର ମାଧ୍ୟମରେ ଆଣିଥିଲେ। ଅଳ୍ପ କେତେଜଣ ସେବାୟତଙ୍କ ଉପସ୍ଥିତିରେ ଆଲମକୁ ବଡ ମଣ୍ଡପକୁ ଅଣାଯାଇଥିଲା। ସେଠାରେ ଦୁଇ ଆଲମକୁ ନାନା ଆଭୂଷଣ ଓ ବସ୍ତ୍ରରେ ସଜ୍ଜିତ ସହ ପୂଜା କରାଯାଇଥିଲା। ଏହାପରେ ପାଇକମାନେ ପତିଆରଙ୍କ ଘରକୁ ଯାଇ ନିମନ୍ତ୍ରଣ କରିଥିଲେ।



ମା' ହିଙ୍ଗୁଳାଙ୍କ ଆଲମକୁ ଶୋଭାଯାତ୍ରାରେ ନିଆଯାଉଛି।

ପତିଆର ଆସିବା ପରେ ମୁଖ୍ୟ ପୂଜକ ତାଳଚେର ରାଜାଙ୍କ ପ୍ରଦତ୍ତ ନୂତନ ବସ୍ତ୍ର ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ଏହାପରେ ପତିଆରଙ୍କୁ କୁଟେଇଶୁଣୀ ପୀଢରେ ଷୋଡଶ ଉପଚାର ବିଧି ଅନୁଯାୟୀ ପୂଜା କରାଯାଇଥିଲା। ପତିଆର ମା' ହିଙ୍ଗୁଳାଙ୍କ ଉଭାସ୍ଥଳୀକୁ ଗମନ କରିଥିଲେ। ସେହିପରି ଦେହୁରୀ କୁଟେଇଶୁଣୀଙ୍କ ଆଲମକୁ ଧରି ରାଜାଙ୍କ ପ୍ରଦତ୍ତ ରାଜଭୋଗକୁ ମା' ଅଗ୍ନିରୂପାଙ୍କୁ ଅର୍ପଣ କରିଥିଲେ। ମା'ଙ୍କ ଦର୍ଶନ ପାଇଁ କୌଣସି ଶ୍ରଦ୍ଧାଳୁ ଯେପରି ଉଭାସ୍ଥଳ ଓ ମନ୍ଦିର ନିକଟରେ ପହଞ୍ଚି ନ ଯାଆନ୍ତି ସେଥିପାଇଁ ବିଭିନ୍ନ ଛକ, ରାସ୍ତାରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଏହି ଉତ୍ସବରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଯୋଗଦେଇ ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ଟ୍ରଷ୍ଟ ବୋର୍ଡ ସଦସ୍ୟ ଜଗନମୋହନ ଗଡନାୟକ, ରାଜେନ୍ଦ୍ର କୁମାର ସିଂହ, ମୁରଲୀଧର ସାହୁ, ସଞ୍ଜୟ କୁମାର ସାହୁ, ସନ୍ତୋଷ କୁମାର ପ୍ରଧାନ, ଅରୁଣ କୁମାର ପ୍ରଧାନ, ଗଗନ ବିହାରୀ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ମୃତ ଶିଶୁପୁତ୍ରକୁ ଧରି ଚାଲି ଚାଲି ଗଲେ

## ମିଳିଲାନି ମହାପ୍ରୟାଣ ଗାଡ଼ି

ଢେଙ୍କାନାଳ ଅଫିସ,୨୬।୪

ଢେଙ୍କାନାଳ ସହରରେ ସୋମବାର ଅପରାହ୍ନରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ମହାପ୍ରୟାଣ ଗାଡ଼ି ନ ମିଳିବାରୁ ମୃତ ଶିଶୁପୁତ୍ରକୁ ଧରି ମାତା ଓ ମାମୁ ଏକ କିଲୋମିଟର ଚାଲି ଚାଲି ଯିବା ଚର୍ଚ୍ଚାର ବିଷୟ ହୋଇଛି। ଘଟଣାରୁ ପ୍ରକାଶ ଯେ, ସଦର ଥାନା ଭାପୁର ଫାଣ୍ଡି ଭାଗୀରଥିପୁର ଗ୍ରାମର ସନ୍ତୋଷ ଦେହୁରୀ ଓ କମଳୀ ଦେହୁରୀଙ୍କ ୫ ବର୍ଷର ପୁଅ ସଞ୍ଜୟ ଦେହୁରୀଙ୍କୁ ଗୁରୁତର ଅବସ୍ଥାରେ ସୋମବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅପରାହ୍ନ ପ୍ରାୟ ୩ଟାରେ ଚିକିତ୍ସାଧୀନ ଅବସ୍ଥାରେ ସଞ୍ଜୟଙ୍କ ମୃତ୍ୟୁ ଘଟିଥିଲା। ମୃତଦେହ ଘରକୁ ନେବାକୁ ମହାପ୍ରୟାଣ ଗାଡ଼ି ଦେବା ପାଇଁ ମାତା କମଳୀ ଓ ମାମୁ ରୋହିତ ଦେହୁରୀ ସୁରକ୍ଷା କର୍ମଚାରୀଙ୍କ ଠାରୁ ଆରମ୍ଭ କରି ଅନ୍ୟମାନଙ୍କୁ ନେହୁରା ହୋଇଥିଲେ ମଧ କେହି ଶୁଣି ନ ଥିଲେ। ଶେଷରେ ଅନ୍ୟ ଉପାୟ ନ ପାଇ ମୃତଦେହ କାନ୍ଧରେ ପକାଇ ମାତା ଓ ମାମୁ ପ୍ରାୟ ୧ କିଲୋମିଟର ପର୍ଯ୍ୟନ୍ତ ଜନଗହଳି ରାସ୍ତାରେ ଚାଲିଚାଲି ଆସିଥିଲେ। ଏହାଦେଖି ସ୍ଥାନୀୟ ଲୋକେ ମାରୱାଡି ଯୁବମଞ୍ଚ ଅନୁଷ୍ଠାନ କର୍ମକର୍ତ୍ତା ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଜଣାଇଥିଲେ। ତୁରନ୍ତ ଯୁବମଞ୍ଚ ପକ୍ଷରୁ ମୃତଦେହ ନେବା ପାଇଁ ଉଦ୍ଦିଷ୍ଟ ଏକ ଗାଡି ଯୋଗାଡ କରାଯିବା ସହ ଆର୍ଥିକ ସହାୟତା ମଧ ପ୍ରଦାନ କରାଯାଇଥିଲା। ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତାରାଣୀ ମିଶ୍ର କହିଛନ୍ତି, ସରକାରୀ କାର୍ଯ୍ୟରେ ଭୁବନେଶ୍ୱର ଯାଇଥିଲି। ମହାପ୍ରୟାଣ ଗାଡି ଅନ୍ୟ ଏକ ଗ୍ରାମକୁ ଯାଇଥିଲା। ଗାଡ଼ି ବ୍ୟବସ୍ଥା କରାଯାଇ ଖୋଜିବା ବେଳେ ସେମାନେ ପଳାଇ ଯାଇଥିବା ଜାଣିବାକୁ ପାଇଥିଲି ବୋଲି ମୁଖ୍ୟ ଚିକିତ୍ସାଧିକାରୀ ପ୍ରକାଶ କରିଛନ୍ତି।



ମୃତ ଶିଶୁପୁତ୍ରକୁ ଧରି ମା' ଓ ମାମୁ ଚାଲି ଯାଉଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆମ୍ବ ପଣସ ଡାଳରେ ପାଚେ, ରଙ୍କୁଣୀ ଧନ ଆଖିରେ ନାଚେ।**

ସାଧାରଣତଃ ଆମ୍ବ ଓ ପଣସ ପାଚିଲେ ଏହାକୁ ବିକି ଦିଆଯାଇଥାଏ। ଫଳରେ ଧନ ଉପାର୍ଜନ କରିବାର ବାଟ ଖୋଲିଯାଏ। ଯେଉଁମାନେ ଧନ ରଙ୍କୁଣୀ, ସେମାନଙ୍କ ପାଇଁ ଟଙ୍କା ପଇସାର ମୂଲ୍ୟ ବହୁ ଅଧିକ। ଏପରିସ୍ଥଳେ ଡାଳରେ ଆମ୍ବ ପଣସ ପାଚିବାର ଦେଖିଲେ ସେମାନେ ଖୁସିରେ ଆତ୍ମହରା ହୋଇପଡ଼ିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଆ ବଳଦ ! ମୋତେ ବିନ୍ଧ।**

ଅଯଥାରେ ବିପଦକୁ ଡାକି ଆଣିବା। ଜାଣିଶୁଣି ନିଜେ ନିଜ ପାଇଁ ଅସୁବିଧା ସୃଷ୍ଟି କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ଅନୁଷ୍ଠାନ

# ଘାଟିରେ ଓଲଟିଲା ବସ୍, ୭ ଗୁରୁତର

ରାୟଗଡ଼ା ଅଫିସ,୨୬।୪

ରାୟଗଡ଼ା ଜିଲା ମୁକୁନ୍ଦପୁର ଘାଟିରେ ରବିବାର ରାତିରେ ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇ ୭ ଯାତ୍ରୀ ଗୁରୁତର ହୋଇଛନ୍ତି। ଘାଟିରେ ବସ୍‌ଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ତେବେ ବସ୍‌ରେ ଥିବା ଅନ୍ୟ ୨୭ଯାତ୍ରୀ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତିଯାଇଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ, ଓମ୍ ସାଇ ନାମକ ଘରୋଇ ବସ୍ କୋରାପୁଟ ଜିଲା ଜୟପୁରରୁ ନୟାଗଡ଼ ଅଭିମୁଖେ ଯାଉଥିଲା। ମୁକୁନ୍ଦପୁର ଘାଟି ଅତିକ୍ରମବେଳେ ଦ୍ୱିତୀୟ ବୁଲାଣିରେ



ଚାଳକଙ୍କ ନିୟନ୍ତ୍ରଣ ନ ରହିବାରୁ ବସ୍‌ଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏଥିରେ ବସ୍‌ରେ ଥିବା ୩୪ ଯାତ୍ରୀଙ୍କ ମଧ୍ୟରୁ ୭ ଯାତ୍ରୀ ଗୁରୁତର ହୋଇଥିଲେ। ଖବର ପାଇ ମୁକୁନ୍ଦପୁର ଫାଣ୍ଡି ଏବଂ ଚାନ୍ଦିଲି ପୋଲିସ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାରକରି ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଗୁରୁତରମାନେ ହେଲେ କୋରାପୁଟ ଜିଲାର ମିଥୁନ ପ୍ରଧାନ(୨୮), ପଦ୍ମନାଭ ସ୍ୱାଇଁ(୫୧), ରାଜଲକ୍ଷ୍ମଣ ସ୍ୱାଇଁ(୪୫), ଦୀପ୍ତିମୟୀ ସ୍ୱାଇଁ, ଦୀପ୍ତିଶିଖା ସ୍ୱାଇଁ, ବାସନ୍ତୀ ସ୍ୱାଇଁ(୩୫) ଏବଂ କୁମାରୀ ବେହେରା। ଚିକିତ୍ସା ପରେ ଅନେକଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଜଣାପଡ଼ିଛି। ତେବେ ଘଟଣାସ୍ଥଳରୁ ଚାଳକ ଫେରାର ହୋଇଥିବାବେଳେ ବସ୍ ପରିଚାଳକଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଥିବା ମୁକୁନ୍ଦପୁର ଫାଣ୍ଡି ଅଧିକାରୀ ହର୍ଷଚନ୍ଦ୍ର ପାଣି ସୂଚନା ଦେଇଛନ୍ତି।

## ମନେ ପଡ଼ନ୍ତି

**ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ**
୨୭।୦୪।୨୦୨୧ (ମଙ୍ଗଳବାର)



**ସ୍ୱର୍ଗତ ଡା. କ୍ଷୀରୋଦ କୁମାର ରଥ**
(କଳାପ୍ରାଣ ସାହିତ୍ୟ-ସଂସ୍କୃତିମନା ସମାଜସେବୀ)
ଏଲ୍.ବି.-୬୧, ଷ୍ଟେଜ୍-୪, ବିଡିଏ କଲୋନୀ, ଲକ୍ଷ୍ମୀସାଗର, ଭୁବନେଶ୍ୱର

ତୁମେ ଯେଉଁଠି ଥାଅ ସଦା ସୁଖଶାନ୍ତିରେ ଥାଅ ଏବଂ ତୁମର ଅସରନ୍ତି ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମକୁ ପଥ ପ୍ରଦର୍ଶନ କରୁଥାଉ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ଏତିକି ପ୍ରାର୍ଥନା।

ପତ୍ନୀ- ସରୋଜିନୀ ଓ ଆତ୍ମୀୟସ୍ୱଜନବୃନ୍ଦ

ଧ-୨୦୫୯୯

**ଏକାଦଶାହ ଉପଲକ୍ଷେ**
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**✓ ତାପସୀ ସାମଲ**
ଆବିର୍ଭାବ - ୦୧.୧୨.୧୯୫୪
ତିରୋଧାନ - ୧୭.୦୪.୨୦୨୧

ନୈନଂ ଛନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ

ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟ ପରାୟଣତା, ଆଧ୍ୟାତ୍ମିକ ଚିନ୍ତାଧାରା ଓ ଶୃଙ୍ଖଳିତ ଜୀବନ କାର୍ଯ୍ୟ ଆମକୁ ଏ ସଂସାର ପଥରେ ବାଟ ଚଲାଇବା ଶିଖାଇଛି। ତୁମେ ଉପରେ ଥାଇ ସମସ୍ତଙ୍କୁ ଆଶୀର୍ବାଦ କରୁଥିବ। ଆଜିର ଏହି ଏକାଦଶାହ ତିଥିରେ ଶ୍ରୀଜଗନ୍ନାଥଙ୍କ ଚରଣରେ ଏତିକି ପ୍ରାର୍ଥନା ତୁମର ଆତ୍ମାର ସଦ୍‌ଗତି ହେଉ ଓ ଶାନ୍ତି ଲାଭ କରୁ। ତୁମେ ଏ ଘରକୁ ବିବାହ କରି ଆସିବା ଦିନଠାରୁ ଆମ ଘରର ସର୍ବାଙ୍ଗୀନ ଉନ୍ନତି ହେଉଛି, ଯାହାକୁ ଆମେ କେବେବି ଭୁଲି ପାରିବୁ ନାହିଁ।

ଶୋକସନ୍ତପ୍ତ ପରିବାର
ସ୍ୱାମୀ-ଶ୍ରୀ ନିମାଇଁ ଚରଣ ସାମଲ, ସନ୍ତାନ-କୁନା, ଜିମି, ଲୁନା, ଜ୍ୱାଇଁ-ପ୍ରଦୀପ, ବାବୁଲି, ବୋହୂ-ତୃପ୍ତ, ନାତି/ନାତୁଣୀ-ଗୁଡୁଲ, ମୁନୁ, ଗୁଡି, ସୃଷ୍ଟି, ରିଦ୍ଧି।

ଧ-୬୬୬୯୨



ସୌନ୍ଦର୍ଯ୍ୟ

# ହେୟାର କେୟାର

➔କେଶ ବୃଦ୍ଧି କରିବାକୁ ଚାହୁଁଥିଲେ ନଡ଼ିଆ ତେଲକୁ ଉଷୁମ କରି କେଶ ମୂଳରେ ମାଲିସ କରନ୍ତୁ। ଏହା ସହିତ ଗରମ ପାଣିରେ ଟାୱେଲ ଭିଜାଇ କେଶରେ ଅତିକମ୍‌ରେ ୫ ମିନିଟ୍ ପର୍ଯ୍ୟନ୍ତ ବାନ୍ଧ ଦିଅନ୍ତୁ।

➔ଏକ ଅଣ୍ଡା ସହିତ ୨ ଟେବୁଲ ଚାମଚ ରାଶି ମିଶାଇ ଭଲଭାବେ ଗୋଳାଇ କେଶ ମୂଳରେ ଲଗାଇ ଦିଅନ୍ତୁ। ଏହା ପରେ ଗରମ ପାଣିରେ ଭିଜାଇ ଏକ ଟାୱେଲ ମୁଣ୍ଡରେ ଗୁଡ଼ାଇ ରଖନ୍ତୁ। ଏପରି କରିବା ଫଳରେ କେଶ ଝଡ଼ିବା କମ୍ ହୋଇଯିବ।

➔କେଶ ମୂଳରେ ପିଆଜ ରସ ଲଗାଇଲେ ସେଥିରେ ଥିବା ସଲଫର କେଶକୁ ମୂଳରୁ ମଜଭୁତ କରିଥାଏ। ତେଣୁ କେଶ ଝଡ଼ିବା କମ୍ ହୋଇଥାଏ।

➔କଦଳୀର ପ୍ୟାକ୍ ତିଆରି କରି ଏହାକୁ କେଶ ମୂଳରେ ଲଗାନ୍ତୁ। କଦଳୀରେ ଭିଟାମିନ୍ ବି, ଭିଟାମିନ୍ ସି ଏବଂ ପୋଟାସିୟମ ଥିବାରୁ ଏହା କେଶକୁ ମୁଲାୟମ କରିଥାଏ।

➔ପାଚିଲା କଦଳୀରେ ଗୋଟିଏ ଅଣ୍ଡାର ଧଳା ଅଂଶ ଏବଂ ଏକ ଚାମଚ ଲେମ୍ବୁ ରସ ମିଶାଇ ଲଗାଇଲେ କେଶ ଝଡ଼ିବା କମ୍ ହୋଇଥାଏ।

➔ଏକ କପ୍ ନଡ଼ିଆ କ୍ଷୀର ସହିତ ଭୃଙ୍ଗରାଜ ପତ୍ର ଗୁଣ୍ଡ, ଦୁଇ ବଡ଼ ଚାମଚ ଅରେଞ୍ଜ ଜୁସ୍ ମିଶାଇ ପେଷ୍ଟ ତିଆରି କରି କେଶ ମୂଳରେ ଲଗାନ୍ତୁ। ଏହି ପେଷ୍ଟକୁ ଏକ ଘଣ୍ଟା ପର୍ଯ୍ୟନ୍ତ ରଖି ମୁଣ୍ଡ ଧୋଇ ଦିଅନ୍ତୁ।

➔ନଡ଼ିଆ ତେଲରେ ଭୃଙ୍ଗରାଜ ପତ୍ରକୁ ଫୁଟାଇ ତେଲକୁ ଥଣ୍ଡା କରି କେଶରେ ଲଗାନ୍ତୁ। ଘଣ୍ଟାଏ ପରେ କେଶ ସାମ୍ପୁ କରି ଦିଅନ୍ତୁ। ସପ୍ତାହକୁ ତିନି ଥର ଏପରି କରନ୍ତୁ କେଶ ସୁନ୍ଦର ହୋଇଯିବ।

➔ସାମ୍ପୁ କରିବାର ୨୦ ମିନିଟ୍ ପୂର୍ବରୁ କେଶ ମୂଳରେ ଅଣ୍ଡା ଲଗାନ୍ତୁ। ଏପରି କରିବା ଫଳରେ କେଶ ମୁଲାୟମ ହେବା ସହିତ ଚମକ ବି ବଢ଼ିଥାଏ।



## ଘରକରଣା

➤ପରଟାକୁ ଅଧିକ ସ୍ୱାଦିଷ୍ଟ କରିବା ପାଇଁ ସିଝା ଆଳୁକୁ ଅଟା ସହିତ ମିଶାଇ ଚକଟି ଦିଅନ୍ତୁ।

➤ପରାଟାକୁ ତେଲ କିମ୍ବା ଘିଅ ବଦଳରେ ବଟର ଲଗାଇଲେ ଅଧିକ ସ୍ୱାଦିଷ୍ଟ ଲାଗିବ।

➤ପକୁଡି ତିଆରି କରୁଥିଲେ ବେସନ ଘୋଳରେ କିଛି ଗରମ ତେଲ ମିଶାଇ ଦିଅନ୍ତୁ, ପକୁଡି ସ୍ୱାଦିଷ୍ଟ ହେବା ସହିତ କ୍ରିସ୍ପି ଲାଗିବ।

➤ପକୁଡି ପରିଷିବା ସମୟରେ ସେଥିରେ କିଛି ଚାଟ୍ ମସଲା ପକାଇ ଦିଅନ୍ତୁ ଟେଷ୍ଟି ଲାଗିବ।

➤ଭେଣ୍ଡିକୁ ଅଧିକ ସମୟ ପର୍ଯ୍ୟନ୍ତ ଫ୍ରେଶ ରଖିବା ପାଇଁ ସେଥିରେ କିଛି ସୋରିଷ ତେଲ ଲଗାଇ ଦିଅନ୍ତୁ।

➤ନୁଡୁଲ୍ସକୁ ପାଣିରେ ସିଝାଇବାବେଳେ ସେଥିରେ କିଛି ଲୁଣ ଏବଂ ତେଲ ପକାଇ ଦିଅନ୍ତୁ ଏବଂ ଛାଣି ସାରିବା ପରେ ସେଥିରେ ଥଣ୍ଡା ପାଣି ଢାଳନ୍ତୁ।

➤ଜାୟିତ୍ରିକୁ ମିଠା, କେକ୍ ଏବଂ ବ୍ରେଡ ତିଆରି କରିବା ପାଇଁ ବ୍ୟବହାର କରିହେବ। ମସାଲା ଚା ଏବଂ ମସାଲା କ୍ଷୀର ତିଆରିରେ ମଧ୍ୟ ଏହାକୁ ବ୍ୟବହାର କରାଯାଇପାରିବ।



➤ସୁପ୍‌ରେ ଜାୟିତ୍ରି ବ୍ୟବହାର କରିଲେ ଏହାର ସ୍ୱାଦ ବହୁତ ବଢି ଯାଇଥାଏ।

➤ଉଷୁମ ପାଣରେ ହେଙ୍ଗୁ ମିଶାଇ ଗର୍ଗଲିଂ କଲେ ଗଳା ଦରଜରୁ ଆରାମ ମିଳିଥାଏ।

➤ରାଜମା କିମ୍ବା ବିରି ଡାଲି ସିଝାଇବା ସମୟରେ ପାଣିରେ ଲୁଣ ମିଶାନ୍ତୁ ନାହିଁ, ଶୀଘ୍ର ସିଝିବ।

## ଖାଦ୍ୟ ରୁଚି

### କୁକୁମ୍ବର କୁଲର

ଆବଶ୍ୟକ ସାମଗ୍ରୀ: କାକୁଡ଼ି- ୩୦୦ ଗ୍ରାମ୍, ଲେମ୍ବୁ ରସ- ୧୫ ମିଲିଗ୍ରାମ୍, ବରଫ ଖଣ୍ଡ- ୧୫୦ ଗ୍ରାମ୍, ସୋଡ଼ା- ଅଳ୍ପ, ପୁଦିନା- ଅଳ୍ପ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ କାକୁଡ଼ିକୁ ଛୋଟ ଛୋଟ କରି କାଟି ଜୁସରରେ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଏବେ ଏଥିରେ



ଲେମ୍ବୁ ରସ ଓ ବରଫ ପକାଇ ଆଉ ଥରେ ଅଳ୍ପ ସମୟ ପାଇଁ ଗ୍ରାଇଣ୍ଡିଂ କରନ୍ତୁ। ଏହାପରେ ଏହି ମିଶ୍ରଣକୁ ଗ୍ଲାସରେ ଢାଳି ସେଥିରେ ସୋଡ଼ା ମିଶାନ୍ତୁ ଏବଂ ଶେଷରେ ପୁଦିନା ପତ୍ର ପକାଇ ଏହାକୁ ପରଷି ଦିଅନ୍ତୁ। ଖରାଦିନେ ଏହି ପାନୀୟ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଉପକାରୀ।

# ପୁଣି ଯୌଥ ପରିବାର







**ଏକା ଏକା ରହିବାକୁ କାହାକୁ ବି ଭଲ ଲାଗେନା। କିନ୍ତୁ ଏକାକୀ ଜୀବନ ବିତାଇବାକୁ ବାଧ କରିଛି ଲକ୍‌ଡାଉନ୍। ଏମିତି ପରିସ୍ଥିତିରେ ଏବେ ପୁଣି ଥରେ ଲୋଡା ପଡିଛି ଯୌଥ ପରିବାର। ସମସ୍ତଙ୍କ ସହ ଏକାଠି ରହିବା ପାଇଁ ଏବେ ଲୋକେ ପୁଣି ଥରେ ବଡ଼ ପରିବାରର ଆବଶ୍ୟକତାକୁ ଅନୁଭବ କରିପାରିଛନ୍ତି। ବିଶେଷକରି ସହରି ମହିଳାମାନେ ପିଲାମାନଙ୍କୁ ନେଇ ମୁହାଁଉଛନ୍ତି ଗାଁ ଆଡ଼କୁ...**

ଲକ୍‌ଡାଉନରେ ଘରେ ବସି ପିଲାମାନେ ବୋର ହେଉଛନ୍ତି, ଗୃହିଣୀମାନେ ଏକା ଏକା ସବୁ କାମ କରି ଥକି ଯାଉଛନ୍ତି। ତା' ସାଙ୍ଗକୁ ପୁଣି କେତେବେଳେ କ'ଣ ହେବ ଭାବି ମନୋବଳ ବି ଭାଙ୍ଗି ଯାଉଛି। କିନ୍ତୁ ଏମିତି ପରିସ୍ଥିତିରେ ଯଦି ଘରର ସବୁ ଲୋକ ପାଖରେ ଅଛନ୍ତି ତା'ହେଲେ ଆଉ କିଛି ଅସୁବିଧା ନାହିଁ। ତେଣୁ ଯେଉଁମାନେ ଏକାକୀ ପରିବାର ଗଢି ରହୁଥିଲେ ସେମାନେ ବି ଶାଶୁ, ଶ୍ୱଶୁର କି ଅନ୍ୟ ସଦସ୍ୟଙ୍କ ସହ ଏକାଠି ରହିବାକୁ ପସନ୍ଦ କରିଲେଣି।

କରୋନା ପାଇଁ ଏବେ ସବୁଆଡ଼େ ଏକ ଭିନ୍ନ ପରିବେଶ ସୃଷ୍ଟି ହୋଇଛି। ସାମାଜିକ ସମ୍ପର୍କ ଏକ ପ୍ରକାରର ନଷ୍ଟ ହୋଇଯାଇଛି କହିଲେ ଭୁଲ୍ ହେବନାହିଁ। ବର୍ଷେରୁ ଅଧିକ ସମୟ ହେଲାଣି ସ୍କୁଲ ବନ୍ଦ ରହିଛି। ଘରେ ଏକା ରହି ପାଠ ପଢ଼ିବାକୁ ପିଲାମାନଙ୍କର ଆଗ୍ରହ ହେଉନି। ତା' ଛଡା ଅନେକେ ଏବେ ଏକାକୀ ପରିବାରରେ ବେଶି ସମୟ ରହି ଡିପ୍ରେସନର ଶିକାର ହେଉଛନ୍ତି। ତେଣୁ ପିଲାଙ୍କୁ ଏଭଳି ପରିବେଶରୁ ମୁକୁଳେଇବା ପାଇଁ ଜେଜେ, ଜେଜେମା' କିମ୍ବା ଦାଦା ଖୁଡ଼ୀଙ୍କ ସହିତ ଲୋଡ଼ା ଏକ ଭରପୂର ପରିବାର।

**ପିଲାଙ୍କ ପାଇଁ ଭଲ:** ଲକ୍‌ଡାଉନ୍ ପାଇଁ ପିଲାମାନେ ଘରେ ଏକା ରହି ଅଧିକାଂଶ ସମୟରେ ଡିପ୍ରେସନର ଶିକାର ହେଉଛନ୍ତି କିମ୍ବା ସ୍ମାର୍ଟଫୋନ ଆଡିକ୍ଟ ହୋଇ ଯାଉଛନ୍ତି। କିନ୍ତୁ ଯୌଥ ପରିବାରରେ ରହିଲେ ଏସବୁ ସମସ୍ୟା ରହିବ ନାହିଁ। ପିଲାଟିଏ ସମୟ ବିତାଇବା ପାଇଁ ଅନେକ ପ୍ରକାରର ମାଧ୍ୟମ ପାଇପାରିବ। ସମସ୍ତଙ୍କ ସହିତ ଖେଳକୁଦ, ଗପସପ କରି ବେଶ୍ ଖୁସିରେ ସମୟ କଟାଇ ଦେବ। ଖେଳିବା ପାଇଁ ଯେମିତି ଅନେକ ଭାଇ ଭଉଣୀଙ୍କ ସାଙ୍ଗ ମିଳିବ ସେମିତି କୌଣସି ଭୁଲ୍ କାମ କରିବା ପୂର୍ବରୁ ବି ଅନେକଙ୍କର ତାଗିଦା ରହିବ।

**ମନୋବଳ ବଢୁଛି:** କରୋନା ଏବେ ଶିଖାଇଛି ଏକା ରହିବାକୁ। ଥରେ କରୋନା ହେଲେ କେହି ବି ପାଖକୁ ଆସିବେ ନାହିଁ। ଏମିତି କିଛି ନକାରାତ୍ମକ କଥା ସବୁ ଶୁଣି ବେଳେବେଳେ ମନ ଏତେ ଦୁର୍ବଳ ହୋଇଯାଉଛି ଯେ ବଞ୍ଚିବା କଷ୍ଟକର ହୋଇଯାଉଛି। ଏମିତି ଅବସ୍ଥାରେ କାଳେ ଦେହ ଖରାପ ହୋଇଯିବ ଭାବି ଅଧିକାଂଶ ଲୋକ ଭୟର ଶିକାର ହେଉଛନ୍ତି। କିନ୍ତୁ ଏଭଳି ସ୍ଥିତିରେ ପାଖରେ ଦାଦା, ପୁଡୁରା, ଅପା ଆଉ ଭାଇ ଆଦି ସମସ୍ତେ ଥିଲେ ସେମାନଙ୍କ କଥାରେ ମନରେ ସାହସ ସୃଷ୍ଟି ହେଉଛି। ଆଉ ମନୋବଳ ଦୃଢ ରହୁଛି କି କୌଣସି ପ୍ରକାରର ରୋଗ ହେଲେ ନିଜ ଲୋକଙ୍କ ସାହାଯ୍ୟ ମିଳିବ।



ଶିବାନୀ



କବିତା



ମିନତି



ରାନୁସ୍ମିତା



ପ୍ରଜ୍ଞା ପରିମିତା

**ଶାରୀରିକ ସୁସ୍ଥତା:** ଲକ୍‌ଡାଉନ୍ ପାଇଁ ଗୃହିଣୀମାନଙ୍କର କାମ ବହୁତ ବଢି ଯାଉଛି। ସବୁଦିନ ସମସ୍ତଙ୍କର ପୋଷାକପତ୍ର ସଫା କରିବା, ଘର ସଫା କରିବା, ସବୁ ଜିନିଷକୁ ସାନିଟାଇଜ୍ କରିବା, ପରିବାପତ୍ରକୁ ଧୋଇବା, ରୋଷେଇ କରିବା ଏମିତି ଅନେକ ପ୍ରକାରର କାମ ଏକା ଏକା କରିବାକୁ ହେଉଛି। କିନ୍ତୁ ଯୌଥ ପରିବାରରେ ସମସ୍ତଙ୍କ ସହ ରହିଲେ ସବୁ କାମ ବି ବାଣ୍ଟି ହୋଇ କମିଯାଉଛି। ତେଣୁ ଏପରି ସ୍ଥିତିରେ ଗୃହିଣୀମାନଙ୍କର ଦେହ ସୁସ୍ଥ ରହିବା ସହିତ ମନ ବି ସୁସ୍ଥ ରହିପାରିବ।

## ଏମାନେ କ'ଣ କହନ୍ତି

**ଲକ୍‌ଡାଉନ୍ ହେବା ଦିନରୁ ଗାଁକୁ ଆସିଛି:** ଗତବର୍ଷ ଲକ୍‌ଡାଉନ୍ ହେବା ପରଠାରୁ ମୁଁ ପିଲାମାନଙ୍କୁ ନେଇ ଗାଁକୁ ଚାଲି ଆସିଛି। ୱାର୍କ ଫ୍ରମ ହୋମ ମାଧ୍ୟମରେ ଘରେ କାମ କରୁଛି ଆଉ ମୋ ଝିଅ ପୁଅ ବି ସମସ୍ତଙ୍କ ପାଖରେ ବେଶ୍ ଖୁସିରେ ଅଛନ୍ତି। ଝିଅ ଅନ୍‌ଲାଇନରେ କ୍ଲାସ କରୁଛି ଆଉ ପୁଅ ସ୍କୁଲ ଯାଇ ନ ଥିବାରୁ ତା' ଜେଜେ, ଜେଜେମା'ଙ୍କ ସହିତ ଖେଳୁଛି। ଗାଁରେ ମତେ ସବୁ ସୁବିଧା ମିଳିଯାଉଛି। ପିଲାମାନେ ମୋ ସହିତ ବେଳେବେଳେ ତାଙ୍କ ମାମୁ ଘରକୁ ଯାଇ କିଛି ଦିନ ରହି ବେଶ୍ ଖୁସି ହେଉଛନ୍ତି। ଆଗରୁ ବାଙ୍ଗାଲୋରରେ ଏକୁଟିଆ ଘରେ ପିଲାଙ୍କ କାମକୁ ଅଫିସ ଯିବା ମତେ ବହୁତ କଷ୍ଟ ହେଉଥିଲା। କିନ୍ତୁ ଏବେ ସମସ୍ତଙ୍କ ସହ ମିଶି ରହିଥିବାରୁ କିଛି ବି ସମସ୍ୟା ରହୁନି।

*-ରାନୁସ୍ମିତା ସ୍ୱାଇଁ, ଟେକ୍ନିକାଲ ସ୍ପେସାଲିଷ୍ଟ, କୋଫୋର୍ସ ଟେକ୍ନୋଲୋଜି, ବାଙ୍ଗୋଲୋର*

**ଗାଁରେ ଭାଇଙ୍କ ଘରେ ରହୁଥିଲେ:** ମୋର ପିଲାମାନଙ୍କ ପାଇଁ ଭାରି ଚିନ୍ତା। କ୍ଲାସ କରିବା ବାହାନାରେ ଦି' ଜଣ ଯାକ ସବୁବେଳେ ଫୋନ ଦେଖୁଛନ୍ତି। ସେମାନଙ୍କ ଏହି ଅଭ୍ୟାସ ଛଡାଇବା ପାଇଁ ଆରବର୍ଷ ଦି ତିନି ମାସ ପାଇଁ ଗାଁରେ ବଡ଼ ଭାଇଙ୍କ ପାଖରେ ଛାଡି ଆସିଥିଲି। ସେଠାରେ ସେମାନେ ଟିୟୁସନ୍ ହୋଇ ପାଠ ପଢୁଥିଲେ। ସ୍କୁଲ ଖୋଲିବ ଭାବି ସେମାନଙ୍କୁ ପୁରୀ ନେଇ ଆସିଥିଲି। କିନ୍ତୁ କରୋନା ଦ୍ୱିତୀୟ ଲହର ପାଇଁ ଏବେ ପୁଣି ଚିନ୍ତା।

*-ପ୍ରଜ୍ଞା ପରିମିତା ରାଜଗୁରୁ, ଗୃହିଣୀ, ସିଦ୍ଧବକୁଳ ଲେନ୍, ପୁରୀ*

**ପୁଣି ଥରେ ବନ୍ଦୀ ହେଲାଭଳି ଲାଗୁଛି:** ଲକ୍‌ଡାଉନ୍ ପାଇଁ ନା ଆମେ କୁଆଡ଼େ ଯାଇପାରୁଛୁ ନା ପାଖ ପଡ଼ିଶାଙ୍କ ସହିତ ଏକାଠି ବୁଲାବୁଲି କରିପାରୁଛୁ। ଏମିତି କି ମୋ ପୁଅକୁ ବାହାରେ କାହା ସହିତ ଖେଳିବାକୁ ବି ବାଧ ହୋଇ ମନା କରୁଛି। ତେଣୁ ସେ ସବୁବେଳେ ଚିଡିଚିଡି ହେଉଛି। କାହା ସହ ଖେଳିବ ବୋଲି ବାରମ୍ବାର ପ୍ରଶ୍ନ କରି ବିରକ୍ତ କରି ଦେଉଛି। ସ୍କୁଲ ଖୋଲିଲେ ହୁଏତ କିଛି ସମୟ କଟି ଯାଇଥାନ୍ତା। କିନ୍ତୁ ପୁଣି ଥରେ କରୋନା ଯେମିତି ଚଡ଼କ ଭଳି ଲାଗୁଛି।

*-କବିତା ସାହୁ, ଶିକ୍ଷୟିତ୍ରୀ, ନୀଳକଣ୍ଠନଗର, ନୟାପଲ୍ଲୀ, ଭୁବନେଶ୍ୱର*

**ସାପ୍ତାହିକ ଛୁଟିରେ ଗାଁ ଯାଉଛୁ:** ଲକ୍‌ଡାଉନ୍ ହେବା ପରଠାରୁ ବାହାରେ ହୋଟେଲ ବନ୍ଦ ହୋଇଯିବାରୁ ମୁଁ ତାଙ୍କ ପାଖକୁ ରୋଷେଇ କରିବା ପାଇଁ ଛୁଆଙ୍କୁ ନେଇ ଆସିଥିଲି। କିନ୍ତୁ ଏଠି ଘର ଭିତରେ ରହି ରହି ପିଲାମାନେ ବିରକ୍ତ ହେବା ସହିତ ମତେ ବି ବୋର ଲାଗୁଛି। ସେଥିପାଇଁ ସାପ୍ତାହିକ ଛୁଟି ହେବା ମାତ୍ରେ ପ୍ରତି ଥର ଆମେ ସମସ୍ତେ ମିଶି ଦୁଇ ଦିନ ପାଇଁ ଗାଁକୁ ଯାଉଛୁ। ସେଠି ବାପା ଓ ସାନବାପା, ଖୁଡ଼ୀ ଆଉ ସାନ ଯାଆ ସହିତ ମୋର ଦୁଇ ଛୁଆ ବେଶ୍ ଆରାମରେ ସମୟ କଟେଇ ଆସୁଛୁ।

*-ମିନତି ପଟ୍ଟନାୟକ, ଗୃହିଣୀ, ବରଗଡ ବ୍ରିଟ କଲୋନୀ, ଭୁବନେଶ୍ୱର*

**ସ୍କୁଲ ଖୋଲିଲେ ଯିବୁ:**

*-ଶିବାନୀ ସେବିକା ସ୍ୱାଇଁ, ଗୃହିଣୀ, ଫୁଲ ନଖରା, କଟକ*

ଗାଁରେ ଦାଦା, ବଡବାପା ସମସ୍ତେ ରହୁଛନ୍ତି। ଲକ୍‌ଡାଉନ୍ ହେବା ପରଠାରୁ ଆମେ ବର୍ଷେ ହେଲାଣି ଗାଁରେ ଅଛୁ। ଏଠି ସବୁ ସହଜରେ ମିଳିଯାଉଛି। ତା' ଛଡା ସମସ୍ତେ ଏକାଠି ରହିବାରୁ କିଛି ଚିନ୍ତା ରହୁନାହିଁ। ମତେ ବି ଘରର ସବୁ କାମ କରିବାକୁ ପଡୁନି। ସମସ୍ତେ ଏକାଠି ଗପସପ କରି ଘର କାମ କରିବାକୁ ବହୁତ ଖୁସି ଲାଗୁଛି। ଅବଶ୍ୟ ଅଫିସ ଖୋଲିବା ପରଠୁ ମୋ ସ୍ୱାମୀ ସହରକୁ ଯାଇ କାମ କରୁଛନ୍ତି। କିନ୍ତୁ ଆମେ ସ୍କୁଲ ଖୋଲିଲେ ଯିବୁ ବୋଲି ଭାବିଥିଲୁ। ମାତ୍ର କରୋନାର ଦ୍ୱିତୀୟ ଲହର ପାଇଁ ଏବେ ଯିବା ଭଳି ଲାଗୁନି।

**-ସସ୍ମିତା ନାୟକ**

# ବଢ଼ାନ୍ତୁ ପିଲାଙ୍କ ଇମ୍ୟୁନିଟି

**କରୋନାର ଦ୍ୱିତୀୟ ଲହର ଏବେ ପିଲାମାନଙ୍କ ପାଇଁ ବେଶି କ୍ଷତିକାରକ ବୋଲି ଜଣାପଡ଼ିଛି। କମ୍ ଇମ୍ୟୁନିଟି ଥିବା ପିଲାମାନେ ଖୁବ୍‌ଶୀଘ୍ର କରୋନା ଭାଇରସ୍ ଦ୍ୱାରା ସଂକ୍ରମିତ ହୋଇଯିବେ। ତେଣୁ ମା'ମାନେ ପିଲାମାନଙ୍କର ଇମ୍ୟୁନିଟି ବଢ଼ାଇବାକୁ ନିଜକୁ ପ୍ରସ୍ତୁତ କରନ୍ତୁ।**



▸ପିଲାମାନଙ୍କୁ ସୁଷମ ଖାଦ୍ୟ ଦିଅନ୍ତୁ। ପ୍ରୋଟିନ, ମିନେରାଲ, ଭିଟାମିନ୍, ସୂକ୍ଷ୍ମ ପୋଷକ ତତ୍ତ୍ୱ ଏବଂ ଅନସାଚୁରେଟେଡ୍ ଫ୍ୟାଟ୍ ଭଳି ସମସ୍ତ ଉପାଦାନ ଥିବା ବିଭିନ୍ନ ପ୍ରକାରର ଖାଦ୍ୟ ପିଲାଙ୍କୁ ଦିଅନ୍ତୁ। ତେଣୁ ଖଟା ଫଳ, ଗାଜର, ଶାଗ, ବିନ୍ସ, ଷ୍ଟ୍ରବେରୀ, ଦହି, ରସୁଣ ଓ ଅଦା ଭଳି ବିଭିନ୍ନ ଖାଦ୍ୟକୁ ସେମାନଙ୍କ ତାଲିକାରେ ସାମିଲ କରନ୍ତୁ।

▸ପିଲାଙ୍କୁ ଭରପୂର ମାତ୍ରାରେ ଶୋଇବାକୁ ଦିଅନ୍ତୁ। ଫଳରେ ସେମାନଙ୍କର ଇମ୍ୟୁନିଟି ସିଷ୍ଟମ ଠିକ୍ ରହିବ। ଶରୀର ସୁସ୍ଥ ରହିବ ଏବଂ ଥକାପଣ ଦୂର ହେବ।

▸ପ୍ରତିଥର ଖାଇବା ପୂର୍ବରୁ ଏବଂ ପରେ, ଖେଳିବା ପରେ, ଗୃହପାଳିତ ଜୀବଜନ୍ତୁଙ୍କୁ ଛୁଇଁବା ପରେ, ନାକ ସଫା କରିବା ପରେ, ଟଏଲେଟ୍‌ରୁ ଆସିବା ପରେ ଭଲଭାବେ ହାତ ଧୋଇବା ସହିତ ସ୍ୱଚ୍ଛତାକୁ ଆପଣାନ୍ତୁ। ଫଳରେ ପିଲାଙ୍କର ଇନଫେକସନ୍ କମ୍ ହେବା ସହିତ ରୋଗ ପ୍ରତିରୋଧ ହୋଇପାରିବ।

▸ପିଲାଙ୍କୁ ଅଧିକ ପରିମାଣରେ ଆୟୁର୍ବେଦିକ ଜିନିଷ ଅଧିକ ଖାଇବାକୁ ଦିଅନ୍ତୁ। ତୁଳସୀ, ଅଁଳା, ମହୁ, ଗୋଲମରିଚ ଆଦି ନିଶ୍ଚୟ ଖୁଆନ୍ତୁ।

# ମେଡିଟେସନ ନିଶ୍ଚୟ କରନ୍ତୁ

**ବ୍ୟସ୍ତବହୁଳ କାମ ମଧ୍ୟରେ ଦିନକୁ ଅତି କମରେ ୧୫ ମିନିଟ ମେଡିଟେସନ ନିଶ୍ଚୟ କରନ୍ତୁ...**



▸ମେଡିଟେସନ ନିମନ୍ତେ ନିଜ ସୁବିଧା ଅନୁସାରେ ସବୁ କାମ ସାରିବା ପରେ ସମୟ ବାହାର କରନ୍ତୁ।

▸ବାଲକୋନିରେ ଥିବା ଗଛ କିମ୍ବା ବଗିଚାରେ ପ୍ରକୃତି ସହ କିଛି ସମୟ ବିତାନ୍ତୁ।

▸ଖାଲିପେଟରେ ଧ୍ୟାନ କରନ୍ତୁ ନାହିଁ। ଫଳ କିମ୍ବା ଜୁସ୍ ଆଦି କିଛି ଖାଦ୍ୟ ଖାଇବା ପରେ ହିଁ ମେଡିଟେସନ୍ କରନ୍ତୁ।

▸ଏକାଠି କିମ୍ବା ଗ୍ରୁପରେ କୌଣସି ସ୍ଥାନରେ ବସି ଧ୍ୟାନ କରନ୍ତୁ, ବହୁତ ଭଲ ଲାଗିବ।

▸ମାନସିକ ଦୁଶ୍ଚିନ୍ତା ଥିଲେ ଧ୍ୟାନ ଅବଶ୍ୟ କରନ୍ତୁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. ORIORI/2005/14844 Postal Regd. No. BN/42/21-23. ବ୍ରହ୍ମପୁର, ମଙ୍ଗଳବାର, ଏପ୍ରିଲ ୨୭/୨୦୨୧ Berhampur, Tuesday, April 27/ 2021

# କୁମିନ୍ସ ଦାନକଲେ ୫୦ ହଜାର ଡଲାର

**ନୂଆଦିଲ୍ଲୀ, ୨୬।୪ (ପି.ଟି.)**



ପ୍ୟାଟ୍ କୁମିନ୍ସ

ଭାରତରେ କୋଭିଡ୍ ବିରୋଧରେ ଲଢେଇ ପାଇଁ ସହାୟତାର ହାତ ବଢାଇଛନ୍ତି କୋଲକାତା ନାଇଟ ରାଇଡର୍ସ (କେକେଆର)ର ଅଷ୍ଟ୍ରେଲୀୟ ପେସ୍ ବୋଲର ପ୍ୟାଟ୍ କୁମିନ୍ସ। ସୋମବାର ସେ ପିଏମ୍ କେୟାର୍ସ ପାଣ୍ଠିକୁ ୫୦,୦୦୦ ଆମେରିକୀୟ ଡଲାର ସହାୟତା ଘୋଷଣା କରିଛନ୍ତି। କରୋନା ରୋଗୀଙ୍କୁ ଅକ୍ସିଜେନ ଯୋଗାଣ କ୍ଷେତ୍ରରେ ଏହି ଅର୍ଥକୁ ବ୍ୟୟ କରାଯିବା ସେ ଚାହାନ୍ତି। ବର୍ତ୍ତମାନ ପରିସ୍ଥିତିରେ ଆଇପିଏଲ୍ ଜାରି ରହିବା ସପକ୍ଷରେ ବୋଲି ସେ କହନ୍ତି। ଏହି ଟି୨୦ ଟୁର୍ନାମେଣ୍ଟ ବର୍ତ୍ତମାନ ପରିସ୍ଥିତିରେ କିଛି ସମୟ ଲୋକମାନଙ୍କୁ ଖୁସି କରାଇପାରୁଛି ବୋଲି ସେ କହିଛନ୍ତି।

# ଭାରତ ଜିତିଲା ୪ ପଦକ



ପଦକ ସହ ଅତନୁ ଦାସ ଓ ଦୀପିକା କୁମାରୀ।

**ଗୁଆଟାମଲା ସିଟି, ୨୬।୪ (ପି.ଟି.)**

ଭାରତୀୟ ତୀରନ୍ଦାଜ ଦମ୍ପତି ଦୀପିକା କୁମାରୀ ଓ ଅତନୁ ଦାସ ବ୍ୟକ୍ତିଗତ ବିଭାଗରେ ଦୁଇଟି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଫଳରେ ଏଠାରେ ଚାଲିଥିବା ତୀରନ୍ଦାଜୀ ବିଶ୍ୱକପ୍ ଷ୍ଟେଜ୍-୧ରେ

**ତୀରନ୍ଦାଜୀ ବିଶ୍ୱକପ୍ ଷ୍ଟେଜ୍-୧**

ଭାରତ ୩ ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ ସହ ମୋଟ ୪ ପଦକ ପାଇଏହାର ଅଭିଯାନ ଶେଷ କରିଛି। କୌଣସି ବିଶ୍ୱକପ୍‌ରେ ଭାରତର ଏହା ଶ୍ରେଷ୍ଠ ପ୍ରଦର୍ଶନ ବୋଲି ବିବେଚନା କରାଯାଉଛି। ବିଶ୍ୱର ପୂର୍ବତନ ନମ୍ବର ୱାନ ଖେଳାଳି ଦୀପିକା ତାଙ୍କ କ୍ୟାରିୟରରେ ତୃତୀୟ ଥର ବ୍ୟକ୍ତିଗତ ବିଶ୍ୱକପ୍ ସ୍ୱର୍ଣ୍ଣ ପଦକ ଜିତିପାରିଛନ୍ତି। ତାଙ୍କ ସ୍ୱାମୀ ଅତନୁ ପୁରୁଷ ରିକର୍ଭ ଫାଇନାଲରେ ବିଜୟ ଲାଭ କରିବା ସହ ସ୍ୱର୍ଣ୍ଣ ଜିତିପାରିଛନ୍ତି। ଏହି ଦୁଇଜଣ ସ୍ୱତଃପ୍ରବୃତ୍ତ ସିଜନର ସବୁଠାରୁ ବଡ଼ ମର୍ଯ୍ୟାଦାପୂର୍ଣ୍ଣ ଟୁର୍ନାମେଣ୍ଟକୁ ଆର୍ଚେରୀ ବିଶ୍ୱକପ୍ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ପୂର୍ବରୁ ଦୀପିକା, ଅଙ୍କିତା ଭକତ ଓ କୋମୋଲିକା ବାରିଙ୍କୁ ନେଇ ଭାରତୀୟ ମହିଳା ରିକର୍ଭ ଟିମ୍ ଫାଇନାଲରେ ମେକ୍ସିକୋକୁ ୫-୪ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ସ୍ଥାନୀୟ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଲସ୍ ଆର୍କସଠାରେ ମିକ୍ସଡ ଯୋଡ଼ି ଇଭେଣ୍ଟରେ ଅତନୁ ଓ ଭକତ ଯୋଡ଼ି ଟପ୍ ସିଡ୍ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍ଏ)କୁ ୬-୨ରେ ପରାସ୍ତ କରି ଏକ ବ୍ରୋଞ୍ଜ ପଦକ ଲାଭ କରିଥିଲା। ଏଠାରେ ତୃତୀୟ ସିଡ୍ ପ୍ରାପ୍ତ ତଥା ପୂର୍ବତନ ବିଶ୍ୱର ନମ୍ବର ୱାନ ଖେଳାଳି ବ୍ୟକ୍ତିଗତ ବିଭାଗ ଫାଇନାଲରେ ୟୁଏସ୍ଏର ମ୍ୟାକେଞ୍ଜି ବ୍ରାଉନ୍‌ଙ୍କୁ ୬-୫ରେ ପରାସ୍ତ କରିଥିଲେ। ଅନ୍ୟପକ୍ଷରେ ଅତନୁ ଫାଇନାଲରେ ସ୍ପେନର ଡାନିଲ କାଷ୍ଟ୍ରୋଙ୍କୁ ୬-୪ରେ ହରାଇ ଦେଇଥିଲେ।

# ରାଣୀଙ୍କ ସମେତ ମହିଳା ହକି ଦଳର ୭ଙ୍କୁ କରୋନା

**ନୂଆଦିଲ୍ଲୀ, ୨୬।୪ (ପି.ଟି.):** ଭାରତୀୟ ମହିଳା ହକି ଅଧିନାୟିକା ରାଣୀ ରାମପାଲଙ୍କ ସମେତ ଦଳର ୭ ସଦସ୍ୟ କରୋନା ଭୂତାଣୁରେ ସଂକ୍ରମିତ ହୋଇଛନ୍ତି। ବେଙ୍ଗାଲୁରୁସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ସେଣ୍ଟରରେ ଟ୍ରେନିଂ କ୍ୟାମ୍ପ ପୂର୍ବରୁ ଖେଳାଳିମାନଙ୍କ ସହ ୨ ଜଣ ସପୋର୍ଟ ଷ୍ଟାଫ୍‌ଙ୍କ ରିପୋର୍ଟ କୋଭିଡ୍-୧୯ ପଜିଟିଭ୍ ଆସିଛି। ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ଦେହରେ କୌଣସି ଲକ୍ଷଣ ପ୍ରକାଶ ପାଇ ନ ଥିଲା। ସେମାନଙ୍କୁ ସାଇ ସେଣ୍ଟରରେ ପର୍ଯ୍ୟବେକ୍ଷଣରେ ରଖାଯାଇଛି। ଖେଳାଳିମାନେ ସେମାନଙ୍କ ଘରୋଇ ସହରରେ ଥିଲେ। ବେଙ୍ଗାଲୁରୁସ୍ଥିତ ସାଇରେ ଟ୍ରେନିଂ ପାଇଁ ସେମାନେ ଆସିବା ପରେ ପ୍ରୋଟୋକଲ ଅନୁସାରେ ସେମାନଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖା ଯାଇଥିଲା। ଏପ୍ରିଲ ୨୪ରେ ନମୁନା ପରୀକ୍ଷା କରାଯାଇଥିଲା। ରାଣୀଙ୍କ ବ୍ୟତୀତ କରୋନା ସଂକ୍ରମିତ ହୋଇଥିବା ଅନ୍ୟ ଖେଳାଳିମାନେ ହେଲେ ସବିତା ପୁନିଆ, ଶର୍ମିଳା ଦେବୀ, ରଜନୀ, ନବଜୋତ କୌର, ନବନୀତ କୌର ଏବଂ ସୁଶୀଳା। ଏହା ବ୍ୟତୀତ ଭିଡିଓ ଆନାଲିଷ୍ଟ ଅମୃତପ୍ରକାଶ ଏବଂ ବୈଜ୍ଞାନିକ ପରାମର୍ଶଦାତା ୱେନି ଲୋମ୍ବାର୍ଡ ମଧ୍ୟ ସଂକ୍ରମିତ ହୋଇଛନ୍ତି। ୧୦ ଦିନର ବ୍ରେକ୍ ପରେ ଭାରତୀୟ ମହିଳା ହକି ଦଳର କୋର୍ ଗ୍ରୁପ ସଦସ୍ୟା ଟୋକିଓ ଅଲିମ୍ପିକ୍ସ ପ୍ରସ୍ତୁତି ପାଇଁ ଗତ ରବିବାର କ୍ୟାମ୍ପରେ ଯୋଗ ଦେଇଥିଲେ। ଟ୍ରେନିଂ ଆରମ୍ଭ ପୂର୍ବରୁ ୨୫ ଜଣିଆ କୋର୍ ଗ୍ରୁପ ଖେଳାଳିମାନେ ବାଧ୍ୟତାମୂଳକ କ୍ୱାରାଣ୍ଟାଇନ୍‌ରେ ଥିଲେ। ଗତ ଜାନୁୟାରୀରେ ଭାରତୀୟ ଦଳ ଆର୍ଜେଣ୍ଟିନା ଗସ୍ତ କରି ୭ ମ୍ୟାଚ ଖେଳିଥିଲା। ଏହାପରେ ଫେବୃୟାରୀରେ ଜର୍ମାନୀ ଗସ୍ତ କରି ୪ ମ୍ୟାଚ ଖେଳିଥିଲା।



ରାଣୀ ରାମପାଲ

# ଆଇପିଏଲ୍‌ରେ ଭୟର ବାତାବରଣ





ଆଇପିଏଲ୍‌ରୁ ଓହରି ଯାଇଥିବା ରୟାଲ୍ ଚାଲେଞ୍ଜର୍ସ ବାଙ୍ଗାଲୋର ଦୁଇ ଅଷ୍ଟ୍ରେଲୀୟ ଖେଳାଳି କେନ୍ ରିଚାର୍ଡସନ, ଆଡାମ ଜାମ୍ପା ଓ ଦିଲ୍ଲୀ କ୍ୟାପିଟାଲ୍ସର ରବିଚନ୍ଦ୍ରନ ଅଶ୍ୱିନ।

**ନୂଆଦିଲ୍ଲୀ, ୨୬।୪ (ପି.ଟି.)**

ଭାରତରେ କରୋନା ସଂକ୍ରମଣ ଦ୍ରୁତ ହାରରେ ବଢ଼ିଚାଲିଛି। ଏହାର ପ୍ରଭାବ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ପଡ଼ିଛି। ଭୟର ବାତାବରଣ ଯୋଗୁ କେତେଜଣ ଖେଳାଳି ସେମାନଙ୍କ ଦଳ ଛାଡ଼ି ଚାଲି ଯାଉଛନ୍ତି। ଖେଳାଳିମାନଙ୍କୁ ଜୈବ ସୁରକ୍ଷିତ ପରିବେଶରେ ରହିବାକୁ ହେଉଛି। ଟୁର୍ନାମେଣ୍ଟ ୬ଟି ଭେନ୍ୟୁରେ ପୁଣି ବିନା ଦର୍ଶକରେ ଅନୁଷ୍ଠିତ ହେଉଛି। ଅନେକ ଖେଳାଳି ଏଥିପାଇଁ ବିଷାଦଗ୍ରସ୍ତ ହୋଇଛନ୍ତି। ସୋମବାର ଭାରତର ପ୍ରମୁଖ ଅଫ୍‌ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଏବଂ ଅଷ୍ଟ୍ରେଲିଆର କେତେଜଣ ଖେଳାଳି ଲିଗ୍‌ରୁ ଓହରିଯାଇଛନ୍ତି। ଏହା ସତ୍ତ୍ୱେ ଲିଗ୍ ଜାରି ରହିବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କହିଛି। ୩୪ ବର୍ଷୀୟ ଅଶ୍ୱିନ ଦିଲ୍ଲୀ କ୍ୟାପିଟାଲ୍ସ ତରଫରୁ ଖେଳୁ ଥିଲେ। ତାଙ୍କ ପରିବାର କୋଭିଡ୍ ବିରୋଧରେ ସଂଘର୍ଷ ଚଳାଇଛି। ବର୍ତ୍ତମାନ ପରିସ୍ଥିତିରେ ସେମାନଙ୍କୁ ସେ ସହାୟତା କରିବାକୁ ଚାହୁଁଛନ୍ତି। ତେଣୁ ଟୁର୍ନାମେଣ୍ଟରୁ ସେ ଛୁଟି ନେବାକୁ ନିଷ୍ପତ୍ତି ନେଇଛନ୍ତି। ପରିସ୍ଥିତିରେ ସୁଧାର ଆସିଲେ ସେ ପୁଣି ଦଳ ସହ ଯୋଗ ଦେବେ ବୋଲି କହିଛନ୍ତି। ରାଜସ୍ଥାନ ରୟାଲ୍ସର ଆଣ୍ଡ୍ର୍ୟୁ ଟାଇ ଏବଂ ରୟାଲ ଚ୍ୟାଲେଞ୍ଜର୍ସର ଦୁଇ ଖେଳାଳି କେନ୍ ରିଚାର୍ଡସନ ଓ ଆଡାମ ଜାମ୍ପା ମଧ୍ୟ ଆଇପିଏଲ୍‌ରୁ ଓହରିଯାଇଛନ୍ତି। ଟୁର୍ନାମେଣ୍ଟର ପ୍ରଥମ ଦୁଇ ସପ୍ତାହ ସବୁ ଠିକ୍‌ଠାକ୍ ଥିଲା। ହଠାତ୍ ସେମାନେ ନିଜ ଦେଶକୁ ଫେରିଯିବାକୁ ସ୍ଥିର କରିଛନ୍ତି। ଜାମ୍ପା ଓ ରିଚାର୍ଡସନ ଏପର୍ଯ୍ୟନ୍ତ ସେମାନଙ୍କ ବ୍ୟକ୍ତିଗତ କାରଣ ସମ୍ପର୍କରେ ମୁହଁ ଖୋଲିନାହାନ୍ତି। ଟାଇ କିନ୍ତୁ କହିଛନ୍ତି, ଭାରତରେ କ୍ୱାରାଣ୍ଟାଇନ ସଂଖ୍ୟା ଯେପରି ଭାବେ ବୃଦ୍ଧି ପାଇବାରେ ଲାଗିଛି ଆଗକୁ କଟକଣା ଯୋଗୁ ତାଙ୍କ ହୋମ୍‌ଟାଉନ୍ ପର୍ଥକୁ ଫେରିବାରେ ବିଳମ୍ବ ଘଟିବା ଆଶଙ୍କା ରହିଛି। ଏହି ପରିସ୍ଥିତି ଉପୁଜିବା ପୂର୍ବରୁ ସେ ନିଜଘରକୁ ଫେରିଯିବାକୁ ଚାହାନ୍ତି। ଲେଗ୍ ସ୍ପିନର ଜାମ୍ପା ୧.୫ କୋଟି ଟଙ୍କାରେ କ୍ରୟ ହୋଇଛନ୍ତି। ଖେଳାଳି ନିଲାମବେଳେ ରିଚାର୍ଡସନଙ୍କୁ ୪ କୋଟି ଟଙ୍କାରେ କିଣିଛି ଆର୍‌ସିବି। ରିଚାର୍ଡସନ ଆର୍‌ସିବି ପକ୍ଷରୁ ଗୋଟିଏ ମ୍ୟାଚ ଖେଳିଛନ୍ତି। ମୁମ୍ବାଇରେ ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚରେ ୩ ଓଭର ବୋଲିଂ କରି ୨୯ ରନ ବିନିମୟରେ ଗୋଟିଏ ଉଇକେଟ ଅକ୍ତିଆର କରିଛନ୍ତି। କିନ୍ତୁ ଚଳିତ ସିଜନରେ ଜାମ୍ପା ଗୋଟିଏ ହେଲେ ମ୍ୟାଚରେ ଖେଳିବା ସୁଯୋଗ ପାଇ ନାହାନ୍ତି। ୩୪ ବର୍ଷୀୟ ଟାଇ ମଧ୍ୟ ରୟାଲ୍ସ ତରଫରୁ ଗୋଟିଏ ହେଲେ ମ୍ୟାଚ ଖେଳି ନାହାନ୍ତି। ଏହି ଫ୍ରାଞ୍ଚାଇଜ୍ କିନ୍ତୁ ତାଙ୍କ ସହିତ ୧ କୋଟି ଟଙ୍କାର ଚୁକ୍ତି କରିଛି। ଗତ କିଛିଦିନ ହେଲା ଭାରତରେ ଦୈନିକ ସଂକ୍ରମିତଙ୍କ ସଂଖ୍ୟା ୩ ଲକ୍ଷରୁ ଅଧିକ ରହିଛି। ଏତେ ସଂଖ୍ୟକ ରୋଗୀଙ୍କ ଚିକିତ୍ସା ପାଇଁ ଅକ୍ସିଜେନ ଓ କିଛି ଗୁରୁତ୍ୱପୂର୍ଣ୍ଣ ଔଷଧର ଅଭାବ ଦେଖା ଦେଇଛି। କୋଲକାତା ନାଇଟ ରାଇଡର୍ସ (କେକେଆର) ମେଣ୍ଟର ଡେଭିଡ ହସି କହିଛନ୍ତି, ଆଇପିଏଲ୍ ସହିତ ଜଡ଼ିତ କେତେଜଣ ଅଷ୍ଟ୍ରେଲୀୟ ଏଠିକାର ବର୍ତ୍ତମାନ ପରିସ୍ଥିତିରେ କିପରି ସ୍ୱଦେଶ ଫେରିବେ ସେ ନେଇ ନର୍ଭସ ହୋଇପଡ଼ିଛନ୍ତି। କୋଲକାତା ନାଇଟ ରାଇଡର୍ସ ଖେଳାଳି ପ୍ୟାଟ୍ କୁମିନ୍ସ ହସ୍ପିଟାଲକୁ ଅକ୍ସିଜେନ ଯୋଗାଣ କ୍ଷେତ୍ରରେ ସହାୟତା କରିବାକୁ ଯାଇ ପ୍ରଧାନମନ୍ତ୍ରୀଙ୍କ ପାଣ୍ଠିକୁ ୫୦,୦୦୦ ଆମେରିକୀୟ ଡଲାର ଦାନ କରିଛନ୍ତି। କେକେଆର ୧୫ କୋଟି ଟଙ୍କା ବିନିମୟରେ କୁମିନ୍ସଙ୍କୁ କ୍ରୟ କରିଛି। ଅନ୍ୟ ଜଣେ ପେସ୍ ବୋଲର ନାଥାନ

## ପ୍ରତିଯୋଗିତା ଚାଲୁରହିବ: ବିସିସିଆଇ

କୁଲଟର ନାଇଲ ବର୍ତ୍ତମାନ ପରିସ୍ଥିତିରେ ସ୍ୱଦେଶ ଫେରିବା ଅପେକ୍ଷା ବାୟୋ-ବବଲରେ ରହିବା ଅଧିକ ସୁରକ୍ଷିତ। କୁଲଟର ନାଇଲଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ ୫ କୋଟି ଟଙ୍କାରେ କ୍ରୟ କରିଛି। କ୍ରିକେଟ ଅଷ୍ଟ୍ରେଲିଆ (ସିଏ), ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ଏବଂ ନ୍ୟୁଜିଲାଣ୍ଡ କ୍ରିକେଟ ଲିଗ୍‌ରେ ଖେଳୁଥିବା ସେମାନଙ୍କ ଖେଳାଳିଙ୍କ ସହ ନିୟମିତ ଯୋଗାଯୋଗରେ ରହିଛନ୍ତି। ଜୁନ୍ ୨ରୁ ଇଂଲଣ୍ଡ ବିପକ୍ଷରେ ଯଦି ଏକ ଟେଷ୍ଟ ସିରିଜ ଆରମ୍ଭ ହୁଏ ତେବେ ଷ୍ଟାର ଖେଳାଳି କେନ୍ ୱିଲିୟମସନ ଓ ଟ୍ରେଣ୍ଟ ବୋଲ୍ଟଙ୍କ ସମେତ ନ୍ୟୁଜିଲାଣ୍ଡର ଷ୍ଟାର ଖେଳାଳିମାନେ ମେ'ଶେଷ ସପ୍ତାହରେ ଫେରିଯାଇ ପାରନ୍ତି। ଆଇପିଏଲ୍ ଫାଇନାଲ ଅହମଦାବାଦରେ ମେ ୩୦ରେ ଖେଳାଯିବା କାର୍ଯ୍ୟକ୍ରମ ରହିଛି। ଆଇପିଏଲ ସରିଲେ ଅଷ୍ଟ୍ରେଲିଆ ଏହାର ଆଇପିଏଲ ଖେଳାଳିଙ୍କୁ ଆଣିବା ଲାଗି ଏକ ସ୍ୱତନ୍ତ୍ର ବିମାନର ବ୍ୟବସ୍ଥା କରିପାରେ। ଇଭେଣ୍ଟରେ ବର୍ତ୍ତମାନ ୧୪ ଅଷ୍ଟ୍ରେଲିଆ ଖେଳାଳି ରହିଛନ୍ତି। ସେମାନଙ୍କ ମଧ୍ୟରେ ଷ୍ଟିଭ୍ ସ୍ମିଥ୍ (ଦିଲ୍ଲୀ କ୍ୟାପିଟାଲ୍ସ), ଡେଭିଡ ୱାର୍ନର (ସନରାଇଜର୍ସ ହାଇଦ୍ରାବାଦ) ଓ ପ୍ୟାଟ କୁମିନ୍ସ (କେକେଆର)ଙ୍କ ଭଳି ଷ୍ଟାର ଖେଳାଳି ରହିଛନ୍ତି। ଏହାଛଡ଼ା କୋଚ୍ ରିକି ପଣ୍ଟିଂ (ଦିଲ୍ଲୀ କ୍ୟାପିଟାଲ୍ସ) ଓ ସିମନ କାଟିଚ୍ (ଆର୍‌ସିବି) ମଧ୍ୟ ରହିଛନ୍ତି। ଇଭେଣ୍ଟ ସହ ସମ୍ପୃକ୍ତ ଅନ୍ୟ ଅଷ୍ଟ୍ରେଲୀୟଙ୍କ ମଧ୍ୟରେ ରହିଛନ୍ତି କମେଣ୍ଟେଟର ମାଥ୍ୟୁ ହେଡେନ, ବ୍ରେଟ୍ ଲି', ମାଇକେଲ ସ୍ଲାଟର ଓ ଲିସା ଷ୍ଟାଲେକର। ଆଇପିଏଲ୍‌ର ସବୁଠାରୁ ଦାମୀ ଖେଳାଳି ରାଜସ୍ଥାନ ରୟାଲ୍ସ ଦକ୍ଷିଣ ଆଫ୍ରିକୀୟ ବୋଲିଂ ଅଲରାଉଣ୍ଡର କ୍ରିସ ମୋରିସ କହିଛନ୍ତି, ଟିମ୍ ବୈଠକରେ ଭାରତରେ କୋଭିଡ୍ ପରିସ୍ଥିତିକୁ ନେଇ ସବୁବେଳେ ଆଲେଚନା ହେଉଛି। କ'ଣ ଘଟିଚାଲିଛି ତାହା ଉପରେ ପୂର୍ବାନୁମାନ କରିବା କଷ୍ଟକର। ଭାରତରେ ଅଭୁତପୂର୍ବ ସ୍ୱାସ୍ଥ୍ୟ ସଂକଟ ଦେଖା ଦେଇଥିବାବେଳେ ଫ୍ରାଞ୍ଚାଇଜ୍‌ଗୁଡ଼ିକ କ୍ରିକେଟରେ କିପରି ବିପୁଳ ଅର୍ଥ ବ୍ୟୟ କରୁଛନ୍ତି ବୋଲି ଆଇପିଏଲ ଅଧାରରୁ ଦଳ ଛାଡ଼ି ସ୍ୱଦେଶ ପଳାଇଥିବା ଆଣ୍ଡ୍ର୍ୟୁ ଟାଇ ପ୍ରଶ୍ନ କରିଛନ୍ତି।

# କୋଲକାତା ବୋଲର ପ୍ରଭାବୀ

**ଅହମଦାବାଦ, ୨୬।୪**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ସୋମବାର ଅନୁଷ୍ଠିତ ମ୍ୟାଚରେ କୋଲକାତା ନାଇଟ ରାଇଡର୍ସ ବୋଲରମାନେ ପ୍ରଭାବୀ ବୋଲିଂ କରିଛନ୍ତି। ଫଳରେ ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୯ ଉଇକେଟ ହରାଇ ୧୨୩ ରନ ସଂଗ୍ରହ କରିଛି।

ଟସ୍ ଜିତି କୋଲକାତା ଅଧିନାୟକ ଇଅନ ମୋର୍ଗାନ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ମୟଙ୍କ ଅଗ୍ରୱାଲ ଓ ଅଧିନାୟକ ଲୋକେଶ ରାହୁଲ ଓପନିଂ ଯୋଡ଼ିରେ ୩୬ ରନ ସଂଗ୍ରହ କରି ଭଲ ଆରମ୍ଭ କରିଥିଲେ। ମାତ୍ର ଏହି ଯୋଡ଼ି ଭାଙ୍ଗିବାପରେ ପଞ୍ଜାବ ଇନିଂସ ଦିଗହରା ହୋଇ ଯାଇଥିଲା। କୌଣସି ବ୍ୟାଟ୍ସମ୍ୟାନ କ୍ରିଜ୍‌ରେ ଅଧିକ ସମୟ ତିଷ୍ଠିପାରି ନ ଥିଲେ। ସ୍ଥିର ପ୍ରଦର୍ଶନ ଦେବାରେ ବିଫଳ ହୋଇଥିବା ରାହୁଲ ୨୦ ବଲ୍‌ରୁ ୨ ଚୌକା ଓ ୧ ଛକା ସହାୟତାରେ ୧୯ ରନ କରି ପ୍ରଥମେ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଖାତା ଖୋଲିବା ପୂର୍ବରୁ କ୍ରିସ୍ ଗେଲ୍ ଏବଂ ଦୀପକ ହୁଡା ୧ ରନ କରି ଆଉଟ ହେବାରୁ ୭ ରନ ମଧ୍ୟରେ ପଞ୍ଜାବ ୩ଟି ଉଇକେଟ ହରାଇ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା। କ୍ରିଜ୍‌ରେ ସେଟ୍ ହେବାସତ୍ତ୍ୱେ ମୟଙ୍କ ବଡ଼ ଇନିଂସ ଖେଳିପାରି ନ ଥିଲେ। ସେ ୩୪ ବଲ୍‌ରୁ ୩୧(୧ ଚୌକା, ୨ ଛକା) ରନ କରିଥିବାବେଳେ ସୁନୀଲ ନାରିନଙ୍କ ବଲ୍‌ରେ ରାହୁଲ ତ୍ରିପାଠୀଙ୍କୁ କ୍ୟାଚ ଦେଇ ପଡ଼ିଆ ଛାଡ଼ିଥିଲେ। ନିକୋଲସ ପୁରନ ୧୯ ଓ ମୋଇସେସ ହେନରିକ୍ସ ୨ ରନରେ ଆଉଟ ହେବାରୁ ପଞ୍ଜାବ ଇନିଂସ ୧୦୦ ସ୍ପର୍ଶକରିବା ନେଇ ଆଶଙ୍କା ଦେଖାଦେଇଥିଲା। ମାତ୍ର ଶେଷ ଭାଗରେ କ୍ରିସ୍ ଜୋର୍ଡାନଙ୍କ ୧୮ ବଲ୍‌ରୁ ଦ୍ରୁତ ୩୦(୧ ଚୌକା, ୩ ଛକା) ରନ ଯୋଗୁ ଦଳ ୨୦ ଓଭରରେ ୯ ଉଇକେଟ ହରାଇ ୧୨୩ ରନ କରି ପାରିଥିଲା। ଶାହରୁଖ ଖାଁ ୧୩ ରନ କରିଥିଲେ। ନାଇଟ ରାଇଡର୍ସ ବୋଲରଙ୍କ ମଧ୍ୟରେ ପ୍ରସିଦ୍ଧ କ୍ରିଷ୍ଣା ୩ଟି, ପ୍ୟାଟ୍ କୁମିନ୍ସ ଓ ସୁନୀଲ ନାରିନ ୨ଟି ଲେଖାଏ ଏବଂ ଶିବମ୍ ମାଭି ଓ ବରୁଣ ଚକ୍ରବର୍ତ୍ତୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ମାଭି ନିଜ ୪ ଓଭର ସ୍ପେଲ୍‌ରେ ମାତ୍ର ୧୩ ରନ ବ୍ୟୟ କରିଥିଲେ। ପୂର୍ବ ମ୍ୟାଚଗୁଡ଼ିକଭଳି ଏଠାରେ ମଧ୍ୟ ଆନ୍ଦ୍ରେ ରସେଲଙ୍କୁ ଅଧିକ ଓଭର ବୋଲିଂ ଦିଆଯାଇ ନ ଥିଲା। ସେ ମାତ୍ର ୧ ଓଭର ବୋଲିଂ ସୁଯୋଗ ପାଇ ୨ ରନ ବ୍ୟୟ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୧୨୩/୯ (ମୟଙ୍କ ଅଗ୍ରୱାଲ-୩୧, କ୍ରିସ୍ ଜୋର୍ଡାନ-୩୦, ପ୍ରସିଦ୍ଧ କ୍ରିଷ୍ଣା-୩/୩୦, ପ୍ୟାଟ୍ କୁମିନ୍ସ-୨/୩୧, ସୁନୀଲ ନାରିନ-୨/୨୨)।



ଉଇକେଟ ନେବାପରେ ସୁନୀଲ ନାରିନ (ଡାହାଣ)ଙ୍କୁ ଦିନେଶ କାର୍ତ୍ତିକଙ୍କ ବଧେଇ।

## ସୁପର ଓଭରରେ ଜିତିଲା ଦିଲ୍ଲୀ

**ଚେନ୍ନାଇ,୨୬।୪:** ଚଳିତ ଆଇପିଏଲ୍‌ର ପ୍ରଥମ ଟାଇ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ସୁପରଓଭର ମାଧ୍ୟମରେ ସନରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରିଛି। ଚେପକ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ଦିଲ୍ଲୀ ଟସ୍ ଜିତି ବ୍ୟାଟିଂ କରି ୪ ଉଇକେଟ ହରାଇ ୧୫୯ ରନ ସଂଗ୍ରହ କରିଥିଲା। ଜବାବରେ ହାଇଦ୍ରାବାଦ ମଧ୍ୟ ୨୦ ଓଭରରେ ୭ ଉଇକେଟ ହରାଇ ସମାନ ୧୫୯ ରନ ସଂଗ୍ରହ କରିଥିଲା। ଫଳରେ ମ୍ୟାଚ୍ ଟାଇ ରହିଥିଲା। ସୁପର ଓଭରରେ ପ୍ରଥମେ ବ୍ୟାଟିଂ କରି ହାଇଦ୍ରାବାଦ ୭ ରନ କରିଥିଲା। ଜବାବରେ ଦିଲ୍ଲୀ ୮ ରନ କରି ବିଜୟୀ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୫୯/୪ (ପୃଥ୍ୱୀ- ୫୩, ପନ୍ତ- ୩୭, କାଉଲ- ୨/୩୧, ରସିଦ- ୧/୩୧)। ସନରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୫୯/୭ (ୱିଲିୟମସନ- ୬୬*, ବେୟାରଷ୍ଟୋ- ୩୮, ଆଭେସ- ୩/୩୪, ଅକ୍ଷର- ୨/୨୬)

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଚେନ୍ନାଇ ସୁପରକିଙ୍ଗ୍ସ | ୫ | ୪ | ୧ | ୮ | +୧.୬୧୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୫ | ୪ | ୧ | ୮ | +୦.୩୩୪ |
| ରୟାଲ ଚ୍ୟାଲେଞ୍ଜର୍ସ | ୫ | ୪ | ୧ | ୮ | +୦.୦୯୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୫ | ୨ | ୩ | ୪ | -୦.୦୩୨ |
| ପଞ୍ଜାବ କିଙ୍ଗ୍ସ | ୫ | ୨ | ୩ | ୪ | -୦.୪୨୮ |
| ରାଜସ୍ଥାନ ରୟାଲ୍ସ | ୫ | ୨ | ୩ | ୪ | -୦.୬୮୧ |
| ସନ୍‌ରାଇଜର୍ସ | ୫ | ୧ | ୪ | ୨ | -୦.୧୮୦ |
| ନାଇଟ ରାଇଡର୍ସ | ୫ | ୧ | ୪ | ୨ | -୦.୬୭୫ |




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ